

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୪ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 14 May 2024
Vol.No. 35 ■ No.129 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଚତୁର୍ଥ ପର୍ଯ୍ୟାୟରେ ୯୬ ଲୋକସଭା ଓ ଆନ୍ଧ୍ରପ୍ରଦେଶ ସମସ୍ତ ୧୭୫ ଏବଂ ଓଡ଼ିଶାର ୨୮ଟି ବିଧାନସଭା ଆସନରେ ମତଦାନ

ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୩/୫ : ଖରାକୁ ଖାତିର ନାହିଁ, ବାଧକ ସାଜିନି ବୟସ, ଅଟକାଇ ପାରିନି ଅକ୍ଷମତା । ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାକୁ ମନରେ ଢେର୍ ଉତ୍ସାହ, ବିଶେଷ ଆକର୍ଷଣ। ଦୀର୍ଘ ୫ ବର୍ଷ ପରେ ପୁଣି ମତଦାନ ମହାନ ସୁଯୋଗ ମିଳିଥିବାରୁ ଆଜି ସକାଳୁ ସକାଳୁ ବୁଥ୍‌ଗୁଡ଼ିକ ଆଗରେ ଲାଗିଥିଲା ଏମିତି ଲମ୍ବା ଲାଇନ୍। ମତାଧିକାର ସାବ୍ୟସ୍ତ ଲାଗି ଯୁବାବର୍ଗଙ୍କ ମଧ୍ୟରେ ଯେତିକି ଉତ୍ସାହ ଥିଲା, ଉପାନ୍ତ ଆଦିବାସୀ ଇଲାକାର ଆଦିମ ଜନଜାତି ଭୋଟରଙ୍କ ଭିତରେ ଥିଲା ତାଠୁ ଅଧିକ ଆକର୍ଷଣ। ଗୋପାଳପୁର ସିନ୍ଧିଗାଁ ଭୋଟଗ୍ରହଣ କେନ୍ଦ୍ରରେ ୧୦୮ ବର୍ଷୀୟା ବୃଦ୍ଧା, ଟ୍ରାଇସାଇକେଲରେ ଆସି ମତଦାନ କରି ନିଜ ମନ ପସନ୍ଦର ନେତା ବାଛିଥିଲେ । ସେହିଭଳି ବ୍ରହ୍ମପୁର, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଆଦି ସ୍ଥାନରେ ଦେଖିବାକୁ ମିଳିଥିଲା ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାର ଅପୂର୍ବ ଦୃଶ୍ୟ। ବୟସ୍କ, ମହିଳା, ଭିନ୍ନକ୍ଷମମାନେ ବି ନିଜ ଆଙ୍ଗୁଠିରେ କାଳି ବୋଳି ମତାଧିକାରୀ ସାବ୍ୟସ୍ତ ସହ ଭୋଟଦାନର ଅଭୁଲା ଅନୁଭୂତି ସାଉଁଟୁଥିଲେ। ସେହିଭଳି ୧୮ରେ ଛୁଇଁବା ପରେ ପ୍ରଥମ ଥର ବୁଥକୁ ଆସି ବେଶ୍ ଉତ୍ସାହିତ ଥିଲେ ଅନେକ ସାବାଳକ ଯୁବା ଭୋଟର। ଆଜିର ପାଗ ବିଶେଷ ଅନୁକୂଳ ଥିବାରୁ ମତାଦାତାଙ୍କ ପାଇଁ କୌଣସି ସମସ୍ୟା ନଥିଲା। ସକାଳ ଓ ଅପରାହ୍ଣରେ ବୁଥରେ ଭିଡ଼ ଅପେକ୍ଷାକୃତ ଅଧିକ ଥିଲା। ଏପଟେ ସମୟ ବଢିବା ସହ ମତଦାନ ପ୍ରକ୍ରିୟାରେ ସାମିଲ ହେଉଥିଲେ ବିଭିନ୍ନ ବୟସ ଓ ବର୍ଗର ଭୋଟର। ରାୟଗଡ଼ା ଗୁଣପୁରରେ ନିଜ



ପାରମ୍ପାରିକ ପୋଷାକ ପରିଧାନ କରି ମତଦାନ କେନ୍ଦ୍ରକୁ ଆସିଥିଲେ ଲାଞ୍ଜିଆ ସଉରା ଜନଜାତିର ଭୋଟର। ରାୟଗଡ଼ା ନିୟମଗିରିର ଡଙ୍ଗରିଆ କନ୍ଧଙ୍କ ମଧ୍ୟରେ ବି ଦେଖିବାକୁ ମିଳିଥିଲା ମତଦାନ ପ୍ରତି ଅହେତୁକ ଆଗ୍ରହ। ସେପେଟ ଭୋଟରଙ୍କୁ ଉତ୍ସାହିତ କରିବାକୁ ବିଭିନ୍ନ ସ୍ଥାନରେ ହୋଇଥିଲା ଅଭିନବ ପ୍ରୟାସ। ଜୟପୁର ଚନ୍ଦନବାଡ ବୁଥରେ ମତଦାତାଙ୍କ ପାଇଁ ହୋଇଥିଲା ▶▶ପୃଷ୍ଠା ୭

## କ୍ୟାମେରାରେ ଧରାପଡ଼ିଲେ: ଦୁଇ ପ୍ରିଜାଇଡିଂ ଅଫିସରଙ୍କୁ ଗିରଫ କରିବାକୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଗଂଜାମ, ୧୩/୫ (ନି.ପ୍ର): ରାଜ୍ୟରେ ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ଡ୍ୟୁଟିରେ ଗୁରୁତର ଅବହେଳା ପାଇଁ ୨ ଜଣ ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରିବା ସହିତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ। ଏକ ସାମ୍ବାଦିକ ସମ୍ମିଳନୀରେ ନିଜେ ଶ୍ରୀ ଧଳ ଏହି ସୂଚନା ଦେଇଛନ୍ତି। ଛତ୍ରପୁରର ୨୭ ଓ ୧୬୩ ନମ୍ବର ବୁଥ୍‌ର ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରିବା ସହିତ ଗିରଫ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ



ବିହାରୀ ଧଳ। ସେମାନେ ଡ୍ୟୁଟିରେ ଗୁରୁତର ଅବହେଳା କରିଥିବା ୱେବ୍ କାଷ୍ଟିଂ ଜରିଆରେ ଦେଖିବାକୁ ମିଳିଥିଲା। ତେଣୁ ସେମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ଧଳ କହିଛନ୍ତି। ଏହା ସହିତ ଗୋପାଳପୁରର ୧୯୩ ନମ୍ବର ବୁଥ୍‌ର ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ▶▶ପୃଷ୍ଠା ୭

## ବର୍ଜନ କଲେ: ପଡ଼ିଲାନି ଖଣ୍ଡିଏ ଭୋଟ୍

ନବରଙ୍ଗପୁର, ୧୩/୫ (ନି.ପ୍ର): ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆଜି ଅନୁଷ୍ଠିତ ହୋଇଯାଇଥିବା ବେଳେ କିଛି ସ୍ଥାନରେ ପଡ଼ିନି ଗୋଟିଏ ବି ଭୋଟ୍। ଲୋକଙ୍କ ଭୋଟ୍ ବର୍ଜନ ନିଷ୍ପତ୍ତି ଯୋଗୁଁ ଦେଖିବାକୁ ମିଳିଥିଲା ଏମିତି ସ୍ଥିତି। କେଉଁଠି ରାସ୍ତା ନାହିଁ ତ ଭୋଟ୍ ନାହିଁ, ଆଉ କେଉଁଠି ବିଜୁଳି ଓ ନେଟୱର୍କ ନାହିଁ ତ ଭୋଟ୍ ନାହିଁର ନାରା ଦେଇଥିଲେ ଲୋକେ। ଗାଁକୁ ରାସ୍ତା ନହେବାରୁ ନବରଙ୍ଗପୁର ତେନ୍ତୁଳିଖୁଣ୍ଟି ବ୍ଲକ୍ ଖଣ୍ଡିଆଗୁଡ଼ା ଗାଁ ଲୋକେ ଆଜି ଭୋଟ୍ ଦେଇନାହାନ୍ତି। ବିଜୁଳି, ଜଙ୍ଗଲଜମି ପଟ୍ଟା ଓ ସ୍କୁଲକୁ ସୁବିଧା



ଆଦି ଦାବି ପୂରଣ ହୋଇନଥିବାରୁ ଭୋଟ୍ ବର୍ଜନ କରିଛନ୍ତି ଉମରକୋଟ ନିର୍ବାଚନ ମଣ୍ଡଳୀର ରାଇଘର ବ୍ଲକ୍ ଖୁଡ୍ଡୁକୁ ପଞ୍ଚାୟତର ୯ଟି ଗାଁର ଲୋକେ। କୋରାପୁଟ ଜିଲ୍ଲା ନାରାୟଣପାଟଣା ୧୭୪ ନମ୍ବର ବୁଥ ବାହାରେ ଲୋକମାନେ ମୌଳିକ ସମସ୍ୟାକୁ ନେଇ ପ୍ରତିବାଦ ପ୍ରଦର୍ଶନ କରିଥିବା ବେଳେ ଦଶମନ୍ତପୁର ବ୍ଲକ୍ ପଦୁଗୁଡ଼ାରେ ବି ଲୋକେ ଭୋଟ୍ ଦେଇନାହାନ୍ତି। ଗଜପତି ଜିଲ୍ଲା ମୋହନାରେ ରାସ୍ତା, ପାଣି ଓ ମୋବାଇଲ ନେଟୱର୍କ ଦାବିରେ ଭୋଟ୍ ବର୍ଜନ କରିଛନ୍ତି ୬ ଖଣ୍ଡ ଗାଁ ଲୋକେ। ▶▶ପୃଷ୍ଠା ୭

## ଅନୁଭବ ମହାନ୍ତିଙ୍କ ନାଁରେ ଏନବିଡବ୍ଲ୍ୟୁ ଜାରି: ହୋଇପାରନ୍ତି ଗିରଫ



କଟକ, ୧୩/୫ (ନି.ପ୍ର):ବଢ଼ିଛି ସାଂସଦ ଅନୁଭବ ମହାନ୍ତିଙ୍କ ଅଡୁଆ। ତାଙ୍କ ନାଁରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି କଟକ ଜେଏମଏଫସି (ଗଚ, ଗଖଇ) କୋର୍ଟ। ଏକ ମାମଲାରେ ଚାର୍ଜଫ୍ରେମ୍ ପାଇଁ ହାଜର ନ ହୋଇ ବାରମ୍ବାର ସମୟ ମାଗୁଥିଲେ ଅନୁଭବ। ▶▶ପୃଷ୍ଠା ୭

## ଭୋଟ୍ ଲଢ଼େଇ ଆରମ୍ଭରୁ ହଙ୍ଗାମା



ଗଞ୍ଜାମ, ୧୩/୫ (ନି.ପ୍ର): ରାଜ୍ୟରେ ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ଲୋକସଭା ଆସନ ଏବଂ ଏହିସବୁ ଆସନ ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଇଛି। ତେବେ ଆଜି ମତଦାନ ସମୟରେ ▶▶ପୃଷ୍ଠା ୭

## ଘାଟିରେ ଓଲଟିଲା ବସ୍, ୧୮ ଆହତ

କେନ୍ଦୁଝର, ୧୩/୫ (ନି.ପ୍ର): ଏକ ବସ୍ ଓଲଟି ପଡ଼ିବାରୁ ୧୮ ଜଣ ଯାତ୍ରୀ ଆହତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାରେ ଏହି ଦୁର୍ଘଟଣା ଘଟିଛି। ଆହତମାନଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମା' ନାମକ ଏହି ବେସରକାରୀ ବସ୍ କେନ୍ଦୁଝରରୁ ତେଲକୋଇ ଦେଇ ରାଉରକେଲା ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି କାଞ୍ଜିପାଣି ଘାଟି ଓହ୍ଲାଇବା ସମୟରେ କୁସୁମ ଘାଟି ପରେ ଥିବା ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ୧୮ ଆହତଙ୍କ ମଧ୍ୟରୁ ୧୬ ଜଣଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ବିଜେଡିର ଟଙ୍କା ବାଂଟିବା ଅଭିଯୋଗକୁ ସତ ପ୍ରମାଣିତ କଲେ ଦଳୀୟ ନେତ୍ରୀ: ପୁଳାପୁଳା ଟଙ୍କା ସହ ଧରାପଡ଼ିଲେ




ପୁରୁଣାକଟକ, ୧୩/୫ (ନି.ପ୍ର): ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଖୋଲା ଉଲ୍ଲଙ୍ଘନ କରି ବିଜେଡିର ଜଣେ ନେତ୍ରୀ ପୁଳାପୁଳା ଟଙ୍କା ସହ ଧରାପଡ଼ିଛନ୍ତି । ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବିଜେଡି ବିପୁଳ ପରିମାଣର ଟଙ୍କା ବାଂଟୁଛି ବୋଲି ବିଜେପି କରୁଥିବା ଅଭିଯୋଗକୁ ଦଳୀୟ ନେତ୍ରୀ ସତ ପ୍ରମାଣିତ କରିଛନ୍ତି । ତାଙ୍କ ଗାଡ଼ିରୁ ପ୍ରାୟ ୧୩ଲକ୍ଷ ଟଙ୍କା ଜବତ ହୋଇଥିବା ଜଣାପଡ଼ିଛି । ନିର୍ବାଚନ ଦାୟିତ୍ୱରେ ଥିବା ଫ୍ଲାଇଂ ସ୍କ୍ୱାର୍ଡ ଟିମ୍ ବିଜେଡି ପ୍ୟାନେଲିଷ୍ଟ ଅପୂର୍ବା ଅପରୂପାଙ୍କ ସମେତ ଅନ୍ୟ ଜଣେ ଯୁବତୀ ଓ ଗାଡ଼ିଚାଳକଙ୍କୁ ଅଟକ ରଖିଥିବାର ସୂଚନା ମିଳିଛି । ପ୍ରତ୍ୟେକ ନିର୍ବାଚନରେ ବିଜେଡି ବିରୁଦ୍ଧରେ ଟଙ୍କା ବାଂଟିବାର ଅଭିଯୋଗ ଆସୁଥିଲେ ମଧ୍ୟ କେବେ ଦଳର ନେତା କିମ୍ବା ନେତ୍ରୀଙ୍କଠୁ ନଗଦ ଟଙ୍କା ଜବତ କରିବାରେ ପୁଲିସ ସକ୍ଷମ ହୋଇନଥିଲା । ସୂଚନା ଅନୁସାରେ, ରାଜ୍ୟର ୬ଟି ଜିଲ୍ଲାରେ ଦଳର ଛାତ୍ର ୟୁନିଟ୍‌କୁ ଏକଜୁଟ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ▶▶ପୃଷ୍ଠା ୭

## ବାରାଣସୀରେ ମୋଦି ଓ ଯୋଗୀଙ୍କ ବିଶାଳ ରୋଡ ଶୋ'



ନୂଆଦିଲ୍ଲୀ, ୧୩/୫ : ଆସନ୍ତାକାଲି ବାରାଣସୀ ଲୋକସଭା ଆସନ ପାଇଁ ନାମାଙ୍କନ ଦାଖଲ କରିବେ ପ୍ରଧାନମନ୍ତ୍ରୀ ମୋଦି। ଦିନ ୧୧.୩୦ରେ ସେ ନାମାଙ୍କନ ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ସେ ପୂଜାର୍ଚ୍ଚନା କରିବା ସହ ନିଜ କାର୍ଯ୍ୟକର୍ତ୍ତାଙ୍କୁ ଭେଟିବେ। ଆସନ୍ତାକାଲିର ନାମାଙ୍କନ ପୂର୍ବରୁ ଆଜି ନିଜ ନିର୍ବାଚନ ମଣ୍ଡଳୀର ବାରାଣସୀରେ ମୋଦି ବିଶାଳ ରୋଡ ଶୋ' କରିଛନ୍ତି। ରୋଡ ଶୋ' ପୂର୍ବରୁ ସେ ପ୍ରଥମେ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲା। ଏହାପରେ ରୋଡ ଶୋ'ରେ ବାହାରି ଥିଲେ। ରୋଡ ଶୋ' ବେଳେ ବିଜେପି କାର୍ଯ୍ୟକର୍ତ୍ତା ଓ ସମର୍ଥକମାନେ ପ୍ରଧାନମନ୍ତ୍ରୀଙ୍କୁ ବିଭିନ୍ନ ସାଂସ୍କୃତି କାର୍ଯ୍ୟକ୍ରମ ଜରିଆରେ ସ୍ୱାଗତ କରିଥିଲେ। ଶେହନାଇ, ଶଙ୍ଖନାଦ ଓ ଡମ୍ବୁର ଶବ୍ଦରେ ପୂରା ▶▶ପୃଷ୍ଠା ୭

## ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ହାଣିଲେ

ଝାରସୁଗୁଡ଼ା, ୧୩/୫ (ନି.ପ୍ର): ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଅଭିଯୋଗ। ମୃତକଙ୍କ ନାଁ ହେଉଛି ରାଜୁ ବାଗ (୪୨)। ତାଙ୍କ ଘର ଖମାରଡ଼ିହି ଗାଁରେ। ହତ୍ୟା ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତର ପରିଚୟ ଜଣାପଡ଼ି ନାହିଁ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଏଭଳି ବିଭତ୍ସ ହତ୍ୟାକାଣ୍ଡ ଘଟିଛି ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନାର ଗଞ୍ଜୁଡ଼ିହି ଗାଁରେ। ଆଜି ସକାଳେ ରାଜୁ ଓ ତାଙ୍କ ସ୍ତ୍ରୀ ଗଞ୍ଜୁଡ଼ିହି ଗାଁକୁ କୌଣସି କାମରେ ଯାଉଥିଲେ। ରାସ୍ତାରେ ଯିବା ବେଳେ ଗଞ୍ଜୁଡ଼ିହି ଗାଁର ଜଣେ ବ୍ୟକ୍ତି ରାଜୁଙ୍କୁ ଦେଖି ରକ୍ତ ମୁଖା ହୋଇଯାଇଥିଲେ। କିଛି ସମୟ ମଧ୍ୟରେ ମନବିକତା ହରାଇ ହୋଇଯାଇଥିଲେ ନରହନ୍ତା ରାକ୍ଷାସ। ବ୍ୟକ୍ତି ଜଣଙ୍କ ହାତରେ ଗୋଟିଏ ଟଙ୍ଗିଆ ଧରି ରାଜୁଙ୍କୁ ଗୋଡ଼ାଇ ଗୋଡ଼ାଇ ଗାଁ ଦାଣ୍ଡରେ ହାଣି ଥିଲେ। ରାଜୁ କିଛି ବୁଝିବା ଆଗରୁ ବାରମ୍ବାର ମାରଣା ଅସ୍ତ୍ରରେ ଚୋଟ ▶▶ପୃଷ୍ଠା ୭

## ଅଡୁଆରେ ବିଜେପି ଫାୟାରବ୍ରାଣ୍ଡ ପ୍ରାର୍ଥୀ ମାଧବୀଲତା : ମୁସଲିମ ଭୋଟରଙ୍କ ବୁର୍ଖା କାଢି ପରିଚୟପତ୍ର ଯାଂଚ, ମାମଲା ରୁଜୁ

ନୂଆଦିଲ୍ଲୀ, ୧୩/୫ : ଅଡୁଆରେ ବିଜେପିର ଫାୟରବ୍ରାଣ୍ଡ ପ୍ରାର୍ଥୀ ମାଧବୀଲତା । ପୋଲିଂ ବୁଥରେ ମୁସଲିମ ମହିଳାଙ୍କ ପରିଚୟ ପତ୍ର ଯାଂଚ କରି ସେ ଅଡୁଆରେ ପଡିଛନ୍ତି ।କେବଳ ସେତିକି ନୁହେଁ ମହିଳାଙ୍କୁ ବୁର୍ଖା ଟେକି ମୁହଁ ଦେଖାଇବାକୁ ମାଧବୀଲତା ବାଧ କରିଥିଲେ। । ଭିଡିଓ ସାମ୍ନାକୁ ଆସିବାରେ ପ୍ରଥମେ ଭାଇରାଲ ଓ ପରେ ବିବାଦ ବଢ଼ିଛି । ଆଇପିସି ଓ ଜନପ୍ରତିନିଧି ଆଇନ ଅନୁସାରେ ତାଙ୍କ ନାଁରେ ମାମଲା ରୁଜୁ ହୋଇଛି । ମାଲାକପେଟ ଥାନାରେ ମାମଲା ରୁଜୁ କରାଯାଇଛି । ଆଜି ୪ର୍ଥ ପର୍ଯ୍ୟାୟ ପାଇଁ ଭୋଟ ପଡୁଥିବାବେଳେ ବିଭିନ୍ନ ପୋଲିଂବୁଥରେ ପହଁଚିଥିଲେ ମାଧବୀ ।ରାଜ୍ୟ ନିର୍ବାଚନ ଅଧିକାରୀ ଭିଡିଓ ଭାଇରାଲ ହେବା ପରେ ପ୍ରତିକ୍ରିୟା ରଖିଛନ୍ତି । କୌଣସି ପ୍ରାର୍ଥୀଙ୍କ ଅଧିକାର ନାହିଁ ଯେ ଭୋଟରଙ୍କ ପରିଚୟପତ୍ର ଯାଂଚ କରିବେ । ଯଦି କୌଣସି ସନ୍ଦେହ ହେଉଛି ତେବେ ନିର୍ବାଚନ କମିଶନ ଅଧିକାରୀଙ୍କୁ ଅବଗତ କରାଇପାରିବେ । ମାଧବୀଲତା ବୁର୍ଖା କାଢ଼ିବା କହି



ପରିଚୟ ପତ୍ର ସହ ଭୋଟରଙ୍କ ଚେହେରା ମିଶୁଛି ନା ନାହିଁ ଏଭଳି କରିବା ନିୟମର ଉଲ୍ଲଂଘନ ବୋଲି ରାଜ୍ୟ ନିର୍ବାଚନ କମିଶନ କହିଛନ୍ତି । ସେପଟେ ସଫେଇ ରଖିଛନ୍ତି ମାଧବୀ ।

## ସୋରେନ୍ କହିଲେ- କେଜ୍ରିୱାଲଙ୍କ ଭଳି ମୋତେ ବି ଜାମିନ ମିଳୁ: ମନା କରିଦେଲେ କୋର୍ଟ

ନୂଆଦିଲ୍ଲୀ, ୧୩/୫ : ସୁପ୍ରିମକୋର୍ଟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଉଦାହରଣ ଦେଲେ। କହିଲେ କେଜ୍ରିୱାଲଙ୍କ ଭଳି ମୋତେ ବି ଜାମିନ ମିଳୁ। କିନ୍ତୁ ଶୁଣିଲେନି ସୁପ୍ରିମ କୋର୍ଟ। ଜାମିନ ଦେବାକ ସିଧା ସିଧା ମନା କରିଦେଲେ। ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ହେମନ୍ତ ସୋରେନଙ୍କ ଜାମିନ ଆବେଦନର ଆଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଏହି ସମୟରେ ହେମନ୍ତ ସୋରେନଙ୍କ ପକ୍ଷରୁ ହାଜର ହୋଇଥିବା ଓକିଲ କପିଲ ସିବଲ ଅନେକ ଯୁକ୍ତି ଦର୍ଶାଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଦିଆଯାଇଥିବା ଜାମିନର ▶▶ପୃଷ୍ଠା ୭



# ଧୋକା ଦେଲା ସରକାରୀ ବିହନ: ଅଗାଡ଼ି ହେଲାଣି ବୀଣା ଧାନ

ଯାଜପୁରସଦର, ୧୩/୫ (ନି.ପ୍ର): ଚାଷୀଙ୍କୁ ଏବେ ଚାଷ ଅପେକ୍ଷା ନକଲି ବିହନ ଚିନ୍ତା ଘାରିଛି । ଅନେକ ସମୟରେ ସରକାରୀ ବିହନ ଭଲ ଫଳ ଦେଉନଥିବାରୁ ଚାଷୀ କ୍ଷତି ସହୁଛନ୍ତି। ଯାଜପୁର ଅଞ୍ଚଳରେ ରବି ଫସଲରେ 'ବୀଣା' କିସମ ଧାନ ଚାଷ କରିଥିବା ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି। କାରଣ ଗଛରେ ଥିବା ଏହି ଧାନ ଏବେ ଅଗାଡ଼ି ହୋଇଯାଉଛି।



ଯାଜପୁର ବ୍ଲକ୍ ବିଚିତ୍ରପୁର ପଞ୍ଚାୟତ ଅବଦଲପୁର ଗ୍ରାମରେ ଅନେକ ଚାଷୀ ରବିଋତୁରେ ଧାନଚାଷ କରିଛନ୍ତି। ଏହି ଅଞ୍ଚଳ ଧୋଇଆ ବା ବନ୍ୟା ପ୍ରଭାବିତ ହୋଇଥିବାରୁ ଶହଶହ ଚାଷୀ ରବିଧାନ ଚାଷକୁ ଗୁରୁତ୍ୱ ଦେଇଥାନ୍ତି। ଏଥର ଶତାଧିକ ଚାଷୀ ୫୦ ଏକରରୁ ଅଧିକ ଜମିରେ 'ବୀଣା' କିସମ ଧାନ ଚାଷ କରିଥିଲେ। ସ୍ଥାନୀୟ ସାର ବିକ୍ରୟ କେନ୍ଦ୍ରରୁ ସେମାନେ ସରକାରୀ ବିହନ କିଣିଥିଲେ। ଭଲ ଗଛ ହୋଇଥିବାରୁ ଭଲ ଧାନ ହେବ ବୋଲି ଚାଷୀ ଆଶା ରଖିଥିଲେ। ଏବେ ଫଳ ବାହରିବା ପୂର୍ବରୁ ଅଗାଡ଼ି ହେବା ପରିସ୍ଥିତି ସୃଷ୍ଟି ହୋଇଛି। ଫୁଲ ନଉଡ଼ିବାରୁ ଓ କ୍ଷୀର ଧରିନଥିବାରୁ ଚାଷୀଙ୍କ ଏକରଏକର ଚାଷ ଜମି ଏବେ ଫସଲଶୂନ୍ୟ ହୋଇଛି। ଅନେକ ଚାଷୀ ଭାଗଚାଷ କରିବା ସହ ଧାରକରଜ କରି ବେଉସା କରିଥିଲେ। ଏବେ ତାକୁ କିପରି ଭରଣା କରିବେ ବୋଲି ପ୍ରଶ୍ନ କରିଛନ୍ତି। ଚାଷୀ ସରକାରୀ ବସ୍ତାରେ ସରକାରୀ ଲୋଗୋ ଥିବା ବିହନ କିଣିଥିବା ଦାବି କରିଛନ୍ତି। ଏଭଳି ସ୍ଥିତିରେ ବିହନରେ ତ୍ରୁଟି ରହିଛି ନା ଆଉ କେଉଁଠି ଭୁଲ ରହିଛି, ଯେଉଁଥିପାଇଁ ଏପରି କ୍ଷତି ହେଲା ତାହା ଜାଣି ପାରୁନାହାନ୍ତି। କେତେକ ଚାଷୀ ଆଜି ବିହନ କିଣିଥିବା ଡିଲର ପାଖରେ ପହଞ୍ଚି ହୋହଲ୍ଲା କରି କ୍ଷତିପୂରଣ ମାଗିଥିଲେ। ଡିଲର ଏନେଇ ସଂପୃକ୍ତ ବିହନ ଯୋଗାଣକାରୀ ସଂସ୍ଥାକୁ ଅବଗତ କରିଥିଲେ। କୌଣସି ସହାୟତା ଦେଇପାରିବେ ନାହିଁ ବୋଲି କହିଥିଲେ। ସେ କହିଛନ୍ତି, ଚଳିତ ବର୍ଷ ଥୋଡ଼ ବାହାରିବା ସମୟରେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁ ଧାନରୁ ଫୁଲ ଉଡ଼ିଲା ନାହିଁ। ବିଭିନ୍ନ ଅଞ୍ଚଳରୁ ଏପରି ଅଭିଯୋଗ ଆସିଥିବାରୁ ଏହା ଏକ ପ୍ରାକୃତିକ କ୍ଷତି ବୋଲି ପ୍ରକାଶ କରିଛନ୍ତି। ଏ ବିଷୟରେ ଜିଲ୍ଲା କୃଷି ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବେ ବୋଲି ଚାଷୀ ହରେକୃଷ୍ଣ ରାଉତ, ଗୋପାଳ ନାୟକ, ଚିତ୍ତରଂଜନ ନାୟକ, ବାସୁଦେବ ନାୟକ, କୃଷ୍ଣଚନ୍ଦ୍ର ନାୟକ, କାଳନ୍ଦୀ ବିଶ୍ୱାଳ, ରମାକାନ୍ତ ନାୟକ ଓ ମାଧବ ନାୟକ କହିଛନ୍ତି।

# ଚକ୍ରୋଡା ଗ୍ରାମପଂଚାୟତରେ ବିଜେଡିର ବନ୍ଧୁମିଳନ

କେନ୍ଦ୍ରାପଡ଼ା, ୧୩/୫ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ଗ୍ରାମପ ।ୟତର କଚେରିଡିହ ଠାରେ ବିଜୁଜନତାଦଳର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା ବିଜେଡିର ବରିଷ୍ଠ ନେତା ପ୍ରଦୀପ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ଯୋଗଦେଇ ଦଳର ସମସ୍ତ କର୍ମୀମାନେ ଏକମନ ଓ ଏକପ୍ରାଣ ହୋଇ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କୁ ଜୁନ ୧ ତାରିଖରେ ଜୋଡିଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ମୋହର ଦେଇ ନବୀନବାବୁଙ୍କ ହାତମୁଠାକୁ ଟାଣ କରିବା ସଙ୍ଗେ ସଙ୍ଗେ ଷଷ୍ଠଥର ନିମନ୍ତେ ଓଡିଶାର ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ। ରାଜ୍ୟର ବିକାଶ ଜାରି ରଖିବାକୁ ହେଲେ କେବଳ ନବୀନବାବୁ ହିଁ ମୁଖ୍ୟମନ୍ତ୍ରୀ ହେବା ଆବଶ୍ୟକ ବୋଲି ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ। ଏହି ବୈଠକରେ ୬ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟା ନିର୍ମଳା ମହାନ୍ତି, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ପଂଚାୟତ ବିଜେଡି ସଭାପତି ଗୌରାଙ୍ଗ ଚରଣ ଲେଙ୍କା, ଚକ୍ରୋଡା ପଂଚାୟତର ସରପଂଚଙ୍କ ପ୍ରତିନିଧି ନିରଞ୍ଜନ ନାୟକ, ପୂର୍ବତନ ସରପଂଚ ଉତମ ମଲିକ, ବିଜେଡିର ବରିଷ୍ଠ ନେତା ରାମଚନ୍ଦ୍ର ରାଉତ, ପ୍ରଫୁଲ୍ଲ ଚରଣ ଦାସ, କାର୍ତ୍ତିକ ଚନ୍ଦ୍ର ଦାଶ, ଜଗବନ୍ଧୁ ନାୟକ, ମନୋଜ କୁମାର ନାୟକ, ବାପିନା ମଲିକ, ନଟବର ଦାସ, କାହ୍ନୁ ଚରଣ ମହାରଣା, ବୁବୁନା ଜେନା, ଅଭିମନ୍ୟୁ ବେହୁରା, ସୌମେନ୍ଦ୍ର ମଲ୍ଲ, ଦିଲ୍ଲିପ କୁମାର ମହାନ୍ତି, ଅନନ୍ତ ଚରଣ ଜେନା, ବିଜୟ କୁମାର ମହାନ୍ତି, କାଙ୍ଗାଳି ଚରଣ ମଲିକ, ମନୋଜ କୁମାର ବେହେରା, ନବଘନ ରାଉତ, ଦୋଳଗୋବିନ୍ଦ ରାଉଳ, ମଙ୍ଗୁ ରାଉଳ, ସେକ ଆୟୁବ, ମୁସିଦା ବିବି, ଅଖିଳ ଚରଣ ସାହୁ, ପୁରୁଷୋତମ ସାହୁ, ଅଲେଖ ଚନ୍ଦ୍ର ବେହୁରା,ପ୍ରବୀର କୁମାର ମହାନ୍ତି ପ୍ରମୁଖ ଶତାଧିକ ବିଜେଡି କର୍ମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ ନବୀନବାବୁଙ୍କ ବିକାଶ ପଥରେ ସାମିଲ ହେବାକୁ ଶପଥ ନେଇଥିଲେ।

# କଂଗ୍ରେସ କର୍ମୀ ସମ୍ମିଳନୀ

କେନ୍ଦ୍ରାପଡ଼ା, ୧୩/୫ (ନି.ପ୍ର): ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ସ୍ଥାନରେ ଦଳୀୟ ବୈଠକ ଓ ମିଶ୍ରଣ ପର୍ବ ଚାଲୁ ରହିଛି । ଆଖୁଆ ଦକ୍ଷିଣୀ ଠାରେ କଂଗ୍ରେସର କର୍ମୀ ସମ୍ମିଳନୀ ପ୍ରତାପ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲା କିଷାନ କଂଗ୍ରେସର ସଭାପତି ସଂଜୀବ ରାଉତ ଏଥିରେ ଅଂଶ ଗ୍ରହଣ କରି କଂଗ୍ରେସ ସଂଗଠନକୁ କିପରି ଦୃଢ କରାଯାଇ ମହାକାଳପଡା ନିର୍ବାଚନ ମଣ୍ଡଳୀ ଓ ଅନ୍ୟ ନିର୍ବାଚନ ମଣ୍ଡଳୀ ଗୁଡିକରେ କଂଗ୍ରେସ ପ୍ରାର୍ଥୀ ଓ ମହାକାଳପଡା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଲୋକନାଥ ମହାରଥୀଙ୍କୁ କିପରି ବିଜୟ କରାଯିବ ସେ ବିଷୟରେ ଆଲୋକପାତ କରିଥିଲେ । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ପ୍ରଭୃତିଙ୍କ ସମେତ ଅନିରୁଦ୍ଧ ଦାସ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଛନ୍ତି ମୁଖ୍ୟମନ୍ତ୍ରୀ - ଡ. ଲେନିନ୍ ମହାନ୍ତି

ସମ୍ବଲପୁର, ୧୩/୫ (ନି.ପ୍ର): ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚିତ ଏହି ପଂକ୍ତିଟି ସେ ସମୟରେ ଓଡିଆ ଭାଷା ଆନ୍ଦୋଳନକୁ ଇନ୍ଧନ ଦେଇ ଆଗେଇ ନେଇଥିଲା । ଆଜିବି ଏହି କବିତାର ଆବୃତି କାନରେ ପଡିଲେ ମାତୃଭାଷା, ମାତୃଭୂମି ପ୍ରତି ମନରେ ଥିବା ସ୍ନେହ, ମମତା, ସମ୍ମାନ ଜାଗିଉଠେ । ସ୍ୱଭାବ କବିଙ୍କ ଏହି ଉପଦେଶକୁ ପାଥେୟ କରି ଓଡିଆ ଭାଷା, ସଂସ୍କୃତି, ଐତିହର ଉନ୍ନତି ଦିଗରେ ଆଗେଇ ଚାଲିଛନ୍ତି ରାଜ୍ୟ ସରକାର । ଓଡିଆ ଅସ୍ମିତାର ମହାମନ୍ତ୍ରକୁ ସମସ୍ତେ ଏକାସ୍ୱରରେ ଗାୟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଆମେ ସମସ୍ତେ ଓଡିଆ ଏକତାର ବନ୍ଧନରେ ବାନ୍ଧିହୋଇଛେ ବୋଲି ଜନଚେତନା ଜାଗ୍ରତ କରିବାକୁ ବିଭିନ୍ନ ସଚେନତନା କାର୍ଯ୍ୟକ୍ରମ, ଓଡିଆ ଭାଷାର ଗବେଷଣା ପାଇଁ ପ୍ରୋତ୍ସାହନ, ଓଡିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତୀ ସ୍ଥାପନ ଭଳି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଯାହା ଫଳରେ ଓଡିଆ ଭାଷାର ଉତରୋତର ଉନ୍ନତି ହେବା ସଙ୍ଗେସଙ୍ଗେ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଆଣିଦେବାକୁ ଲକ୍ଷ୍ୟ ରହିଛି । ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ତତ୍ପର ରହିଛନ୍ତି । କିନ୍ତୁ, ବିରୋଧୀ ଏହାକୁ ମୁଦ୍ଦା କରି ଫାଇଦା ନେବାକୁ ଚାହୁଁଥିବାବେଳେ ସେମାନଙ୍କ ନିର୍ବାଚନୀ ଓଡ଼ିଆ ଅସ୍ମିତା ଲୋକେ ଭଲ ଭାବରେ ବୁଝିସାରିଲେଣି ବୋଲି କହିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି । ନବୀନ ସରକାରରେ ଓଡିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଅନେକ ଉନ୍ନୟନମୂଳକ କାମ କରାଯାଇଛି । ୨୦୦୯ ମସିହାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ 'ଓଡ଼ିଆ ଭାଷା ପ୍ରତିଷ୍ଠାନ'' ଗଠନ କରାଯାଇଥିଲା । ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସହିତ ଓଡ଼ିଆ ଭାଷାରେ ସରକାରୀ କାମ ଚାଲିବା ପାଇଁ ପ୍ରଶିକ୍ଷଣ ପ୍ରକ୍ରିୟା ଓ ପ୍ରଶାସନିକ ଶବ୍ଦକୋଷ, କାର୍ଯ୍ୟାଳୟ ନଥିପତ୍ର, କଥିତ ଓଡ଼ିଆ ଶବ୍ଦକୋଷ ଭଳି ଅନେକ କାର୍ଯ୍ୟକ୍ରମ ଓଡିଆ ଭାଷା ପ୍ରତିଷ୍ଠାନ ଜରିଆରେ ହାତକୁ ନିଆଯାଇଛି । ୨୦୧୪ ମସିହାରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ମିଳିଥିଲା । ଯାହାକି 'ଓଡ଼ିଆ ଭାଷା ପ୍ରତିଷ୍ଠାନ' ଉଦଘାଟନ ସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇଁ କାର୍ଯ୍ୟକ୍ରମ ମାନ ଗ୍ରହଣ କରିବାକୁ କହିଥିଲେ । ଜେଏନୟୁରେ ସାରଳା ଚେୟାର ପ୍ରତିଷ୍ଠା କରାଯିବା ଓଡିଆ ଭାଷାର ଉନ୍ନତି କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ । ଓଡ଼ିଆ ଭାଷାର ପ୍ରଗତିଶୀଳ ଗବେଷଣା ନିମନ୍ତେ ଜେଏନୟୁରେ ବିଜୁ ପଟ୍ଟନାୟକ ସ୍ୱତନ୍ତ୍ର କେନ୍ଦ୍ର ପ୍ରତିଷ୍ଠା ପାଇଁ ନିଷ୍ପତି ଚୂଡ଼ାନ୍ତ ହୋଇଛି । ଏଥିପାଇଁ ଫେବୃଆରୀ ୩ ତାରିଖରେ ଜେଏନୟୁ ସହିତ ଏମଓୟୁ ସ୍ୱାକ୍ଷର କରାଯାଇଛି । ଓଡ଼ିଆ ଐତିହ୍ୟ ଅସ୍ମିତାକୁ ଲୋକାଭିମୁଖୀ କରିବା ପାଇଁ ରାଜଧାନୀ ବାହାରେ ପ୍ରଥମ ଥର ପାଇଁ ମନ୍ତ୍ରୀମଣ୍ଡଳ ସ୍ତରୀୟ ବୈଠକ ବସି ବହୁ ଐତିହାସିକ ନିଷ୍ପତି ନିଆଯାଇଥିଲା । ପୁରୀରେ ପ୍ରଥମ ଐତିହ୍ୟ କ୍ୟାବିନେଟ ଆୟୋଜିତ ହୋଇଥିଲା । ଯାହାର ପରବର୍ତୀ ସମୟରେ ବିଶ୍ୱ ଦେଖିଲା ଓଡ଼ିଆର ଅସ୍ମିତାର ''ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' । ଓଡ଼ିଆର ଅସ୍ମିତାକୁ ସଠିକ ଭାବରେ ଦିଗଦର୍ଶନ ଦେବା ସହ ସ୍ୱତନ୍ତ୍ର ଧ୍ୟାନ ଦେବାପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ର ବିଭାଗ ଗଠନ କରାଯାଇଛି । ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ବିନା ଦେୟରେ ଓଡ଼ିଆରେ ସ୍ନାତକ ଏବଂ ସ୍ନାତକୋତର ଅଧ୍ୟୟନ ବ୍ୟବସ୍ଥା ରହିଛି । ଯୁକ୍ତଦୁଇ ଏବଂ ଯୁକ୍ତତିନି ଛାତ୍ରଛାତ୍ରୀଙ୍କୁ ବ୍ୟାସକବି ଫକୀର ମୋହନ ଛାତ୍ରବୃତି ପ୍ରଦାନ କରାଯାଉଛି । ଓଡ଼ିଆ ଭାଷା ସାହିତ୍ୟରେ ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟ କମିଶନ ଡାଂଚାରେ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ପ୍ରତିବର୍ଷ ସବୁ ଜିଲ୍ଲାରେ ବାର୍ଷିକ ପୁସ୍ତକମେଳାର ଆୟୋଜନ କରାଯାଉଛି । ବାହାରେ ରହୁଥିବା ଓଡ଼ିଆ ଭାଇଭଉଣୀ ମାନେ ଓଡ଼ିଆରେ ପାଠ ପଢିବା ସହିତ ପ୍ରବାସୀ ଓଡ଼ିଆଙ୍କ ପାଇଁ ଓଡ଼ିଆ ଭର୍ଚୁଆଲ ଏକାଡେମୀ ସ୍ଥାପନ କରାଯାଇଛି । ଏଥିରେ ୫୦୦୦ରୁ ଉର୍ଦ୍ଧ୍ୱ ଉପାଦେୟ ତଥା ଐତିହାସିକ ପୁସ୍ତକ ଉପଲବ୍ଧ ରହିଛି । କେବଳ ଏତିକି ନୁହେଁ ଇଂରାଜୀ, ଫରାସୀ, ଜାପାନୀ ଓ ସ୍ପେନ ଭାଷାରେ ଶିକ୍ଷାପ୍ରାପ୍ତିର ବ୍ୟବସ୍ଥା ମଧ୍ୟ ରହିଛି । ଗତ ୨୦୧୮ ମସିହା ସେପଟ୍ଟେମ୍ବର ମାସ ୧୯ ତାରିଖ ଦିନ ଓଡ଼ିଆ ଭାଷା ସରକାରୀ ଭାଷା ଭାବେ ଲାଗୁହେଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ଭାଷା ଆଇନ-୧୯୫୪ କୁ ସଂଶୋଧନ କରାଇବା ଫଳରେ ଓଡ଼ିଆ ଭାଷା ସରକାରୀ ଭାଷା ଭାବରେ ୧୭ ଅଗଷ୍ଟ ୨୦୧୯ ଠାରୁ ବିଧିବଦ୍ଧ ଭାବରେ ଲାଗୁହୋଇଛି । ବ୍ୟବସାୟିକ ପ୍ରତିଷ୍ଠାନରେ ନାମଫଳକ ଓଡ଼ିଆରେ ନ ଲେଖିଲେ ୫୦୦୦ ରୁ ୨୫୦୦୦ ପର୍ଯ୍ୟନ୍ତ ଜୋରିମାନା ଧାର୍ଯ୍ୟ କରାଯାଇଛି ଯାହାକି ଶ୍ରମ ବିଭାଗକୁ ଦାୟିତ୍ୱ ଦିଆଯାଇଛି । କୋଭିଡର କଟକଣା ତଥା ଜୀବନ ଜୀବିକା ବିପଦରେ ପଡିଥିବା ବେଳେ ଜନସାଧାରଣଙ୍କ ମନରେ ଭୟ ଦୂରୀଭୂତ କରିବା ତଥା ଏକତାର ବନ୍ଧନରେ ବାନ୍ଧିହୋଇ ଅଛେ ବୋଲି ଜନଚେତନା ଜାଗ୍ରତ କରିବା ପାଇଁ ଓଡ଼ିଆ ଅସ୍ମିତାର ମହାମନ୍ତ୍ରକୁ ସମସ୍ତେ ଏକସ୍ୱରରେ ଗାୟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ୨୦୨୦ ମସିହା ଜୁଲାଇ ମାସ ୭ ତାରିଖ ଦିନ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନ କରାଯାଇଥିଲା । ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରସ୍ତାବକୁ ୨୦୨୦ ମସିହା ସେପ୍ଟେମ୍ବର ମାସ ୨ ତାରିଖ ଦିନ ରାଜ୍ୟ କ୍ୟାବିନେଟରେ ଗୃହୀତ କରାଯାଇଛି ଏବଂ ଶାସ୍ତ୍ରୀୟ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ । ଐତିହ୍ୟ, କୀର୍ତିରାଜୀ, ପ୍ରାଚୀନ ମନ୍ଦିର ଗବେଷଣା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନ କରାଯାଇଛି । କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବିଭିନ୍ନ ପୁରସ୍କାର ରାଶି ୧ ଲକ୍ଷରୁ ୫ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଫାଇଭ-ଟି ଉପକ୍ରମରେ ନୂଆ ରୂପ ପାଇଛି ଓଡ଼ିଶାର ବରପୁତ୍ର ପବିତ୍ର ଜନ୍ମସ୍ଥଳୀ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜନ୍ମସ୍ଥାନ ସୁଆଣ୍ଡୋ ଠାରେ ୧୫ ଫୁଟ ଉଚ୍ଚର ପ୍ରତିମୂର୍ତି ସହ ସଂଗ୍ରହାଳୟ ସ୍ଥାପନ କରାଯାଇଛି । ସେହିଭଳି ମଧୁବାବୁଙ୍କ ଜନ୍ମସ୍ଥାନକୁ ସ୍ମୃତିପୀଠ, ମନୋଜ ଦାସ - ମନ୍ମଥ ଦାସଙ୍କ ଜନ୍ମସ୍ଥାନକୁ ସ୍ମାରକୀ ପୀଠ, ନେତାଜୀ ସୁଭାଷ ସ୍ମୃତିପୀଠ, ଇରମ ସ୍ମୃତିପୀଠ, ସନ୍ଥକବୀ ଭୀମଭୋଇ ସ୍ମୃତିପୀଠ, ବୀର ସୁରେନ୍ଦ୍ର ସାଏ ସ୍ମୃତିପୀଠ, ରଘୁନାଥ ମୁର୍ମୁ ସ୍ମୃତିପୀଠ, ଏ ସମସ୍ତ ସ୍ମୃତିପୀଠ ୫ଟି ଅଧୀନରେ ତ୍ୱରିତ ବେଗରେ କାର୍ଯ୍ୟକାରୀ ହୋଇଅଛି । ୨୦୦୦ରୁ ୨୦୨୩ ମଧ୍ୟରେ ଓଡ଼ିଶାର ବରପୁତ୍ରମାନଙ୍କର ୧୩୫ଟି ପ୍ରତିମୂର୍ତି ସ୍ଥାପନ କରାଯାଇଛି । ୨୦୦୦ରୁ ୨୦୨୩ ମଧ୍ୟରେ ଓଡ଼ିଶାର ଅନ୍ୟ ଦେଶୀୟ ଭାଷାର ଶବ୍ଦକୋଷ, ତ୍ରିଭାଷୀ ଶିକ୍ଷଣୀୟ ପୁସ୍ତକ ପ୍ରକାଶିତ ହୋଇଛି । ବଣ୍ଡା, ଭୂୟାଁ, ଭୂମିଜ, ଭୁଂଜିଆ, ବିଂଝାଲ, ଦେଶିଆ, ଡିଡାୟୀ, ଗଦବା, ଗୋଣ୍ଡି, ଜୁଆଙ୍ଗ , ହୋ, ଖଡ଼ିଆ, ସଉରା, କିସାନ, କୋୟା, କୁଇ, କୁଭି, ସାଦରୀ, ସାନ୍ତାଳୀ, ଓରାମ, ଭତରି ଇତ୍ୟାଦି ଭାଷା ଉପରେ ବହୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଓପିଏସସି ପରୀକ୍ଷା ଓଡ଼ିଆରେ କରାଇବା ପାଇଁ ନିଷ୍ପତି ନିଆଯାଇଛି । ଓଡ଼ିଆ ବିଶ୍ୱବିଦ୍ୟାଳୟ ଉଦଘାଟନ, ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ବିନା ଦେୟରେ ଓଡ଼ିଆରେ ସ୍ନାତକ ଏବଂ ସ୍ନାତକୋତର ଅଧ୍ୟୟନ ବ୍ୟବସ୍ଥା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ଚେଷ୍ଟିତ ଅଛନ୍ତି । କିନ୍ତୁ, ବିରୋଧୀମାନେ ଏହାକୁ ନିର୍ବାଚନୀ ପ୍ରସଙ୍ଗ କରିବାକୁ ଅପଚେଷ୍ଟା କରି ବାରମ୍ବାର ଓଡିଆ ଅସ୍ମିତା ଉପରେ ପ୍ରଶ୍ନ କରୁଛନ୍ତି । ମୁଖ୍ୟମନ୍ତ୍ରୀ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି । ବିରୋଧୀଙ୍କର ନିର୍ବାଚନୀ ଓଡ଼ିଆ ଅସ୍ମିତା ଲୋକେ ଭଲ ଭାବରେ ବୁଝିସାରିଲେଣି । ନିର୍ବାଚନରେ ତାଙ୍କୁ ଉଚିତ୍ ଜବାବ ଦେବେ ବୋଲି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି।

# କେନ୍ଦୁଝର : ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ସିବିଏସ୍ଇ ଦଶମ ଓ ଦ୍ୱାଦଶ ବିଜ୍ଞାନରେ ଶତ ପ୍ରତିଶତ କୃତିତ୍ୱ

କେନ୍ଦୁଝର, ୧୩/୫ (ନି.ପ୍ର): ସୋମବାର ଦିନ ସିବିଏସ୍ଇର ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ସୋମବାର ଦିନ ପ୍ରକାଶିତ ହୋଇଛି । ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କେନ୍ଦୁଝରର ଦଶମ ଶ୍ରେଣୀରେ ୮୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିରେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି । ଦଶମ ଶ୍ରେଣୀରେ ୮ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ନମ୍ବର ରଖି କୃତୀତ୍ୱ ହାସଲ କରିଛନ୍ତି । ସେମାନେ ହେଲେ ଇଶିତା ଭୂୟାଁ ଯିଏକି ୯୮.୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି । ଶୁଭମ୍ ଶାଶ୍ୱତ ଓଝା ୯୬.୬ ପ୍ରତିଶତ, ଆ ?କେ ବଶିଷ୍ଟ ୯୫.୪ ପ୍ରତିଶତ, ସତ୍ୟମ କୁମାର ମହାନ୍ତ ୯୪ ପ୍ରତିଶତ, ବାବୁଜି ଜଗତ ଦେବନନ୍ଦ ୯୩.୮ ପ୍ରତିଶତ, ନୈତ୍ରିନିତରା ବରାଳ ୯୩.୮ ପ୍ରତିଶତ, ଆକାଂକ୍ଷା ଆର୍ଯ୍ୟାନ୍ ୯୨.୬ ପ୍ରତିଶତ ଓ ମନିଷା ସେନାପତି ୯୦.୨ ପ୍ରତିଶତ ନମ୍ବର ହାସଲ କରିଛନ୍ତି । ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ରେ ୩୦ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ସମସ୍ତେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟର ସୁନାମ ବଢାଇଛନ୍ତି । ସେମାନଙ୍କ ମଧ୍ୟରୁ ୨ଜଣ ୯୦ ପ୍ରତିଶତ ଉପରେ ନମ୍ବର ରଖିଛନ୍ତି । ସେମାନେ ହେଲେ ଶାଶ୍ୱତ ମହାପାତ୍ର ୯୩.୪ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଥିବାବେଳେ ସୁଶ୍ରୀ କବିକନ୍ୟା ୯୦.୪ ପ୍ରତିଶତ ନମ୍ବର ରଖିଛନ୍ତି । ଦ୍ୱାଦଶ ଶ୍ରେଣୀ ବାଣିଜ୍ୟରେ ୨୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୭ ଜଣ କୃତକାର୍ଯ୍ୟ ହୋଇଛନ୍ତି ଓ ଜଣେ କମ୍ପାଟମେଂଟରେ ଅଛନ୍ତି । ବାଣିଜ୍ୟ ବିଭାଗର ରୁଦ୍ରମାଧବ ପାତ୍ର ୯୫.୪ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି ଓ ସମ୍ବିତ ପ୍ରସାଦ ସାହୁ ୯୧.୪ ପ୍ରତିଶତ ନମ୍ବର ରଖି ଦ୍ୱିତୀୟରେ ଅଛନ୍ତି । ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ପରୀକ୍ଷା ଫଳ ଭଲ ହୋଇଛି । ବିଦ୍ୟାଳୟର କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କ ତରଫରୁ ଭରତ ସବିତା, କାଶିନାଥ ଘଡେଇ, ଗୋପାଳ ଚନ୍ଦ୍ର ମାଇତି, ହରମୋହନ ଛୁରା, ଅନିତା ରାଉତ, ଶାଶ୍ୱତ କୁମାର ଗୋସ୍ୱାମୀ, ଅନୁରାଗ ମିଶ୍ର, ବିପ୍ଳବ ନାଏକ, ମେଘନାଦ ସାହୁ, ସୁମନ ମିନା, ବୃହସ୍ପତି ମହାନ୍ତ, ଦୁଶ୍ମନ୍ତ ସାହୁ ଓ ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଛି। ବିଦ୍ୟାଳୟର ଏହି ସଫଳତା ପାଇଁ ଅଧ୍ୟକ୍ଷ ସୁଶାନ୍ତ କୁମାର ସାହୁ କୃତୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସଫଳତା ପାଇଁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ବୃଦ୍ଧ ମୃତ : ଚୋରା ବିଦ୍ୟୁତ୍ ସଂଯୋଗକରୀଙ୍କ ବିରୋଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି

ଧର୍ମଶାଳା, ୧୩/୫ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗରାଜପୁର ପଂଚାୟତ ବିରଭାନୁପୁର ପାଟରେ ଅଘଟଣ । ବିଦ୍ୟୁତ ଆଘାତରେ ବୃଦ୍ଧ ମୃତ । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକାରଛାୟା ଖେଳି ଯାଇଛି । ମୃତ ବୃଦ୍ଧ ଜଣକ ହେଲେ ଅର୍ଥଙ୍ଗା ପଂଚାୟତସ୍ଥ ବଡ ଚଅପୋଇ ଗ୍ରାମର ଶ୍ରୀଧର ପରମାଣିକ(୫୫) ବୋଲି ଜଣାପଡିଛି । ସେ ଅପରାହ୍ନରେ କ୍ଷେତରୁ ଘାସ ସଂଗ୍ରହ କରିବାକୁ ଯାଇ ବିଦ୍ୟୁତ୍ ତାର ସମ୍ପର୍ଶରେ ମୃତ୍ୟୁବରଣ କରିଥିବା ଜଣାପଡିଛି । ଏନେଇ ବ୍ରହ୍ମବରଦା ଥାନାରେ ମୃତକ ବଡଭାଇ ଅଭିମନ୍ୟୁ ଏତଲା ଦେଇଛନ୍ତି । ଅଭିଯୋଗ ମୁତାବକ,ଆଜି ଅପରାହ୍ନ ୪ଟା ସମୟରେ ଶ୍ରୀଧର ବିରଭାନୁପୁର ପାଟକୁଆଖୁ କିଆରୀରୁ ଘାସ କରିବାକୁ ଯାଇଥିଲେ । ତେବେ କ୍ଷେତରେ ଥିବା ଏକ ବିଦ୍ୟୁତ୍ ଖୁଂଟିରୁ ସ୍ଥାନୀୟ ଅଂଚଳର ମୁଷ୍ଟିମେୟ ବ୍ୟକ୍ତି ଚୋରାରେ ସର୍ଭିସ ତାରରୁ ବିଦ୍ୟୁତ୍ ସଂଯୋଗ କରି ବିଲରେ ପାଣି ମଟର ଚଲାଇ ଆସୁଥିଲେ । ଏହି ଚୋରା କଟା ସର୍ଭିସ ତାରରେ ଶ୍ରୀଧର ବିଦ୍ୟୁତ୍ ସମ୍ପର୍ଶରେ ଆସି ଯାଇଥିଲେ । ତେବେ ସେ ଘଟଣାସ୍ଥଳରେ ସଜ୍ଞାହୀନ ହୋଇ ପଡିଥିଲେ । ଖବର ପାଇ ପୁତୁରା ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ମୃତକଙ୍କ ବଡଭାଇ ଅଭିମନ୍ୟୁ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷେ ବିଦ୍ୟୁତ୍ ତାରକୁ କାଟି ବାଇପାସ ବିଲରେ ପାଣି ମଡାଉଥିବା ଜମି ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି । ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି ।

# ଆଠମଲ୍ଲିକ ବଇଣ୍ଡାରେ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ

ଆଠମଲ୍ଲିକ, ୧୩/୫ (ନି.ପ୍ର): ଦୀର୍ଘ ୨୫ ବର୍ଷର ସରକାରରେ ପିଇବା ପାଣି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ସମସ୍ୟା ଏକ ବଡ ପ୍ରଶ୍ନ ଭାବେ ଉଭା ହୋଇଛି । ଏହି ସବୁ ମୌଳିକ ସମସ୍ୟା ଉପରେ ପ୍ରଶ୍ନ କଲେ ବିଜେଡି ନେତା ଓ ଗୁମାସ୍ତା ରାଜମିସ୍ତ୍ରୀ ବୋଲି ଆକ୍ଷେପ କରୁଛନ୍ତି । ଏକବିଂଶ ଶତାବ୍ଦୀରେ ସ୍ୱାଭିମାନୀ ଓଡ଼ିଶା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମୁଁ ଓ ଆମ ଦଳ ରାଜମିସ୍ତ୍ରୀର ଦାୟିତ୍ୱ ନିର୍ବାହ କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଠମଲ୍ଲିକ ବଇଣ୍ଡାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଗତ ୨୫ ବର୍ଷରେ ଓଡ଼ିଶାରେ ପିଇବା ପାଣି ନାହିଁ । ଦୂଷିତ ପାଣି ପିଇବା କାରଣରୁ ହଇଜା ହେଉଛି । ଜଳସେଚନର ଘୋର ଅଭାବ। ରାଜ୍ୟ ସରକାରଙ୍କ ଶୀତଳଭଣ୍ଡାର କେବଳ ପ୍ରତିଶ୍ରୁତି ପାଣିର ଗାର ହୋଇଛି । ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟୟ । ଓଡ଼ିଶାରେ ମାଟ୍ରିକ ପରୀକ୍ଷାରେ ଫର୍ମ ପୂରଣ କରି ପ୍ରାୟ ୫୦ ପ୍ରତିଶତ ପିଲାମାନେ ପରୀକ୍ଷା ଦେଉନାହାନ୍ତି । ପ୍ରାୟ ୪୯.୯ ପ୍ରତିଶତ ପିଲାମାନେ ହାଇସ୍କୁଲ ସ୍ତରରେ ଅଧାରୁ ପାଠ ଛାଡୁଛନ୍ତି । ସ୍ୱାସ୍ଥ୍ୟସେବା ବି ସମାନ ଅବସ୍ଥା । ବଇଁଣ୍ଡା, ଠାକୁରମୁଣ୍ଡା ଏବଂ ଆଠମଲ୍ଲିକରେ ଆବଶ୍ୟକ ଅନୁସାରେ ଡାକ୍ତର ନାହାନ୍ତି । ରୋଜଗାର ନାହିଁ । ଦୀର୍ଘ ୨୫ ବର୍ଷ ଶାସନରେ ହିଞ୍ଜିଳିରୁ ଲୋକ ଗୁଜୁରାଟକୁ ଦାଦନ ଖଟିବାକୁ ଯାଉଛନ୍ତି । କିନ୍ତୁ ରାଜ୍ୟ ସରକାରଙ୍କ ଅପାରଗତାକୁ ପ୍ରଶ୍ନ କଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅପଶବ୍ଦ କହିବାର ଅଣ ଓଡ଼ିଆ ଗୁମାସ୍ତା ଅଭିଯୋଗ କରୁଛନ୍ତି । ରାଜମିସ୍ତ୍ରୀର ଆଖ୍ୟା ଦେଉଛନ୍ତି । ରାଜମିସ୍ତ୍ରୀ ଘର ବନାନ୍ତି । ଆଠମଲ୍ଲିକର ବିକାଶ ଓ ଅଞ୍ଚଳର ସମ୍ପନ୍ନତା ଏବଂ ଗରିବଙ୍କ ସମ୍ମାନ ବୃଦ୍ଧି ପାଇଁ ମୁଁ ରାଜମିସ୍ତ୍ରୀ ହେବାକୁ ପ୍ରସ୍ତୁତ ଅଛି । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ଓଡ଼ିଶାର ବିକାଶ ପାଇଁ ଶାସକ ଦଳ ଯେତେ ଗାଳି ଦେଲେ ବି ମୁଁ ମୁଣ୍ଡ ନୁଆଁଇବି ନାହିଁ । ରାଜ୍ୟର ଗରିବ, ବଞ୍ଚିତ, ଅସହାୟଙ୍କ କଥା କହିବା ପାଇଁ କୌଣସି ବୁଝାମଣା ହେବ ନାହିଁ । ଆଜି ଆଠମଲ୍ଲିକରେ ପରିବର୍ତ୍ତନର ଲହରି ଦେଖାଯାଇଛି । ବିଜେପି ପ୍ରତି ମାତୃଶକ୍ତି ଓ ଯୁବସାଥୀଙ୍କ ସମର୍ଥନ ଉତ୍ସାହପୂର୍ଣ୍ଣ ରହିଛି । ପକ୍କା ଘର ସହ ସବୁ ସୁବିଧା, ବ୍ୟବସାୟ, ରୋଜଗାର ଏବଂ ଲୋକଙ୍କୁ ଆତ୍ମନିର୍ଭର କରିବା ମୋଦୀ ସରକାରଙ୍କ ଯୋଜନାରେ ରହିଛି । ଏଥିପାଇଁ ରାଜ୍ୟରେ ବିଜେପି ସରକାର ଆସିଲେ ଓଡ଼ିଶାରେ ମୋଦୀଙ୍କ ସରକାର ହେଲେ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ହେବ । ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ । କେନ୍ଦୁପତ୍ର ତୋଳାଳିଙ୍କୁ ୩୫ ପ୍ରତିଶତ, କେନ୍ଦୁପତ୍ର ବାନ୍ଧୁଥିବା ଲୋକଙ୍କୁ ୧୦ ପ୍ରତିଶତ ବୋନସ ଦିଆଯିବ । କେନ୍ଦୁପତ୍ର ବିଡା ୧.୬୦ ଟଙ୍କାରୁ ୨ ଟଙ୍କା ବୃଦ୍ଧି କରାଯିବ । ଦିବ୍ୟାଙ୍ଗ, ନିରାଶ୍ରୟ ଓ ବାର୍ଦ୍ଧକ୍ୟ ଭତ୍ତାକୁ ତିନି ହଜାର ଟଙ୍କା କରାଯିବ । ଆସନ୍ତା ୨୫ ତାରିଖରେ ଲୋକସଭା ଓ ବିଧାନସଭା ଆସନ ପାଇଁ ଦୁଇ ଥର ପଦ୍ମଫୁଲରେ ଭୋଟ ଦେବା ପାଇଁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅନେକ ସମର୍ଥକଙ୍କୁ ବିଜେପିରେ ସ୍ୱାଗତ କରିଥିଲେ ।



# ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କଲେ ଅପରାଜିତା

ଭୁବନେଶ୍ୱର, ୧୩/୫ (ନି.ପ୍ର): ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଏହାର ଡିପିଆର କାହିଁକି ଭୁଲ ହେଲା ଓ ଏହା ବଦଳା ଗଲା କାହିଁକି ବୋଲି ପ୍ରଶ୍ନ କରିବା ସହ ପ୍ରାଚୀନ ମଠ ଗୁଡିକୁ କାହିଁକି ଭଙ୍ଗା ବୋଲି ସେ ପ୍ରଶ୍ନ କରିଛନ୍ତି । ଏଠାରେ ବିଜେପି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଓଡ଼ିଶାରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବାର ସମୟ ଆସିଛି। ନେତା ବାଛିବାକୁ ଯାଉଛୁ ନା କ୍ରୀତଦାସ ବାଛିବାକୁ ଯାଉଛୁ। ବିଜେଡି ପକ୍ଷରୁ ବାରମ୍ବାର ଗୋଟିଏ କଥା କୁହାଯାଉଛି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ବିଜେପି ନେତା ବିରୋଧ କରୁଛନ୍ତି। ବିଜେପି ସବୁବେଳେ ବିକାଶର ରାଜନୀତି କରିଛି। ବିକାଶମୂଳକ କାମକୁ କେବେ ବିଜେପି ବିରୋଧ କରିନି। କିନ୍ତୁ ବିକାଶମୂଳକ କାମର ତରିକାକୁ ବିଜେପି ବିରୋଧ କରୁଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ ଉଠାଇ ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ଡିପିଆର କାହିଁକି ଭୁଲ ହେଲା ଓ ଏହା ବଦଳା ଗଲା କାହିଁକି ? ଯେଉଁ ପ୍ରାଚୀନ ମଠ ସବୁ ଭଙ୍ଗା ଗଲା କେବେ ତିଆରି ହେବ। ଅଯୋଧାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ପାଇଁ ୧୪ ଶହ କୋଟି ଟଙ୍କା ଖର୍ଚ ହୋଇଛି । ପୁରୀ ମନ୍ଦିର ପ୍ରକଳ୍ପରେ ସରକାରୀ ଟଙ୍କା ଖର୍ଚ ହୋଇଥିବା ବେଳେ ଅଯୋଧା ମନ୍ଦିରରେ ସମାଜର ଅର୍ଥରେ ନିର୍ମାଣ କରାଯାଇଉଛି । ଶ୍ରୀମନ୍ଦିର ପ୍ରକଳ୍ପ ପାଇଁ ୪୨ ଶହ କୋଟିର ବ୍ୟୟ ସାର୍ବଜନୀନ କରିବାକୁ ସେ ଦାବି କରିଛନ୍ତି।

ଅପରାଜିତା ଆହୁରି କହିଛନ୍ତି, ଗତ ୫ ବର୍ଷ ହେବ ଓଡ଼ିଶାର ଶାସନଭାରକୁ ଜଣେ ହାଇଜାକ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଠାରୁ ସମସ୍ତଙ୍କୁ ଦୂରେଇ ରଖିଛନ୍ତି ସାନବାବୁ। ମୁଖ୍ୟମନ୍ତ୍ରୀଙ୍କ ସହ ଦେଖା କରିବାକୁ ଏ ସାନବାବୁଙ୍କର ଅନୁମତି ଦରକାର ପଡୁଛି। ବିଜେଡି ନିଜ ଇସ୍ତାହାରରେ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବିଲ୍ ନ ନେବାକୁ ଘୋଷଣା କରିଛନ୍ତି। ଏକଥା ସମସ୍ତେ ଜାଣି ରଖନ୍ତୁ ଯେ ବିଜେପି ଏକଥା ସମସ୍ତେ ଜାଣି ରଖନ୍ତୁ ଯେ ଆଦୌ ବିଜୁଳି ବିଲ୍ ନେବନି, ବରଂ ସମସ୍ତଙ୍କ ଘର ଉପରେ ସୋଲାର ପ୍ୟାନେଲ ବସାଇବୁ। କାହିଁକି ଓଡ଼ିଶାରେ ବିଦ୍ୟୁତ ଦର ବୃଦ୍ଧି ହେଉଛି ? ଓଡ଼ିଶାରେ ୪୨% ଶିକ୍ଷିତ ଯୁବବର୍ଗ ଏବେ ବେକାରୀ ରହିଛନ୍ତି । ଦେଶର ୨୨ ରାଜ୍ୟରେ ହୋଇଥିବା ବେକାରୀ ହାର ସର୍ଭେରେ ଓଡ଼ିଶା ୧ ନମ୍ବର ଅଛି ବୋଲି ସେ କହିଛନ୍ତି ।

## ମତଦାନ ପାଇଁ ସୁଦୂର ଆବୁଧାବିରୁ ଆସିଲେ ମତଦାତା

ମାଲକାନଗିରି, ୧୩/୫ (ନି.ପ୍ର): ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଓ ଦେଶରେ ଲୋକସଭା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟରେ ଆଜି ମତଦାନ ହୋଇଛି । ଆଜି ବହୁ ହେଭିଓ୍ୱେଟ୍ ନେତା ଭାଗ୍ୟ ଇଭିମ ମେସିନ ରେ ସିଲ ହୋଇଛି !ଜଣେ ସଚେତନ ଭୋଟର ଭାବେ ଏହି ମହାନ ପର୍ବରେ ସାମିଲ ହୋଇ ନିଜର ଅଧିକାର ସାବସ୍ତ୍ୟ କରିବା ନିମନ୍ତେ ସୁଦୂର ଦୁବାଇ ର ଆବୁଧାବି ରୁ କାଲିମେଳା ପହଂଚି ନିଜ ମୂଲ୍ୟବାନ ଭୋଟ ଦେଇ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବିଷ୍ଣୁ କୁମାର ଇସ୍ପିଲି। ସେ ଦୁବାଇ ସ୍ଥିତ ଆବୁଧାବି ରେ ପ୍ରାଇଭେଟ୍ କମ୍ପାନୀରେ ଚାକିରୀ କରୁଥିବା ବେଳେ ଏହି ନିର୍ବାଚନ ରେ ନିଜକୁ ସାମିଲ କରିବାପାଇଁ ଚାରି ହଜାର କିଲୋମିଟର ପାର କରି ପହଂଚି ନିଜ ମୂଲ୍ୟବାନ ଭୋଟ ଦେଇଛନ୍ତି। ଏହି ଗଣତନ୍ତ୍ର ର ମହା ପର୍ବରେ ସାମିଲ ହୋଇ ମୁଁ ବହୁତ ଖୁସି ବୋଲି ସେ ପ୍ରକାଶ କରିଛନ୍ତି।

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ମଙ୍ଗଳବାର, ୧୪ ମଇ ୨୦୨୪

# ରକ୍ତହୀନତା

**ଶରୀରରେ ପ୍ରବାହିତ ରକ୍ତରେ ସାଧାରଣତଃ ଲୋହିତ ରକ୍ତ କଣିକା ସଂଖ୍ୟାରେ ହ୍ରାସ ପରିଲକ୍ଷିତ ରକ୍ତ କଣିକା ସଂଖ୍ୟାରେ ହ୍ରାସ ପରିଲକ୍ଷିତ ହେଲେ ଏହାକୁ ରକ୍ତହୀନତା କୁହାଯାଏ । ଏହା କେତେକ ସ୍ଥଳରେ ରୋଗୀଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ ।**





ରକ୍ତହୀନତା ଗୁରୁତର ତଥା ପୁରାତନ ରୋଗୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ । ଏହାଦ୍ୱାରା ରୋଗୀ ଶରୀରରେ ହେମାଟୋକ୍ରିଟ ପରିମାଣରେ ୨୦ ପ୍ରତିଶତ ହ୍ରାସ ହୋଇଥିବା ବେଳେ କୌଣସି ଲକ୍ଷଣ ପରିପ୍ରକାଶ ହୁଏନି । ଗୁରୁତର ରକ୍ତହୀନତା କ୍ଷେତ୍ରରେ ଆରବିସି କୋଷିକାର ଉତ୍ପାଦନ ପ୍ରମୁଖ ଭୂମିକା ଗ୍ରହଣ କରେ ।

ଗୁରୁତର ରକ୍ତହୀନତା କ୍ଷେତ୍ରରେ ହୃଦୟର ସ୍ପନ୍ଦନରେ ବୃଦ୍ଧି, ନିମ୍ନ ରକ୍ତଚାପ, ଆଦି ରକ୍ତ ସଂରକ୍ଷଣ ପ୍ରିକ୍ରିୟାରେ ଅସ୍ଥିତରତା ସୃଷ୍ଟି ହୋ ସହିତ ଅସ୍ଥିରମନା ତଥା ମୁଣ୍ଡ ବୁଲାଇବା, ନିଶ୍ୱାସପ୍ରଶ୍ୱାସରେ ଅନିୟମିତା ଏବଂ ପାଦରେ ଫୁଲା ଆଦି ଲକ୍ଷଣ ଦେଖିବାକୁ ମିଳେ । ରକ୍ତହୀନତା କ୍ଷେତ୍ରରେ ରକ୍ତସ୍ରାବ ତଥା ହେମୋଲିସିସ୍ ବୃଦ୍ଧି ପାଏ ।



ଶରୀରର ଆଭ୍ୟନ୍ତରୀଣ ରକ୍ତସ୍ରାବର ଲକ୍ଷଣ ଶଯ୍ୟା କାଳୀନ ସମୟରେ ପରିପ୍ରକାଶ ପାଇବା ସହିତ ଏକସମ୍ପର୍କରେ ଲାବୋରେଟୋରୀ ତଥ୍ୟକୁ ବିଶଦ ଜଣାପଡ଼ିଥାଏ । ଆଘାତ ଏବଂ ସିରୋସିସ୍ କ୍ଷେତ୍ରରେ ଭେରିସାଲ ରକ୍ତସ୍ରାବ ହେବା ସହିତ ରକ୍ତ ବାନ୍ତି ଏବଂ ମେଲିନା ଆଦି ଦୃଟେି ଗୋଚର ହୋଇଥାଏ । ପେପଟିକ୍ ଅଲସର ରୋଗୀଙ୍କ କ୍ଷେତ୍ରରେ ଏଭଳି ଲକ୍ଷଣ ପରିପ୍ରକାଶ ହୋଇଥାଏ ।

ଗୁରୁତର ରକ୍ତହୀନତା କ୍ଷେତ୍ରରେ ଅର୍ଥୋଷ୍ଟେଟିକ୍ ନିମ୍ନରକ୍ତଚାପ, ହୃଦ ସ୍ପନ୍ଦନର ଗତିରେ ତୀବ୍ରତା ଥଣ୍ଡା ଏବଂ ଲୋଚାକୋଚା ତ୍ୱଚା ବିଚଳିତବୋଧ, ତୃଷ୍ଣା ବୃଦ୍ଧି ଆଦି ଲକ୍ଷଣ ଦେଖାଯାଇଥାଏ । ଯଦି ରୋକ୍ତର ପରିମାଣରେ ୫୦ ପ୍ରତିଶତ ହ୍ରାସ ହୋଇଥାଏ, ତେବେ ହୃଦଘାତ ଏବଂ ମୃତ୍ୟୁବତ୍ ଅବସ୍ଥା ସୃଷ୍ଟି ହୋଇଥାଏ ।

ପୁରାତନ ଯକୃତ ଏବଂ ବୃକକ୍‌ରୋଗ, ବିଷ ପଦାର୍ଥର ପ୍ରକ୍ରିୟା, ସ୍ୱ-ପ୍ରତିରକ୍ଷା ବିକାର, ଶରୀର ଅଭ୍ୟନ୍ତରୀଣ ବିକାରଏବଂ ମ୍ୟାଲେରିଆ ତଥା ପାରାସାଇଟିକ୍ ସଂକ୍ରମଣ ଆଦି ଯୋଗୁ ମଧ୍ୟ ରକ୍ତହୀନତା ସୃଷ୍ଟି ହୋଇଥାଏ ।

କେତେକ ଶାରୀରିକ ଅନିୟମିତା କ୍ଷେତ୍ରରେ ମାଂସପେଶୀ ଏବଂ ଜଏଣ୍ଟ ମଧ୍ୟରେ ରକ୍ତସ୍ରାବ ହୋଇଥାଏ । ଭିଟାମିନ୍ ଅଭାବଯୋଗୁ ତଥା ଗର୍ଭାଧାନ ସମୟରେ ରକ୍ତହୀନତା ସୃଷ୍ଟି ହୋଇଥାଏ ।

ଚିକିତ୍ସା

ଖାଦ୍ୟରେ ଲୌହ ଏବଂ ଭିଟାମିନ-ସିର ମାତ୍ରା ବୃଦ୍ଧି କରିବା ଆବଶ୍ୟକ । ଖାଦ୍ୟରେ ଡାଲି ଜାତୀୟ ଖାଦ୍ୟ, ନଟସ୍, ବିନସ୍, ସମୁଦ୍ରଜାତ ଖାଦ୍ୟ, ମାଂସ ସହିତ ଦୁଗ୍ଧ ଆଦି ଗ୍ରହଣ କରିବା ଉଚିତ୍ ।

ପ୍ୟାକଡ୍ ସେଲ ଟ୍ରାନ୍ସଫ୍ୟୁଜନ, ରିକମ୍ବିନା ଏରିଥ୍ରୋପ୍ରୋଟିନ୍ ଦ୍ୱାରା ବୋନ୍ ମ୍ୟାରୋରେ ଆରସବିସି ଉତ୍ପାଦନ ବୃଦ୍ଧିପାଇଥାଏ ।

ସତେଜ ଫଳ, ଶାଗ, ଫୁଲକୋବି, ବ୍ରୋକଲି, ବିଭିନ୍ନ ମଞ୍ଜି ଗଜା, ଦୁଗ୍ଧ ଉତ୍ପାଦ, କାଦ୍ୟସଶ୍ୟଆଦି ଖାଦ୍ୟରେ ଉପଯୁକ୍ତ ପରିମାଣରେ ଫଲିକ୍ ଏସିଡ୍ ମହଜୁଦ ରହିଥାଏ । ତେଣୁ ଏହାକୁ ଖାଦ୍ୟରେ ନିୟମିତ ଗ୍ରହଣ କରିବା ଉଚିତ।

# ସ୍ୱାଦିଷ୍ଟ ତାୱା ପନିର



*ଆବଶ୍ୟକ ସାମଗ୍ରୀ:* ପନିର, ଦହି, ଜିରା, ଜୁଆଣି, କସ୍ତୁରୀ ମେଥି, ପିଆଜ, ଅଦା, କଞ୍ଚା ଲଙ୍କା ପେଷ୍ଟ୍, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା ଗୁଣ୍ଡ, ଟମାଟୋ ସସ୍ ?, କ୍ରିମ୍, ଲେମ୍ବୁ ରସ, ତେଲ, ଲୁଣ, ଧନିଆ ପତ୍ର ।

*ପ୍ରସ୍ତୁତି ପ୍ରଣାଳୀ:* ଏକ ପାତ୍ରରେ ଦହିକୁ ଫେଣ୍ଟି ଏଥିରେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ ଓ କସ୍ତୁରୀ ମେଥି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏବେ ଏଥିରେ କଟା ପନିର ପକାଇ ୧୦ରୁ ୧୫ ମିନିଟ୍ ଯାଏ ସେମିତି ଛାଡ଼ି ଦିଅନ୍ତୁ। ତା’ପରେ ଏକ ପ୍ୟାନ୍‌ରେ ଅଧ ଚାମଚ ତେଲ ପକାଇ ଏହା ଉପରେ ମାରିନେଟ୍ ହୋଇ ରହିଥିବା ପନିର ପକାଇ ହାଲ୍‌କା ଫ୍ରାଏ କରନ୍ତୁ।

ଏବେ କଡ଼େଇରେ ତେଲ ଗରମ କରି ଜିରା ଓ ଜୁଆଣି ପକାଇ ଫୁଟାନ୍ତୁ। ଏଥିରେ ପିଆଜ, କଟା ଅଦା ଓ କଟା ରସୁଣ ପକାଇ ଭାଜନ୍ତୁ। ସେ ସବୁ ଭାଜି ହୋଇଗଲା ପରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ କସ୍ତୁରୀ ମେଥି ପକାଇ ଗୋଳାଇ ଦିଅନ୍ତୁ। କିଛି ସମୟ ପରେ ଏଥିରେ ଟମାଟୋ ସସ୍ ପକାଇ ୬ରୁ ୭ ମିନିଟ୍ ଯାଏ କଷନ୍ତୁ। ତା’ପରେ ଏଥିରେ ହାଲ୍‌କା ଫ୍ରାଏ ହୋଇଥିବା ପନିର ପକାଇ ଅଧ କପ୍ ପାଣି ମିଶାଇ ଧିମା ଆଞ୍ଚରେ ୧୦ ମିନିଟ୍ ଯାଏ ଫୁଟିବାକୁ ଛାଡ଼ି ଦିଅନ୍ତୁ। ୧୦ ମିନିଟ୍ ପରେ ଗରମ ମସଲା ଗୁଣ୍ଡ ଓ କ୍ରିମ୍ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ତା’ପରେ ଲେମ୍ବୁ ରସ ପକାଇ ଏହାକୁ ଆଞ୍ଚରୁ ଓହ୍ଲାଇ ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରକୁ ବାହାର କରି ତା’ ଉପରେ ଧନିଆ ପତ୍ର ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ ତାୱା ପନିର। ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରନ୍ତୁ। ଏହି ରେସିପିଟିକୁ ରୁଟି କିମ୍ବା ନାନ୍ ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ ।

# ଗୁମ୍ଫା ମନ୍ଦିର



ଭୋପାଲରେ ପ୍ରସିଦ୍ଧ ଧର୍ମ ସ୍ଥଳୀ ମଧ୍ୟରେ ଗୁମ୍ଫା ବା ଗୁମ୍ଫା ମନ୍ଦିର ଅନ୍ୟତମ । ସହର ଉପକଣ୍ଠସ୍ଥ ଲାଲଘାଟୀରେ ଏହି ମନ୍ଦିର ଅବସ୍ଥିତ । ଦେବାଳୟଟି ଶିବଙ୍କୁ ସମର୍ପିତ । ମନ୍ଦିର ପରିସର ତଥା ଆଖ ପାଖରେ ଏକାଧିକ ଗୁମ୍ଫା ଥିବାରୁ, ଏହି ପରି ନାମ । ଗୋଟିଏ ଗୁମ୍ଫାରେ ସ୍ୱୟଂଭୁ ଶିବଲିଙ୍ଗ ଓ ପିଣ୍ଡି ସୁଶୋଭିତ । ୧୯୪୯ରେ ସ୍ୱାମୀ । ନାରାୟଣ ଦାସ ଶିବଲିଙ୍ଗ ଆବିଷ୍କାର କରିଥିଲେ । ଏହାପରେ ମୁଖ୍ୟ ମନ୍ଦିର ତିଆରି କରାଯାଇଥିଲା । ମୋଟ



ସାତଟି ପ୍ରାକୃତିକ ଗୁମ୍ଫା ଅଛି । ଅନ୍ୟ ଗୁମ୍ଫାଗୁଡ଼ିକରେ ସଂସ୍କୃତ ବିଦ୍ୟାର୍ଥୀମାନେ ରହୁଥିବା ଜଣାଯାଏ । ମନ୍ଦିର ନିକଟରେ ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ, ଆୟୁର୍ବେଦୀୟ ଔଷଧାଳୟ, ଗୋଶାଳା ଆଦି ଅଛି ।

# ସାବଧାନ ! ଘଣ୍ଟା ଘଣ୍ଟା ବସି କାମ କଲେ ହୋଇଥାଏ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା

ମାନବର ପୂର୍ବ ଜୀବନଶୈଳୀ ଓ ବର୍ତ୍ତମାନର ଜୀବନଶୈଳୀ ମଧ୍ୟରେ ଅହେତୁକ ପରିବର୍ତ୍ତନ ଘଟିଛି। ପୂର୍ବରୁ ଅଧିକାଂଶ ଲୋକେ ଶାରୀରିକ ପରିଶ୍ରମ କରି ଜୀବନ ବିତାଉଥିଲେ। ଏବେ କିନ୍ତୁ ସମୟ ବଦଳି ଯାଇଛି, ଅଫିସରେ ନିରବଚ୍ଛିନ୍ନ ଭାବେ ୮-୯ ଘଣ୍ଟା କାମ କରିବା ଆମ ଜୀବନର ଏକ ଅଂଶ ହୋଇଯାଇଛି। ଏହି ଅଭ୍ୟାସ ମାନବ ସ୍ୱାସ୍ଥ୍ୟ ପାଇଁ କେତେ ବିପଜ୍ଜନକ ହୋଇପାରେ କେବେ ଭାବିଛନ୍ତି କି? ଅଫିସରେ କ୍ରମାଗତ ଭାବରେ ୮-୯ ଘଣ୍ଟା ବସିବା ଦ୍ୱାରା ବେକ ଏବଂ କାନ୍ଧରେ ଯନ୍ତ୍ରଣା ହୁଏ। ଏସବୁ ବ୍ୟତୀତ ମେଦବହୁଳତା, ମଧୁମେହ ଏବଂ ହୃଦରୋଗ ତଥା କର୍କଟ ରୋଗ ହେବାର ଆଶଙ୍କା ମଧ୍ୟ ବଢିଥାଏ। ଅଫିସକୁ ଯିବା ମାତ୍ରେ ଚେୟାରରେ ବସି ରହି କାମ କରିବା ଫଳରେ ଶରୀରର କୋଷଗୁଡ଼ିକ ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗେ। ଏହା ରୋଗ ପ୍ରତିରୋଧକ ଶକ୍ତି ଉପରେ କୁପ୍ରଭାବ ପକାଇଥାଏ। ତେଣୁ କାର୍ଯ୍ୟ ମଧ୍ୟରେ କିଛି ସମୟ ବିରତି ନିଅନ୍ତୁ, କିମ୍ବା ଶାରୀରିକ ବ୍ୟାୟାମ ଅନୁସରଣ କରନ୍ତୁ।ଘରେ କିମ୍ବା ଅଫିସରେ ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ବସି ରହିବା ଫଳରେ ହାଡ଼ ଦୁର୍ବଳ ହୋଇଯାଏ। ଅନେକ ଥର ଅନୁଭବ କରିଥିବେ, ଏହି କାରଣରୁ ଆଣ୍ଠୁ ଏବଂ ଅଣ୍ଟାରେ ଯନ୍ତ୍ରଣା ଆରମ୍ଭ ହୁଏ। ଚେୟାରରେ ଭୁଲ ଶୈଳୀରେ ବସି କାମ କରନ୍ତୁ ନାହିଁ, ନଚେତ୍ ପିଠି ଯନ୍ତ୍ରଣା ହୋଇପାରେ। ଲଗାତାର ସମାନ ଅବସ୍ଥାରେ ଗୋଟିଏ ସ୍ଥାନରେ ବସି ରହିବା ଫଳରେ ବିଭିନ୍ନ ସମସ୍ୟା ହେବାର ସମ୍ଭାବନା ଥାଏ। ଘଣ୍ଟା ଘଣ୍ଟା ଧରି ବସିବା କାରଣରୁ କ୍ୟାଲୋରୀ ନଷ୍ଟ ହୋଇନଥାଏ, ଯେଉଁ କାରଣରୁ ଧୀରେ ଧୀରେ ବୃଦ୍ଧିପାଇ ମେଦବହୁଳତା ହୁଏ।



# ତ୍ୱଚା ପାଇଁ ମଲ୍ଲୀ ଫୁଲ: ମିଳେ ଅନେକ ଫାଇଦା

ମଲ୍ଲୀ ଫୁଲର ମନଲୋଭା ବାସ୍ନା ଖୁବ୍ ସୁନ୍ଦର । କିନ୍ତୁ କଣ ଆପଣ ଜାଣନ୍ତି କି ଏହା କେବଳ ସୁଗନ୍ଧ ପାଇଁ ହିଁ ନୁହେଁ ବରଂ ଆପଣଙ୍କ ତ୍ୱଚାର ବି ସୌନ୍ଦର୍ଯ୍ୟ ବଢାଇଥାଏ । ମଲ୍ଲୀ ଫୁଲର ଅନେକ ଉପକାରୀ ଗୁଣ ରହିଛି ଯାହା ତ୍ୱଚାରେ ଚମକ ଆଣିଥାଏ ।

*ବ୍ରଣ ସମସ୍ୟା ଦୂର କରେ ମଲ୍ଲୀ ଫୁଲ:*

ସାଧାରଣତଃ ମଲ୍ଲୀ ଫୁଲକୁ ସ୍ତ୍ରୀ ବା ଝିଅମାନେ ବିବାହ ଆଦି ଦିନ ମାନଙ୍କରେ ମୁଣ୍ଡରେ ପିନ୍ଧିଥିବାର ଦେଖିଥିବେ । ସେମାନେ କିଛି ଭଲ ଦିନ ବା ପର୍ବପର୍ବାଣୀ ଆଦିରେ ମଧ ଏହାକୁ ପିନ୍ଧିଥାନ୍ତି । ଏହି ମଲ୍ଲୀ ଫୁଲର ହାର ସେମାନଙ୍କ ମୁଣ୍ଡରେ ଅର୍ଥାତ୍ କେଶରେ ବହୁ ଶୋଭା ପାଏ । ଏହାର ମନଲୋଭା ବାସ୍ନା ବି ଖୁବ୍ ସୁନ୍ଦର, ତେଣୁ ଏହାର ଅତର ଆଦି ମଧ ବଜାରରେ ମିଳିଥାଏ । କିନ୍ତୁ ଯଦି ଆପଣଙ୍କୁ କୁହାଯାଏ ଯେ ଏହା କେବଳ କେଶ କି ସୁଗନ୍ଧ ପାଇଁ ହିଁ ନୁହେଁ ବରଂ ଆପଣଙ୍କ ତ୍ୱଚାର ବି ଶୋଭା ବଢାଇଥାଏ, ତାହେଲେ ଆପଣ ନିଶ୍ଚୟ ଖୁସି ହେବେ। ବାସ୍ତବରେ ଏହି କଥାଟି ସତ। ମଲ୍ଲୀ ଫୁଲର ତ୍ୱଚା ପ୍ରତି ଅନେକ ଉପକାରୀ ଗୁଣ ରହିଛି।

ମଲ୍ଲୀ ଫୁଲକୁ ମୋଗରା, ଚମେଲି, ଅରେବିୟନ୍ ଜ୍ୟାସ୍‌ମିନ୍, ମଦନବନ, ସୟାଲି, କୁଣ୍ଡା ବା ମଲ୍ଲୀକା ଆଦି ନାମରେ ବି ଜଣାଯାଏ। ତେବେ ସୁଗନ୍ଧରେ ବ୍ୟବହୃତ ଏହି ମଲ୍ଲୀ ଫୁଲରେ ଭରପୁର ମାତ୍ରାରେ ମଷ୍ଟରାଇଜିଙ୍ଗ୍ ଗୁଣ ବି ରହିଛି। ଯାହା ସ୍କିନ୍ ପାଇଁ ଅତ୍ୟନ୍ତ ଲାଭଦାୟୀ ଅଟେ। ଏହାକୁ କିପରି ବ୍ୟବହାର କଲେ ଆପଣଙ୍କ ତ୍ୱଚା ଏହି ଲାଭ ପାଇପାରିବ, ଆସନ୍ତୁ ଜାଣିବା

## *ମଲ୍ଲୀ ଫୁଲର ତ୍ୱଚା ପାଇଁ ଉପକାରିତା:*



*କୋମଳ ତ୍ୱଚା ପାଇଁ:*

ସ୍ମୁଥ୍ ସ୍କିନ୍ ପାଇଁ ମଲ୍ଲୀ ଫୁଲର ପ୍ୟୁରୀ ବା ମିଶ୍ରଣକୁ ନିଜ ମୁହଁରେ ଲଗାନ୍ତୁ । ଏହା ଆପଣଙ୍କ ସ୍କିନ୍‌କୁ ଡିପ୍ ମଷ୍ଟରାଇଜ୍ କରିବା ସାଙ୍ଗକୁ ସଫ୍ଟ ବନେଇଥାଏ। ଏହାଛଡ଼ା ଆପଣ ମଲ୍ଲୀ ଫୁଲ ବ୍ୟବହୃତ ପ୍ରଡକ୍ଟ ବି ବ୍ୟବହାର କରିପାରିବେ।

ଦୁର୍ଗନ୍ଧ ରୋକିବାରେ ସାହାଯ୍ୟ କରେ:

ଅନେକ ଲୋକଙ୍କ ଶରୀରରୁ ଦୁର୍ଗନ୍ଧ ଆସିଥାଏ। ଏହାକୁ ରୋକିବା ପାଇଁ ଘରେ ବନାନ୍ତୁ ମଲ୍ଲୀ ଫୁଲର ବଡି ସ୍ପ୍ରେ। ଏଥିପାଇଁ ଜସ୍ମିନ୍ ଏସେନ୍ସ ଅଏଲ୍‌ର ବ୍ୟବହାର କରିପାରିବେ। ଏଥିପାଇଁ ସ୍ପ୍ରେ ବୋତଲରେ ପାଣି ଓ ମଲ୍ଲୀ ଫୁଲର ତେଲ ମିଶାନ୍ତୁ । ଏହା ଏକ ସବୁଠାରୁ ପ୍ରଭାବଶାଳୀ ବ୍ୟୁଟି ହ୍ୟାକ୍, ଯାହାର ବ୍ୟବହାର ଆପଣଙ୍କ ତ୍ୱଚାକୁ ଚମକ ଆଣିବାରେ ସାହାଯ୍ୟ କରେ।



*ବ୍ରଣ ସମସ୍ୟା ଦୂର ହେବ:*

ମୁହଁରେ ବ୍ରଣ ସମସ୍ୟାକୁ ଦୂର କରିବା ପାଇଁ ମଲ୍ଲୀ ଫୁଲର ପାଖୁଡାକୁ ପେଷ୍ଟ କରି ସିଧା ସଳଖ ମୁହଁରେ ଲଗାନ୍ତୁ। ଏହା କରିବା ଦ୍ୱାରା ମୁହରେ ବ୍ରଣ କମିଥାଏ ।

*ସନ୍ ଡ୍ୟାମେଜ୍:*

ସୂର୍ଯ୍ୟ କିରଣ ଦ୍ୱାରା ହେଉଥିବା ସ୍କିନ୍ ଡ୍ୟାମେଜ୍‌କୁ ରୋକିବା ପାଇଁ ମଲ୍ଲୀ ଫୁଲର ରସକୁ ମୁଁହରେ ଲଗାନ୍ତୁ । ଏହାଦ୍ୱାରା ଆପଣଙ୍କୁ ତୁରନ୍ତ ଫ୍ରେଶ୍ ଅନୁଭବ ହେବ। ଆପଣଙ୍କ ଗାଧୋଇବା ପାଣିରେ ବି ଏହାର ପାଖୁଡା କିମ୍ବା ଏହାର ପେଷ୍ଟକୁ ପକାଇ ପାରିବେ । ଏହି ପାଣିରେ ଗାଧୋଇବା ଦ୍ୱାରା ଆପଣଙ୍କୁ ସତେଜ ଅନୁଭବ ହେବ।

*ଫେସ୍ ପ୍ୟାକ୍:*

ମଲ୍ଲୀ ଫୁଲର ପାଖୁଡାକୁ ସଫା କରି ଏହାର ପେଷ୍ଟ ବନାନ୍ତୁ। ଏହାକୁ ସିଧା ସ୍କିନ୍‌ରେ ଲଗାନ୍ତୁ। ଏହାକୁ ୧୦ ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ରଖି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହି ଫେସ୍ ପ୍ୟାକ୍ ତ୍ୱଚାରେ ଚମକ ଆଣିଥାଏ

*କେଶ ପାଇଁ ବି ବ୍ୟବହାର କରିପାରିବେ:*

ମଲ୍ଲୀ ଫୁଲର ହାରରେ ଆପଣ କେଶକୁ ସଜେଇଥିବେ ବା ଦେଖିଥିବେ ନିଶ୍ଚୟ । କିନ୍ତୁ କେଶର ଡିପ୍ କଣ୍ଡିସ୍‌ନିଂଙ୍ଗ୍ ପାଇଁ ବି ମଲ୍ଲୀ ଫୁଲକୁ ବ୍ୟବହାର କରିହେବ । ଏଥିପାଇଁ ମଲ୍ଲୀ ଫୁଲକୁ ଗରମ ପାଣିରେ ଭିଜେଇ ଥଣ୍ଡା କରନ୍ତୁ। ଥଣ୍ଡା ହେବା ପରେ ଏହାକୁ ଭଲଭାବେ କେଶ ଧୋଇବାରେ ବ୍ୟବହାର କରନ୍ତୁ । ଏହାଦ୍ୱାରା କେଶ ବହୁତ ଭଲରେ ସାଇନିଂ କରିଥାଏ ।

# ମହଙ୍ଗା ପଡ଼ିଲା କୁକୁର ପ୍ରୀତି

ଯଦି ଆପଣ ଘରେ କୁକୁର ପାଳିଛନ୍ତି ଏବଂ ତା ସହ ଅଧିକ ସମୟ ବିତାଉଛନ୍ତି କି ? ତେବେ ସାବଧାନ । ନିକଟରେ ଆମେରିକାରେ ଦେଖିବାକୁ ମିଳିଛି ଏପରି ଘଟଣା, ଯାହା ଆପଣଙ୍କ କୁକୁରପ୍ରୀତି କମାଇ ଦେଇପାରେ । ଆମେରିକାର ୱିସ୍କୋନ୍ସିନ୍ ଅଞ୍ଚଳରେ ରହୁଥିବା ୪୮ବର୍ଷୀୟ ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡ଼ିଛି କୁକୁରପ୍ରୀତି । ବ୍ୟକ୍ତି ଜଣକ ପାଳିଥିବା କୁକୁର ସହ ଅଧିକ ସମୟ ବିତାଇଥାନ୍ତି । ଏପରିକି କୁକୁର ସହ ଖାଇବା ଓ ଶୋଇବାକୁ ମଧ ପସନ୍ଦ କରୁଥିଲେ । କୁକୁର ସହ ଏତେ ନିବିଡ଼ତା ଯୋଗୁ କୁକୁର ପାଟିରୁ ବାହାରୁଥିବା ଲାଳ ତାଙ୍କ ଶରୀର ମଧ୍ୟରେ ପ୍ରବେଶ କରିଥିଲା । କୁକୁର ଲାଳରେ ଥିବା ଏକ ପ୍ରକାର ବ୍ୟାକ୍ଟେରିଆ ତାଙ୍କ ଶରୀର ଅସୁସ୍ଥ ହେବାରେ ଲାଗିଲା । ଏପରିକି ଚାଲାବୁଲା କରିବା ତାଙ୍କ ପାଇଁ ଏକପ୍ରକାର ଅସମ୍ଭବ ହୋଇପଡ଼ିଲା । ଡାକ୍ତରଙ୍କୁ ପରାମର୍ଶ କରିବାକୁ ଜଣାପଡ଼ିଲା ଯେ କୁକୁର ଲାଳ ତାଙ୍କ ଶରୀରରେ ମିଶିଯିବାରୁତାଙ୍କର ଏପରି ଅବସ୍ଥା ହୋଇଛି । ଏପରିକି ସେ ବଞ୍ଚିବା ରହିବା ପାଇଁ ଗୋଡ଼ କାଟିବାକୁ ପଡ଼ିଲା । ଏବେ ବିନା ଗୋଡ଼ରେ ତାଙ୍କୁ ବିତାଇବାକୁ ହେବ ସାରାଜୀବନ ।

# ଧ୍ୱନି ପ୍ରତିଧ୍ୱନି



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିର୍ବାଚନ ଓ ସାମାଜିକ ସୁସମ୍ପର୍କ...

ଚଳିତବର୍ଷ 'ଜାତୀୟ ଭୋଟର ଦିବସ' ଉପଲକ୍ଷେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିବା ଶପଥ ପାଠ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜାଣିବା ପରେ ଆଜିର ନିର୍ବାଚନ ଏବଂ ସାମାଜିକ ସମ୍ପର୍କକୁ ନେଇ ମନ ମଧ୍ୟରେ ଅନେକ କଥା ଏବଂ ପ୍ରଶ୍ନ ଉଙ୍କି ମାରୁଥାଏ। ନିର୍ବାଚନର ମାହୋଲ ମଧ୍ୟରେ ଏମିତି କିଛି ଘଟଣା ଓ ଦୁର୍ଘଟଣାମାନ ଆମ ଚାରିପାଖ ଘଟିଚାଲେ, ଯାହା ସାଧାରଣ ଜୀବନଶୈଳୀ ମଧ୍ୟରେ ରହିଥିବା ସାମାଜିକ ସମ୍ପର୍କର ସ୍ଥିତି ଏବଂ ସତ୍ତାକୁ ସ୍ତବ୍ଧ କରିଦିଏ! କିଛିଦିନ ତଳେ, ଜଣେ ବନ୍ଧୁଙ୍କ ଘରେ ବସି ଅବସରକାଳୀନ ସମୟ ଅତିବାହିତ କରୁଥିବା ସମୟରେ କିଛି ହୋ ହଲ୍ଲା ଶୁଣି ଆମେ ଦୁହେଁ ଘର ବାହାରକୁ ଆସି ଦେଖିବାକୁ ପାଇଲୁ ଯେ ପଡ଼ିଶା ଘରର ଦୁଇ ଭାଇ ନିଜ ମଧ୍ୟରେ ଝଗଡ଼ା କରୁଛନ୍ତି! ଜାଣିବାକୁ ମିଳିଲା, ବଡ଼ଭାଇ ଜଣଙ୍କ ଚଳିତ ନିର୍ବାଚନ ନିମନ୍ତେ ଜଣେ ପ୍ରାର୍ଥୀଙ୍କୁ ସମର୍ଥନ କରୁଥିବା ବେଳେ ସାନଭାଇଙ୍କୁ ବାଧ୍ୟ କରୁଛନ୍ତି ଉକ୍ତ ପ୍ରାର୍ଥୀଙ୍କ ନିମନ୍ତେ ନିର୍ବାଚନ ପ୍ରଚାର, ପ୍ରସାରରେ ଯୋଗଦାନ ତଥା ସହଯୋଗ କରିବା ଲାଗି। କିନ୍ତୁ କୌଣସି ଏକ କାରଣରୁ ସାନଭାଇ ଜଣଙ୍କ ଏଥିରେ ରାଜି ନ ହେବାରୁ ଘଟଣାଟି ପାରିବାରିକ ତଥା ବ୍ୟକ୍ତିଗତ କଳହରେ ରୂପାନ୍ତରିତ ହୋଇଛି ଏବଂ ତାହା ଝଗଡ଼ା ତଥା ମାଡ଼ପିଟ ସ୍ତରରେ ପହଞ୍ଚିଛି। ଏମିତି କି' ଜଣେ ଅନ୍ୟ ଜଣଙ୍କ ସହ ରକ୍ତଗତ ସମ୍ପର୍କ ଛିନ୍ନ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି! ଉକ୍ତ ଦୃଶ୍ୟଟିର ଅବଲୋକନ ପରେ ଏହିପରି ଆଉକିଛି ଘଟଣାର ଚିତ୍ର ମନକୁ ସ୍ପର୍ଶ କରି ଯାଉଥାଏ। ନିର୍ବାଚନ ସମୟରେ ଗୋଟିଏ ଗାଁ, ସହର କିମ୍ବା ବ୍ଲକ ତଥା ଅଞ୍ଚଳରେ ବାସ କରୁଥିବା ଲୋକମାନେ ନିଜର ମତ, ବିଚାର ଏବଂ ଚିନ୍ତାଧାରା ଆଧାରରେ ପ୍ରାର୍ଥୀ ଚୟନ କରି ଛୋଟ ଛୋଟ ଗୋଷ୍ଠୀରେ ନିଜକୁ ବିଭକ୍ତ କରିଥା'ନ୍ତି। ବ୍ୟକ୍ତିଗତ ସମ୍ପର୍କ ଓ ସ୍ତରରେ କୌଣସି ମତଭେଦ ତଥା କଳହ ନ'ଥାଇ ମଧ୍ୟ ସେଥିମଧ୍ୟରୁ ଅନେକ ସବଳ ବ୍ୟକ୍ତି ଦୁର୍ବଳ ଲୋକ ତଥା ଗୋଷ୍ଠୀ ଉପରେ ବିଭିନ୍ନ ଉପାୟରେ ଆକ୍ରମଣ କରିଥା'ନ୍ତି। ଏହି ଘଟଣାଗୁଡ଼ିକରେ କିଛିବ୍ୟକ୍ତି ନିରବଦ୍ରଷ୍ଟା ସାଜିଥା'ନ୍ତି ଏବଂ କିଛିଲୋକ ଉପରେ ନିରବ ରହି ସମସ୍ତଙ୍କ ସହ ସମ୍ପର୍କ ଭଲ ରଖି, ଗୋଷ୍ଠୀଗୁଡ଼ିକ ମଧ୍ୟରେ ସେମାନଙ୍କ ଅଜାଣତରେ କଥାର ଆଦାନ ପ୍ରଦାନ କରିଥା'ନ୍ତି। ଏହାଦ୍ୱାରା, ଗୋଷ୍ଠୀ କଳହ ତଥା କନ୍ଦଳର ସୂତ୍ରପାତ ହୋଇଥାଏ। ଅନେକ ସମୟରେ ଜଣେ ବ୍ୟକ୍ତି ନିଜର ବିରୋଧୀ ତଥା ବିରୋଧୀ ଗୋଷ୍ଠୀର କୌଣସି ସମର୍ଥକ ଓ କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣ ତଥା ଜୀବନରେ ମାରିଦେବା ପରି ଘଟଣା ଦୈନିକ ସମ୍ବାଦପତ୍ରରେ ଆଗଧାଡ଼ିର ଖବର ଭାବରେ ରୂପାନ୍ତରିତ ହେଉଛି। ଏହି ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କର ପରିବାରର ସଦସ୍ୟ ଓ ତାଙ୍କର ଭବିଷ୍ୟତ ଅନ୍ଧକାର ଏବଂ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଏ। ଏକାନ୍ତରେ ଏକ ନିରବ ପରିବେଶ ମଧ୍ୟରେ ରହି ଏହିସବୁ କାର୍ଯ୍ୟକଳାପ ଏବଂ ଘଟଣାଗୁଡ଼ିକୁ ତର୍ଜମା କଲେ ଜଣାପଡ଼େ ଯେ, କୌଣସି ଏକ ନିଜସ୍ୱ କାରଣ ନ ଥାଇ, ବିନା ବ୍ୟକ୍ତିଗତ ସ୍ୱାର୍ଥରେ ନିଜ ମଧ୍ୟରେ ଲଢ଼ି, ଶତ୍ରୁତା ସୃଷ୍ଟିକରି ବାସ୍ତବରେ କାହାକୁ କ'ଣ ପ୍ରାପ୍ତି ହୋଇଥାଏ? ଏହି ସନ୍ଦର୍ଭରେ ଏକ ବଡ଼ ପ୍ରଶ୍ନବାଚୀ ମନ ମଧ୍ୟରେ ଉଙ୍କିମାରେ ଯେ ନିର୍ବାଚନ ଆସିବ, ଯିବ। କିନ୍ତୁ ସେହି କାରଣରୁ ଭାଙ୍ଗିଯାଇଥିବା ରକ୍ତଗତ, ବ୍ୟକ୍ତିଗତ ଏବଂ ସାମାଜିକ ସମ୍ପର୍କମାନ ଆଉଥରେ ଯୋଡ଼ି ହେବ ତ? ଯଦି ବା ଯୋଡ଼ି ହୁଏ, ତେବେ ସେଥିରେ ପୂର୍ବପରି ରହିଥିବା ସେ ବିଶ୍ୱାସ, ଆତ୍ମୀୟତା ଏବଂ ଭଲପାଇବା ବଜାୟ ରହିବ ତ? ତେବେ ଗୋଟିଏ ନିର୍ବାଚନ ପ୍ରକ୍ରିୟାରେ ଭୋଟ ବ୍ୟବସ୍ଥା ମାଧ୍ୟମରେ ନିଜର ମତାଧିକର ସାବ୍ୟସ୍ତ କରିବା ସହ ମନ ପସନ୍ଦର ଜନ ପ୍ରତିନିଧି ବାଛିବା ହେଉଛି ଜଣେ ନାଗରିକର ଏକ ସାମ୍ବିଧାନିକ ତଥା ମୌଳିକ ଅଧିକାର, ଯାହା ଏକ ନିରେପେକ୍ଷ ତଥା ଅବାଧ ପ୍ରକ୍ରିୟା ଓ ପରିବେଶ ମଧ୍ୟରେ ସମ୍ପାଦିତ ହେବା ବିଧେୟ। ଯେଉଁଥିରେ, କୌଣସି ବି ଉପାୟ ଅବଲମ୍ବନ କରି ଜଣଙ୍କର ମତାଧିକାରକୁ ପ୍ରଭାବିତ କରିବା ଆଇନ ବିରୁଦ୍ଧ ତଥା ଅମାନ୍ୟ ଅଟେ। ଏହି ପରିପ୍ରେକ୍ଷୀରେ ସାଧାରଣ ଜନତାଙ୍କ ମଧ୍ୟରେ ଏକ ସଚେତନତା ସୃଷ୍ଟି ହେବା ଜରୁରୀ ଯେ ନିର୍ବାଚନ ପ୍ରଚାର ତଥା ଭୋଟ ଦେବା ପ୍ରକ୍ରିୟାରେ ଜଡ଼ିତ ରହି ଜଣେ ସାଧାରଣ ବ୍ୟକ୍ତି ନିଜ ପରିବାରର ସଦସ୍ୟ, ସମ୍ପର୍କୀୟ, ପଡ଼ୋଶୀ, ଗ୍ରାମବାସୀ ତଥା ଅଞ୍ଚଳର କୌଣସି ବି ବାସିନ୍ଦାଙ୍କ ସହ ନିଜର ସାମାଜିକ ଓ ବ୍ୟକ୍ତିଗତ ସମ୍ପର୍କକୁ ଖରାପ କରନ୍ତୁ ନାହିଁ। ନିର୍ବାଚନ ଜନିତ କୌଣସି ବି ଘଟଣାକୁ ବ୍ୟକ୍ତିଗତ ତଥା ସାମାଜିକ ସମ୍ପର୍କ ସ୍ତରକୁ ନିଆ ନ ଯାଉ। ସାମୟିକ ଭାବରେ ଏଥିରେ ପ୍ରଭାବିତ ହେବା ସହ ଉତ୍ତେଜନାର ଶିକାର ହୋଇ କେଉଁ ଜଣେ ନିଜ ଲୋକର କ୍ଷତି ନ କରନ୍ତୁ। ନିର୍ବାଚନର ପରିବେଶ ଆଜି ଅଛି, ଗୋଟିଏ ମାସ ପରେ ତାହା ସମାପ୍ତ ହୋଇଯିବ। କିନ୍ତୁ ଏହାପରେ ଆମକୁ ଆମ ପରିବାର, ସମାଜ, ଗ୍ରାମ ତଥା ଅଞ୍ଚଳରେ ବାସ କରୁଥିବା ପ୍ରତିଟି ଲୋକ ସହ ସାମାଜିକ ସମ୍ପର୍କକୁ ନେଇ ତଥା ବଜାୟ ରଖି ବଞ୍ଚିବାକୁ ପଡ଼ିବ। ଏଣୁ ନିର୍ବାଚନର ଏହି ପ୍ରଚାର, ପ୍ରସାର ଓ ଭୋଟ ମାଧ୍ୟମରେ ନିଜ ମତ ସାବ୍ୟସ୍ତ କରିବାର କାର୍ଯ୍ୟ ବ୍ୟକ୍ତିଗତ ସ୍ତରକୁ ନ ଆସି କେବଳ ସାମ୍ବିଧାନିକ ତଥା ନିର୍ବାଚନ ସ୍ତରରେ ହିଁ ରହୁ। ଏକ ସୁସ୍ଥ ସମାଜ ଗଠନରେ ଏହା ହିଁ ଏକ ବଡ଼କାରକ ସାଜିବ।

## ବିପଦ ସାଜୁଛି ସେକେଣ୍ଡ ହ୍ୟାଣ୍ଡ ମୋବାଇଲ



**ଗଙ୍ଗାଧର ସାମଲ**

ବର୍ତ୍ତମାନ ସମୟରେ ହାତ ପାହାନ୍ତାରେ ଅତ୍ୟାଧୁନିକ ମୋବାଇଲ ଆଉ ମୋବାଇଲ ଆମ ସମସ୍ତଙ୍କର ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ପରିଣତ ହେଲାଣି। ଅନେକ ଲୋକ ନିଜ ଆର୍ଥିକ ଅବସ୍ଥାକୁ ଦେଖି ସେକେଣ୍ଡହ୍ୟାଣ୍ଡ ମୋବାଇଲ କିଣିଥାନ୍ତି। ତେବେ ଏହି ସେକେଣ୍ଡ ହ୍ୟାଣ୍ଡ ମୋବାଇଲ ଆପଣଙ୍କ ପାଇଁ କିପରି ପରବର୍ତ୍ତୀ ସମୟରେ ଅସୁବିଧାର କାରଣ ହୋଇଥାଏ ସେ ସମ୍ପର୍କରେ ଆଜିର ଆଲୋଚନା। ସେକେଣ୍ଡେ ହ୍ୟାଣ୍ଡ ମୋବାଇଲ କିଣୁଥିଲେ ହୁଅନ୍ତୁ ସାବଧାନ। କାରଣ ଏହି ମୋବାଇଲକୁ ପୂର୍ବରୁ ଅପରାଧୀ ଏବଂ ସାଇବର ଠକ ବ୍ୟବହାର କରିଥାଇ ପାରନ୍ତି। ଯେଉଁଥି ପାଇଁ ସାଧାରଣ ଲୋକ ଶସ୍ତାରେ ପାଇ କିଣିଲେ ଆଇନ ଜାଲରେ ଫସିବାର ସମ୍ଭାବନା ରହୁଛି। ତେଣୁ ସେକେଣ୍ଡେ ହ୍ୟାଣ୍ଡ ମୋବାଇଲ କିଣିବା ସମୟରେ ସଚେତନ ହେବାକୁ ପୁଲିସ ଲୋକଙ୍କୁ ସତର୍କ କରୁଛି ତଥାପି ଲୋକମାନେ ଚେତୁ ନାହାଁନ୍ତି।

ଅନେକ ହୁଏତ ଜାଣିନଥିବେ ମୋବାଇଲ ବିକ୍ରି କରୁଛନ୍ତି ଅପରାଧୀମାନେ ଦ୍ୱୈତ ନଗରୀ କଟକ-ଭୁବନେଶ୍ୱର ରାଜଧାନୀରେ ପୂର୍ବରୁ ଦେଖିବାକୁ ମିଳିଛି ଯେ, ଅପରାଧୀମାନେ ପ୍ରଥମେ ବ୍ୟବହାର କରୁଥିବା ମୋବାଇଲ ମାଧ୍ୟମରେ କ୍ରାଇମ କରୁଛନ୍ତି। ଅପରାଧ ଘଟାଇବା ପରେ ସେମାନେ ଉକ୍ତ ମୋବାଇଲ ଫୋନକୁ ଶସ୍ତାରେ ଅନ୍ୟ ଲୋକଙ୍କୁ ବିକ୍ରି କରିଦେଉଛନ୍ତି। ଏହି ମୋବାଇଲକୁ ସାଧାରଣ ଲୋକ କିଣି ଫସିଯାଉଛନ୍ତି। କାରଣ ପୁଲିସ ଆଇଏଇଆଇ ଟ୍ରାକ କରି ଏହି ମୋବାଇଲ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ନିକଟରେ ପହଞ୍ଚୁଛି। ଏହାପରେ ଉକ୍ତ ବ୍ୟକ୍ତିଙ୍କ ଠାରୁ ମୋବାଇଲ ଜବତ କରିବା ସହ ଗିରଫ ମଧ୍ୟ କରୁଛି। ଯଦି ଉକ୍ତ ମୋବାଇଲ ଚୋରି ହୋଇଥିବ ତେବେ ପୁଲିସ ତାର ବିବେକ ଅନୁସାରେ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରିପାରେ ନ ହେଲେ ଦୟା ଦେଖାଇ ଛାଡ଼ି ଦେଇପାରେ।

ସାଇବର ଠକ ଏବେ ଠକେଇ ପାଇଁ ସେକେଣ୍ଡ ହ୍ୟାଣ୍ଡ ମୋବାଇଲ ଫୋନର ସାହାରା ନେଉଛନ୍ତି। ସେମାନେ କମ ଦାମରେ ମୋବାଇଲ କିଣି ସେଥିରେ ଭିନ୍ନ ଏକ ଆପ ଇନଷ୍ଟଲ କରି ଦେଉଛନ୍ତି। ଏହି ମୋବାଇଲକୁ ପରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଶସ୍ତାରେ ପାଇ କିଣି ନେଉଛନ୍ତି। ଏଥିରେ ସେ ଫୋନ ପେ ଠାରୁ ଆରମ୍ଭ କରି ଗୁଗୁଲ ପେ ଇନଷ୍ଟଲ କରୁଛନ୍ତି। କିନ୍ତୁ ଅପରାଧୀ ଉକ୍ତ ମୋବାଇଲରେ ପୂର୍ବରୁ ଇନଷ୍ଟଲ କରିଥିବା ଆପ ମାଧ୍ୟମରେ ସେ ଗୁଗୁଲ ଏବଂ ଫୋନ ପେ ର ସମସ୍ତ ପାସୱାର୍ଡ଼ ଜାଣି ଆକାଉଣ୍ଟ ଖାଲି କରି ନେଇ ଯାଉଛନ୍ତି। ତେଣୁ ସେକେଣ୍ଡେ ହ୍ୟାଣ୍ଡ ମୋବାଇଲ କିଣିବା ସମୟରେ ଏହାର ରସିଦ ମାଗିବା ଆବଶ୍ୟକ।

ସେହିପରି ବଡ଼ ଆଶ୍ଚର୍ଯ୍ୟର କଥା ଅଧିକାଂଶ ଲୋକମାନେ ଅର୍ଥାତ୍ ୪୦ ପ୍ରତିଶତ ବସ୍ତି ଲୋକ କିଣୁଛନ୍ତି। ଅପରାଧରେ ବ୍ୟବହାର ହେଉଥିବା ଏବଂ ଚୋରା ମୋବାଇଲ ଫୋନକୁ କଟକ-ଭୁବନେଶ୍ୱରରେ ଥିବା ଏକାଧିକ ବସ୍ତିର କିଛି ଲୋକ ବ୍ୟବହାର କରୁଛନ୍ତି। ପୂର୍ବରୁ ମଧ୍ୟ ଅପରାଧରେ ବ୍ୟବହାର ହୋଇଥିବା ମୋବାଇଲ ଫୋନକୁ ୪୦ ପ୍ରତିଶତ ବସ୍ତି ଲୋକ କିଣି ବନ୍ଧା ହୋଇଛନ୍ତି। ତଥାପି ଏହି ଲୋକମାନେ ସୁଧୁରୁ ନାହାନ୍ତି। ଏହାର କାରଣ ହେଲେ ଅପରାଧୀମାନେ ଉକ୍ତ ମୋବାଇଲ ମାଧ୍ୟମରେ ଅପରାଧ ଘଟାଇବା ପରେ ବସ୍ତିଲୋକ ଦେଖି ଶସ୍ତାରେ ବିକ୍ରି କରି ଦେଉଛନ୍ତି। ବସ୍ତିଲୋକ ଶସ୍ତାରେ ମୋବାଇଲ କିଣି ବ୍ୟବହାର କରୁଛନ୍ତି। ଜ୍ଞାନ ଅଭାବରୁ ମଧ୍ୟ ସେମାନେ ଏହାର ରସିଦ ମଧ୍ୟ ମାଗୁନାହାଁନ୍ତି। ଦିନକୁ ଦିନ ଆଇନ ବ୍ୟବସ୍ଥା ଶୃଙ୍ଖଳିତ ଓ କଠୋର ହେଉଛି ତେଣୁ ଲୋକମାନେ ସଚେତନ ହେବାସହ ଏ କ୍ଷେତ୍ରରେ ପୋଲିସକୁ ମଧ୍ୟ ସହଯୋଗ କରିବା ଅତ୍ୟନ୍ତ ଜରୁରୀ। ଅନେକ ମୋବାଇଲ ଫୋନ ଅପରାଧିକ କାର୍ଯ୍ୟରେ ବ୍ୟବହାର ହେଉଥିବାରୁ ଓ ପୋଲିସ ମଧ୍ୟ ମୋବାଇଲକୁ ସେମାନଙ୍କର ସତର୍କ ତଦନ୍ତ ବ୍ୟବସ୍ଥା ଦ୍ୱାରା ଅପରାଧି ପର୍ଯ୍ୟନ୍ତ ପହଞ୍ଚିବାର ଅଭିଜ୍ଞତା ଓ କୌଶଳ ରଖିଛନ୍ତି। ତେଣୁ ସେକେଣ୍ଡ ହ୍ୟାଣ୍ଡ ମୋବାଇଲ ନିଶ୍ଚିନ୍ତ ଭାବେ ସମସ୍ତଙ୍କ ପାଇଁ ବିପଦଜନକ ସାବ୍ୟସ୍ତ ହେଉଛି।


ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୨୨୬୬୪୭


## ନିର୍ବାଚନ ନିର୍ଯାତନା



**ଯୁଧିଷ୍ଠିର ମହାରଣା**

ଏପ୍ରିଲ, ମେ, ଜୁନ ଏଇ ତିନିମାସ ହିଁ ଆମ ଦେଶରେ ଗ୍ରୀଷ୍ମ ଅନୁଭୂତ ହୁଏ। ଠିକ ଏଇ ସମୟରେ ନିର୍ବାଚନ ଆସିଛି। ଏ ବର୍ଷ ରାଜ୍ୟରେ ଗ୍ରୀଷ୍ମ ଦିନକୁ ଦିନ ଅତ୍ୟାଚାରୀ ହେବାରେ ଲାଗିଛି। ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି, କେତେକ ସ୍ଥାନରେ ୪୪ ଡିଗ୍ରୀ ମଧ୍ୟ ଅତିକ୍ରମ କରିସାରିଲାଣି। ବୋଝ ଉପରେ ନଳିତା ବିଡ଼ା ଭଳି ତାତି ସାଙ୍ଗକୁ ଜଳକଷ୍ଟ ଅଧିକ ଅସହ୍ୟ ହୋଇଛି। ଏଭଳି ସମୟରେ କର୍ମଚାରୀମାନଙ୍କ ପାଇଁ ନିର୍ବାଚନ ପ୍ରସ୍ତୁତି ଏବଂ ନେତାଙ୍କ ପାଇଁ ନିର୍ବାଚନ ପ୍ରଚାର ନିର୍ଯାତନା ଭଳି ମନେହେଉଛି। ପ୍ରଶ୍ନ ଉଠୁଛି ଏ ତିନିମାସକୁ କାହିଁକି ନିର୍ବାଚନ ପାଇଁ ବଛାଗଲା। ନିର୍ବାଚନ ତାରିଖ ଧାର୍ଯ୍ୟ କରାଯିବା ପୂର୍ବରୁ ପାଣିପାଗ ବିଭାଗର ପରାମର୍ଶ ନେବା ଉଚିତ ଥିଲା। ଏଭଳି ସମୟରେ ନିର୍ବାଚନ ହେବା ଉଚିତ ଯେଉଁ ସମୟରେ ଭୋଟ ସହଜରେ ଯାଇ ଭୋଟ ଦେଇପାରିବେ ଏବଂ ପ୍ରାର୍ଥୀ ମାନଙ୍କ ପାଇଁ ମଧ୍ୟ ପ୍ରଚାର କରିବା ସହଜ ହେବ। ଏକ ସନ୍ତୁଳିତ ମାସରେ ନିର୍ବାଚନ କରାଯାଇଥିଲେ ଭୋଟହାର ନିଶ୍ଚିତ ଭାବେ ବଢ଼ିଥାନ୍ତା। ଗ୍ରୀଷ୍ମ ଯେଉଁଭଳି ଅତ୍ୟାଚାରୀ ହୋଇଛି ଏବେ ସାମାନ୍ୟ ଅସୁସ୍ଥ ବ୍ୟକ୍ତି ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ବୁଥକୁ ଯାଇ ଭୋଟ ଦେବା ସହଜ ହେବନି ବୋଧେ। ତେଣୁ ଭୋଟ ହାର କମିବାର ସମ୍ଭାବନା ରହିଛି।

ପ୍ରାର୍ଥୀଙ୍କ ପାଇଁ ଗ୍ରୀଷ୍ମର ପ୍ରକୋପ ଅଧିକ କଷ୍ଟଦାୟକ ହୋଇଛି। ଖରାକୁ ଡରିଲେ ନିର୍ବାଚନ ମଣ୍ଡଳୀର ପ୍ରତିଟି ଲୋକଙ୍କୁ ହୁଏତ ଛୁଇଁ ହେବନି ଏଇ ଆଶଙ୍କାରେ ମୁଣ୍ଡଫଟା ଡହଡହ ଖରାରେ ମଧ୍ୟ ପ୍ରାର୍ଥୀମାନେ ଘରକୁ ଘର ବୁଲୁଥିବାର ଦେଖିବାକୁ ମିଳୁଛି। ସଭାସମିତି ଏବଂ ର୍ୟାଲି ମଧ୍ୟ ଚାଲିଛି। ଆମ ଦେଶରେ ନିର୍ବାଚନକୁ ଗଣତନ୍ତ୍ରର ଏକ ମହାପର୍ବ ବୋଲି କୁହାଯାଉଛି। ତେଣୁ ଗାଁଠୁ ସହର ଯାଏଁ ସବୁଠି ସମସ୍ତେ ପରୋକ୍ଷରେ ହେଉ କି ପ୍ରତ୍ୟକ୍ଷରେ ଏ ମହାପର୍ବରେ ସାମିଲ ଅଛନ୍ତି। ଗ୍ରୀଷ୍ମପ୍ରବାହ ଏବଂ ଉତ୍ତାପକୁ ଆଖି ଆଗରେ ରଖି ଲୋକଙ୍କୁ ବାହାରକୁ ବାହାରିବା ପାଇଁ ବାରଣ କରାଯାଇଛି। କିନ୍ତୁ ସବୁ ସତ୍ତ୍ୱେ ନେତାମାନେ ସେମାନଙ୍କ ପ୍ରଚାର ଅଭିଯାନ ଜାରି ରଖିଛନ୍ତି। ଅନେକ ଜାଗାରେ ଛୋଟ ଛୋଟ ପିଲାଙ୍କୁ ମଧ୍ୟ ପ୍ରଚାରରେ ସାମିଲ କରାଯାଉଥିବାର ଦେଖିବାକୁ ମିଳିଛି। ଏଇ କାରଣରୁ ଅଂଶୁଘାତ ଆଶଙ୍କା ବଢ଼ିବାର ସମ୍ଭାବନା ରହିଛି। ଆମ ଦେଶର ନେତାମାନେ ହିଁ ସବୁଠୁ ଅଧିକ ବିଶୃଙ୍ଖଳିତ ହୁଅନ୍ତି ଏବଂ ନିୟମ ଭାଙ୍ଗନ୍ତି। ନେତାଙ୍କ ମିଟିଂ, ରାଲି ଏବଂ ରୋଡ଼ ଶୋ' ପାଇଁ ଟ୍ରାଫିକ ଜାମ ହୁଏ। ପରିବେଶ ପ୍ରଦୂଷିତ ହୁଏ ଭୋଜିଭାତର ଅଇଁଠା ଖଲି ଏଣେତେଣେ ପଡ଼ି। ଶବ୍ଦ ପ୍ରଦୂଷଣ ସୀମା ଉଲ୍ଲଂଘନ କରେ ଡାକବାଜି ଯନ୍ତ୍ରର ତୀବ୍ରତାରେ ଲଗାମ ନଥିବା କାରଣୁ। ତେଣୁ ଅନ୍ୟମାନଙ୍କୁ କିଏ ସଚେତନ କରାଇବ? ନୀତି ନୈତିକତା, ଆଦର୍ଶକୁ ଭୁଲି ଯେଉଁମାନେ ଟିକେଟ ଲୋଭରେ ଏ ଦଳରୁ ସେ ଦଳକୁ ଡିଆଁ ମାରୁଛନ୍ତି ସେମାନେ ନିର୍ବାଚନରେ ଜିତି ମନ୍ତ୍ରୀ, ବିଧାୟକ ହେଲେ ସ୍କୁଲ ପିଲାଙ୍କୁ ନୀତିବାନ ହେବାର ପରାମର୍ଶ ଯେ ନଦେବେ ଏକଥା କହିହେବନି। ନେତାମାନେ ଖରାତରାରେ ଝାଳନାଳ ହୋଇ ପ୍ରଚାର କରିବାର ପରବର୍ତ୍ତୀ ସମୟରେ ସେମାନେ ଅୟସ କରିବେ। କିନ୍ତୁ ଯେଉଁ ସାଧାରଣ ଲୋକଟି ଖରାରେ ଯାଇ ନିଜ ମୂଲ୍ୟବାନ ଭୋଟ ଖଣ୍ଡିକ ଦେଇ ତାଙ୍କୁ ଜିତାଇଲେ ସେ କ'ଣ ପାଇବେ? ଯେଉଁ ଆଶା ନେଇ ସିଏ ତାଙ୍କ ଅଧିକାର ସାବ୍ୟସ୍ତ କରିବେ ପରବର୍ତ୍ତୀ ସମୟରେ ସିଏ ଯେ ଠକି ଯାଇନାହାନ୍ତି ଏହାକୁ ନେତାଏ ସୁନିଶ୍ଚିତ କରାଯାଇପାରିବେ ତ?


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ,
ମୋ : ୯୪୩୭୧୬୩୫୨୮


## ଆଦର୍ଶ ଆଚରଣ ବିଧି



**ସୌର ଚନ୍ଦ୍ର ମହାପାତ୍ର**

ଏବେ ମୁଣ୍ଡ ଉପରେ ନିର୍ବାଚନ। ଓଡ଼ିଶାରେ ସଂସଦୀୟ ନିର୍ବାଚନ ଓ ବିଧାନସଭା ନିର୍ବାଚନ ଏକାଦିକ୍ରମେ ହେଉଥିବାରୁ ନିର୍ବାଚନକୁ ନେଇ ଏବେ ପାଣିପାଗ ସରଗରମ। ତେବେ ଆଦର୍ଶ ଆଚରଣ ବିଧିକୁ ନେଇ ଅନେକ ସମୟରେ ଆଲୋଚନା, ଚର୍ଚ୍ଚା ଓ ପର୍ଯ୍ୟାଲୋଚନା ହୋଇଥାଏ। ଏହି ପ୍ରସଙ୍ଗରେ ଆଦର୍ଶ ଆଚରଣ ବିଧିକୁ ନେଇ ଆଲୋଚନାଟି ଏଠାରେ ଉପସ୍ଥାପନ କରୁଛୁ। ବାସ୍ତବ କଥା ହେଉଛି ଆଦର୍ଶ ଆଚରଣ ବିଧି ନିର୍ବାଚନ ସମୟରେ ସବୁ ପକ୍ଷଙ୍କ ଭିତରେ ସହମତିର ସହ ପ୍ରସ୍ତୁତ ହୋଇଥିବା ଏକ ରାଜିନାମା କହିଲେ ଅତ୍ୟୁକ୍ତି ହେବନାହିଁ ଯାହାର ପ୍ରମୁଖ ଓ ମୂଳ ଲକ୍ଷ୍ୟ ହେଉଛି ନିର୍ବାଚନୀ ପ୍ରଚାର ଠାରୁ ମତ ଦାନ ଓ ଭୋଟ ଗଣତି ସବୁ ବେଶ ବ୍ୟବସ୍ଥିତ, ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହେବ। ନିର୍ବାଚନ ବେଳେ ସାଧାରଣତଃ ଶାସନରେ ଥିବା ଦଳ ସରକାରୀ ବ୍ୟବସ୍ଥା, କ୍ଷମତା ଓ ଅର୍ଥର ଅପବ୍ୟବହାର କରିବାର ଆଶଙ୍କା ରହିଥାଏ। ସେହିପରି ଆଦର୍ଶ ଅଚାରଣ ବିଧିର ଉଲ୍ଲଂଘନ ହେଲେ ଏହାର ତଦନ୍ତ ଓ ତଦନ୍ତ ପରେ ଦଣ୍ଡ ଦେବାର ଅଧିକାର ନିର୍ବାଚନ କମିଶନରଙ୍କ ରହିଛି। ଏହି ଆଚରଣ ବିଧି ଲାଗୁ ହେବାପରେ ସରକାରୀ ଭାବେ କୌଣସି ଆର୍ଥିକ ଅନୁଦାନ ଘୋଷଣା ହୋଇପାରିବ ନାହିଁ। ଭୋଟରଙ୍କୁ ବା ଜନମତକୁ ପ୍ରଭାବିତ କରିବା ଭଳି କୌଣସି ଯୋଜନା ମଧ୍ୟ ଘୋଷଣା ହୋଇପାରିବ ନାହିଁ ଏହା ସହ ସରକାରୀ କଳର ବ୍ୟବହାର ଉପରେ ମଧ୍ୟ ଅଙ୍କୁଶ ରହିଥାଏ।

ଆଦର୍ଶ ଆଚରଣ ବିଧି ଉପରେ ଆଲୋଚନା ବେଳେ ଏହାର ପୃଷ୍ଠଭୂମି ଉପରେ ଆଲୋକପାତ କରୁଛୁ। ଅନେକ ହୁଏତ ଜାଣି ନଥିବେ ୧୯୬୦ ମସିହାରେ କେରଳ ବିଧାନସଭା ନିର୍ବାଚନ ସମୟରେ ଏହା ଲାଗୁ ହୋଇଥିଲା। ନିର୍ବାଚନ ସମୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରାଜନୈତିକ ଦଳ ମାନଙ୍କର ଆଚରଣ ଓ କାର୍ଯ୍ୟ କଳାପ କିପରି ରହିବ ସେ ନେଇ ପ୍ରଶାସନ ବିଧିବଦ୍ଧ ଭାବେ ଏକ ନୀତି ନିର୍ଦ୍ଧାରଣ ପ୍ରସ୍ତୁତି କରିଥିଲା। ତେବେ ୧୯୬୦ ପୂର୍ବରୁ ଭାରତର ନିର୍ବାଚନ କମିଶସନରଙ୍କ ଦ୍ୱାରା ପ୍ରକାଶିତ ଏକ ପୁସ୍ତକ 'ଲିପ ଅଫ ଫେଥ୍' ରେ ବ୍ୟାପକ ଭାବେ ଉଲ୍ଲେଖ ରହିଛି। ବିଶ୍ୱର ଅନ୍ୟତମ ସର୍ବବୃହତ୍ତ ଗଣତନ୍ତ୍ର ଭାରତର ଗଣତନ୍ତ୍ରରେ ନିର୍ବାଚନ କମିଶନରଙ୍କ କାର୍ଯ୍ୟ କଳାପ ଓ ଦାୟିତ୍ୱ ବିଷୟରେ ଏଥିରେ ଉଲ୍ଲେଖ ରହିଛି। ସର୍ବନିମ୍ନ ଆଚାରଣ ବିଧି ବା ମିନିମମ କୋର୍ଡ଼ ଅଫ କଣ୍ଡକ୍ଟ ୧୯୬୮ ସେପ୍ଟେମ୍ବର ୨୬ରେ ପ୍ରଥମ ଥର ପାଇଁ ଭାରତ ନିର୍ବାଚନ କମିଶନର ଆଦର୍ଶ ଆଚରଣ ବିଧି ଲାଗୁ କରିଥିଲେ। ପରେ ୧୯୭୯, ୧୯୮୨, ୧୯୯୧ ଓ ୨୦୧୩ରେ ଏହି ଆଚରଣ ବିଧିର ଆବଶ୍ୟକୀୟ ଶଂଶୋଧନ ହୋଇଥିଲା। ତତ୍କାଳୀନ ସମୟରେ ନିର୍ବାଚନ କମିଶନ 'ରୋଲ୍ ଆଣ୍ଡ ରେସପ୍ସିବିଲିଟିଜ୍ ଅଫ ପଲିଟିକାଲ ପାର୍ଟିଜ ଡ୍ୟୁରିଂ ଇଲେକ୍ସନ : ଆନ୍ ଅପିଲ ଟୁ ପଲିଟିକାଲ ପାର୍ଟିଜ ଫର ଦି ଅବଜର୍ଭେନ୍ସ ଅଫ୍ ମିନିମମ୍ କୋଡ଼ ଅଫ କଣ୍ଡକ୍ଟ ଡ୍ୟୁରିଂ ଇଲେକ୍ସନ୍ସ ପ୍ରୋପାଗଣ୍ଡା ଆଣ୍ଡ କ୍ୟାମ୍ପେନ୍' ଶୀର୍ଷକ ଏକ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଥିଲେ ଯେଉଁଥିରେ ନିର୍ବାଚନରେ ଭାଗ ନେଉଥିବା ରାଜନୈତିକ ଦଳ ଓ ପ୍ରାର୍ଥୀ ମାନଙ୍କ ଆଚରଣର ବିଭିନ୍ନ ଦିଗ ନିର୍ଦ୍ଧାରଣ ପାଇଁ ଏହା ପ୍ରସ୍ତୁତ ହୋଇଥିଲା। ସର୍ବପ୍ରଥମେ ୧୯୭୯ ମସିହାରେ ରାଜନୀତିକ ଦଳମାନେ ସମବେତ ହୋଇ ଏକ ବିଧିବଦ୍ଧ ଖସଡ଼ାକୁ ଗ୍ରହଣ କରି କାର୍ଯ୍ୟକାରୀ କରିବା ପାଇଁ ରାଜି ହୋଇଥିଲେ। ସେହିପରି ୨୦୧୩ରେ ଏକ ସଂସଦୀୟ କମିଟି ବୈଠକରେ ଆଦର୍ଶ ଆଚରଣ ବିଧିକୁ ଆଇନଗତ ସମର୍ଥନ ଦେବା ପାଇଁ ସୁପାରିଶ କରାଯାଇଥିଲା ଯେଉଁଥିରେ ଭାରତର ନିର୍ବାଚନ କମିଶନରଙ୍କୁ ସମ୍ପୂର୍ଣ୍ଣ କ୍ଷମତା ପ୍ରୟୋଗ ଲାଗି ପ୍ରସ୍ତାବ ରହିଥିଲା।

ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ମାର୍ଗଦର୍ଶନ ନିମନ୍ତେ ଆଦର୍ଶ ଆଚରଣ ବିଧି ଉଦ୍ଦିଷ୍ଟ। ଏହା ସମସ୍ତ ରାଜନୈତିକ ଦଳଙ୍କ ସହମତିରେ ପ୍ରକାଶିତ ହୋଇଥାଏ। ଏଥିରେ ଅନ୍ତର୍ଭୁକ୍ତ ନୀତିନିୟମକୁ ଉଲ୍ଲଂଘନ ନ କରିବା ପାଇଁ ସେମାନେ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁଯାୟୀ ସଂସଦ ତଥା ରାଜ୍ୟ ବିଧାନସଭାଗୁଡ଼ିକ ପାଇଁ ଯେପରି ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା କରାଯାଇପାରିବ ସେଥିସକାଶେ କେନ୍ଦ୍ର ତଥା ରାଜ୍ୟଗୁଡ଼ିକରେ କ୍ଷମତାରେ ଥିବା ରାଜନୀତିକ ଦଳ ଓ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ନିର୍ବାଚନ ସମ୍ପର୍କିତ ନିୟମାବଳୀ ପାଳନ କରୁଛନ୍ତି କି ନାହିଁ ତାହା ନିର୍ବାଚନ କମିଶନ ଅନୁଧାନ କରିଥାନ୍ତି। ନିର୍ବାଚନ ଉଦ୍ଦେଶ୍ୟରେ ନିୟୋଜିତ ସରକାରୀ କଳର ଯେପରି ଅପବ୍ୟବହାର ନହୁଏ ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଥାଏ। ଏଥିରେ ଉଲ୍ଲଂଘନ ହେଲେ ଆଇନଗତ ପଦକ୍ଷେପମାନ ଗ୍ରହଣ କରିବା ନିର୍ବାଚନ କମିଶନଙ୍କର ଅନ୍ୟତମ କାର୍ଯ୍ୟ। ଲୋକସଭା ଲାଗି ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ବେଳେ ସମଗ୍ର ଦେଶରେ ଏହି ଆଚରଣ ବିଧି ଲାଗୁ କରାଯାଇଥାଏ। ବିଧାନସଭା ଲାଗି ଅନୁଷ୍ଠିତ ନିର୍ବାଚନ ବେଳେ ଆଚରଣ ବିଧି ସମ୍ପୃକ୍ତ ରାଜ୍ୟରେ ଲାଗୁ କରାଯାଏ। ଉପନିର୍ବାଚନ ବେଳେ ଯେଉଁ ଜିଲ୍ଲାର ନିର୍ବାଚନ ମଣ୍ଡଳୀ ଲାଗି ନିର୍ବାଚନ ଅନୁଷ୍ଠିତ ହେଉଥାଏ ସେହି ଜିଲ୍ଲାର ସମଗ୍ର ଅଞ୍ଚଳରେ ଆଚରଣ ବିଧି ଲାଗୁ ହୁଏ। ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ପ୍ରଚାର, ସଭାସମିତି, ଶୋଭାଯାତ୍ରା, ଭୋଟଦାନ ଦିନ ବିଭିନ୍ନ କାର୍ଯ୍ୟକଳାପରେ ସାଧାରଣତଃ କିପରି ଭାବରେ ସେମାନେ ଆଚରଣ କରିବେ ତାହା ଆଚରଣ ବିଧିରେ ଉଲ୍ଲେଖ ରହିଛି। ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ବିଜ୍ଞପ୍ତି ମାଧ୍ୟମରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ତାରିଖ ଠାରୁ ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ ହୁଏ ଓ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ତାହା ବଳବତ୍ତର ରହେ। ଏହି ସମୟରେ ମନ୍ତ୍ରୀମଣ୍ଡଳ ଓ କେନ୍ଦ୍ର ତଥା ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ ରାଜନୈତିକ ଦଳ ମଧ୍ୟରେ ସରକାରୀ ଭାବରେ କୌଣସି ଭିଡ଼ିଓ କନ୍‌ଫରେନ୍‌ସିଂ ହୋଇପାରିବ ନାହିଁ। ନିର୍ବାଚନ ତାରିଖ ଘୋଷଣା ଠାରୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ କୌଣସି ନିର୍ବାଚନ ମଣ୍ଡଳୀକୁ କେନ୍ଦ୍ର ବା ରାଜ୍ୟ ସରକାରଙ୍କ କୌଣସି ମନ୍ତ୍ରୀ ସରକାରୀ ଗସ୍ତ କରିପାରିବେ ନାହିଁ। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କୁ କୌଣସି ମନ୍ତ୍ରୀ ଉକ୍ତ ନିର୍ବାଚନ ମଣ୍ଡଳୀ ବାହାରେ ଥିବା କୌଣସି ସ୍ଥାନରେ ଆଲୋଚନା ସକାଶେ ଡକାଇପାରିବେ ନାହିଁ। କୌଣସି ମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ଯେ କୌଣସି ସଭାର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ଛାଡ଼ି ଅନ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା ବେସରକାରୀ ଭାବେ କରାଯିବ। କୌଣସି ମନ୍ତ୍ରୀ ତାଙ୍କର ମନୋନୟନ ପତ୍ର ଦାଖଲ କରିବା ସକାଶେ ଏବଂ ଏହାପରେ ତାଙ୍କ ନିର୍ବାଚନ ମଣ୍ଡଳୀକୁ କରିଥିବା ଗସ୍ତକୁ ନିର୍ବାଚନ ପ୍ରକ୍ରିୟା ଲାଗି କରାଯାଇଛି ବୋଲି ଧରିନିଆଯିବ। ନିର୍ବାଚନ ବେଳେ କୌଣସି ମନ୍ତ୍ରୀ ଭାରତର ଅନ୍ୟ ଯେ କୌଣସି ସ୍ଥାନକୁ ସରକାରୀ ସ୍ତରରେ ଯାଇପାରିବେ ନାହିଁ। ଯେଉଁଠାରେ ଆଚରଣ ବିଧି ବଳବତ୍ତର ରହିଛି ସେଠାକୁ କୌଣସି ମନ୍ତ୍ରୀ ସରକାରୀ କାର୍ଯ୍ୟରେ ଗସ୍ତ କଲେ ସେଠାରେ ରହଣି କରିପାରିବେ ନାହିଁ। ନିର୍ବାଚନ ସଂକ୍ରାନ୍ତୀୟ ଗସ୍ତ ବେଳେ ମନ୍ତ୍ରୀଙ୍କ ଦ୍ୱାରା ସଙ୍କେତ ଆଲୋକ ଥାଇ କୌଣସି ପାଇଲଟ କାର୍ ବା ସାଇରନ୍ ଥିବା କୌଣସି ପ୍ରକାର କାର, ଯାହାକି ତାଙ୍କ ଉପସ୍ଥିତିକୁ ଭୋଟରଙ୍କୁ ଆକୃଷ୍ଟ କରୁଥିବ ବ୍ୟବହୃତ ହୋଇପାରିବ ନାହିଁ। ନିର୍ବାଚନ ପ୍ରଚାର, ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟ ବା ନିର୍ବାଚନ ସମ୍ପର୍କିତ ଗସ୍ତରେ ସରକାରୀ ଗାଡ଼ି ବ୍ୟବହାର କରିବା ସମ୍ପୂର୍ଣ୍ଣ ନିଷେଧ। ସେମାନେ ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ ନିଜର ବ୍ୟକ୍ତିଗତ ଗାଡ଼ି ବ୍ୟବହାର କରି ବେସରକାରୀ ଭାବେ ଗସ୍ତ କରିପାରିବେ। ଏହି ଗସ୍ତ କଲାବେଳେ ତାଙ୍କର ବ୍ୟକ୍ତିଗତ ସରକାରୀ କର୍ମଚାରୀଙ୍କୁ ସାଙ୍ଗରେ ନେଇପାରିବେ ନାହିଁ। ଯଦି କୌଣସି କେନ୍ଦ୍ର ବା ରାଜ୍ୟ ମନ୍ତ୍ରୀ କେତେକ ଜରୁରୀ ପରିସ୍ଥିତିରେ ରାଜ୍ୟ ବାହରକୁ ସରକାରୀ କାର୍ଯ୍ୟରେ ଗସ୍ତ କରନ୍ତି, ଯାହାକି ସର୍ବସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଧେୟ, ତେବେ ସେପରି ସ୍ଥଳେ ସେ ଯେଉଁଠାକୁ ଗସ୍ତ କରୁଛନ୍ତି ସେହି ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ନିକଟରୁ ସମ୍ପୃକ୍ତ ବିଭାଗର ଶାସନ ସଚିବ ସେହି ମର୍ମରେ ଏକ ପତ୍ର ପଠାଇବେ ଓ ଉକ୍ତ ପତ୍ରର ଏକ ନକଲ ମଧ୍ୟ କମକିଶନଙ୍କ ନିକଟକୁ ପଠାଇବେ। ଏ କ୍ଷେତ୍ରରେ ମନ୍ତ୍ରୀ ସରକାରୀ ଗାଡ଼ି ଓ ରହଣି ସୁବିଧା ପାଇବେ। ମନ୍ତ୍ରୀମାନେ କେବଳ ସରକାରୀ କାର୍ଯ୍ୟରେ ସେମାନଙ୍କର ସରକାରୀ ଯାନରେ ସରକାରୀ ବାସଭବନରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗସ୍ତ କରିପାରିବେ। ଏହି ଗସ୍ତ ସହିତ କୌଣସି ନିର୍ବାଚନ ସମ୍ପର୍କିତ କାର୍ଯ୍ୟ ବା ଅନ୍ୟ ଯେ କୌଣସି ରାଜନୈତିକ କାର୍ଯ୍ୟକଳାପ ସଂଯୁକ୍ତ ହେବନାହିଁ। ମନ୍ତ୍ରୀମାନେ ସେମାନଙ୍କର ସରକାରୀ ଗସ୍ତ କାର୍ଯ୍ୟକ୍ରମ ସହିତ ନିର୍ବାଚନ ସମ୍ପର୍କିତ କାର୍ଯ୍ୟକୁ ଏକତ୍ର କରିପାରିବେ ନାହିଁ। ସରକାରଙ୍କ ଅର୍ଥ ବ୍ୟୟ କରି ମନ୍ତ୍ରୀ ଦ୍ୱାରା ଇଫ୍‌ତାର ପାର୍ଟି ଭଳି କୌଣସି ଧାର୍ମିକ ଉତ୍ସବର ଆୟୋଜନ କରାଯାଇପାରିବ ନାହିଁ। ଯେଉଁ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଅନୁଷ୍ଠିତ ହେଉଥାଏ ସେଠାରେ ମନ୍ତ୍ରୀଙ୍କର ବେସରକାରୀ ଗସ୍ତ ବେଳେ କୌଣସି ସରକାରୀ କର୍ମଚାରୀ ଯଦି ତାଙ୍କୁ ଭେଟନ୍ତି ତେବେ ତାହା ସେବା ନିୟମାବଳୀର ଉଲ୍ଲଂଘନ ହେବ। ଏଥିପାଇଁ ସେ ଦୋଷୀ ସାବ୍ୟସ୍ତ ହେଲେ ଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି। ଧମକର ଶିକାର ହୋଇଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ତଥା ରାଜନୈତିକ ଦଳର ଅନ୍ୟାନ୍ୟ ନେତାମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ। ସେମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥିବା ବୁଲେଟ୍‌ରୋଧୀ କାର ଓ ଅନ୍ୟ ସମସ୍ତ କାର୍ ବାବଦ ବ୍ୟୟ ସମ୍ପୃକ୍ତ ବ୍ୟକ୍ତି ବହନ କରିବେ। ଅବଶ୍ୟ ସୁରକ୍ଷା କର୍ମଚାରୀ ବାବଦ ବ୍ୟୟ ସମ୍ପୃକ୍ତ ରାଜ୍ୟ / କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କ ଦ୍ୱାରା ବହନ କରାଯିବ। ଭାରତର ଗଣତନ୍ତ୍ର ବିଶ୍ୱର ସର୍ବବୃହତ୍ତ ଗଣତନ୍ତ୍ର ଏବଂ ଏହାର ନିର୍ବାଚନ, ତତ୍‌ଜନିତ ଫଳାଫଳକୁ ସମଗ୍ର ବିଶ୍ୱ ଅପେକ୍ଷା ରଖିଥାଏ। ଭାରତର ନିର୍ବାଚନ କମିଶନର ନିରପେକ୍ଷ ଭାବେ ନିର୍ବାଚନ ପରିଚାଳନା କରିବା ସହ ଦେଶରେ ଆଦର୍ଶ ଆଚରଣ ବିଧି ଯଥାର୍ଥ ଭାବେ କାର୍ଯ୍ୟକାରୀ ହୋଇ ଏହା ଗଣତନ୍ତ୍ରର ଶକ୍ତିକୁ ମଜଭୁତ କରିଥାଏ।


ବରିଷ୍ଠ ଆଇନଜୀବୀ, ଓଡ଼ିଶା
ହାଇକୋଟ
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/
ଡ଼ି, ସେକ୍ଟର-୬, କଟକ
(ମୋ) : ୯୪୩୭୦୦୪୪୬୬





### ଜୀବନର ଉପନ୍ୟାସ

**ନିରଞ୍ଜନ ସାହୁ**

ସମୟ ସୁବିଧା ମିଳିଲେ ଲେଖନ୍ତି
ଗୋଟେ ଉପନ୍ୟାସ ବହି
ଯେଉଁ ବହିଟିରେ ଅକୁହା କଥାକୁ
ଖୋଲିକି ପାରନ୍ତି କହି ।
ନିଜ ଜୀବନର କାହାଣୀକୁ ନେଇ
ସମୃଦ୍ଧ ହୁଅନ୍ତା ତାହା
ଅତି ଗୋପନୀୟ ଘଟଣା ଯେତେକ
ଲେଖାଯାନ୍ତା ଅଛି ଯାହା
ଭାରି କଷ୍ଟଦିଏ ସେ ଅକୁହା କଥା
ମନର ମଧ୍ୟରେ ରହି ।
ଏମିତି ଢଙ୍ଗରେ ଲେଖନ୍ତି ତାହାକୁ
କେହି ନ ପାରନ୍ତେ ଜାଣି
କଥାବସ୍ତୁ ଅତି ନାଟକୀୟ ବୋଲି
ପଢନ୍ତେ ତାହାକୁ ଆଣି
କରୁଣ କାହାଣୀ ତରୁଣ ହୃଦୟ
ସହଜେ ପାରନ୍ତା ଦହି ।
ଅତି ଆପଣାର ଲୋକ ଯଦି କିଏ
ପଠନ କରନ୍ତା କେବେ
ବୁଝିପାରନ୍ତା ସେ ମୋ ଜୀବନରେ
କେତେ ଯେ ଦହନ ତେବେ
ନିଜକୁ ବୁଝାନ୍ତା ଏତେ ଦୁଃଖ କିବା



ସହିପାରିବ କି ମହୀ ?
କାହାଣୀର ଗତିଶୀଳତା ଭିତରେ
ବର୍ଣ୍ଣନା ଏମିତି ହେବ
ପାଠକର ମନ ଛୁଇଁ ଯାଉଥିବ
ଆଗ୍ରହ ଜନ୍ମାଇ ଦେବ
ପାଠକ ଭାବିବ ବାସ୍ତବରେ କ'ଣ
ଏତେ ଦୁଃଖ ହୁଏ ସହି ?


ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩


### ଭୋଟ

**ଜ୍ୟୋତିରେଖା ସାହୁ**

ଭୋଟ ଭୋଟ ଭୋଟ
ନେବି ମୁଁ ରେ ଭୋଟ
ଦେବି ପାଞ୍ଚଶହ ର ନୋଟ
ପାଇବି ମୁଁ ରେ ଭୋଟ। ।
ତୁମ ରାଣ ସବୁ କରିବି
ବୋପା ରାଣ ଖାଇ କହୁଛି
ସେ ଦଳ କଣ କହି ଯାଇଛି
ମୁଁ ପାଞ୍ଚଶହ ବଦଳି ହଜାର ଦେବି।
ଭୋଟ ଦେବୁ ତ
ଇନ୍ଦିରା ଆବାସ ଦେବି
ହଁ ମାଉସୀ ସତ କରିବି
ତୋ ଘର କୁ ସରଗ କରି
ସରଗ ବସୀ ବନେଇ ଦେବି।
ମାଲୋ ବିନା ସୁଧ ରେ ମୁଁ ରଣ ଦେଲି
ତୋ ପୁଅକୁ ଜୋତା ଦେଲି
ଭୋଟ ଦେବୁ ତ ସବୁ ଦେବି
ନ ଦେଲେ ମୁଣ୍ଡରୁ
ଛାତ ଉଡେଇ ନେବି ।
ବୁଢ଼ୀ ମାଲୋ ତୋ ସାଥେ ଖାଇଲି
ତୋ କାନିରେ ମୁଁହ ପୋଛିଲି
ତୋ ଦୁଃଖ କୁ ମୁଁ ନେଲି
ନେତା ପରେ ନାକ ଟେକି ଗୋଡ଼
ଆଡେଇ ଦେଲି ।
ଚାଉଳ ଗହମ ଚିନି ଦେବି
କମ୍ବଳ ଛତା ଭତ୍ତା ଦେବି
ରାତିରେ ବିଡା ନୋଟ ଦେବି



ଜିତିବା ପରେ ଦରଦାମ୍
ବଢେଇ ଦେବି।
ବେକାରୀଙ୍କୁ ଚାକିରୀ ଦେବି
ଦରିଦ୍ର ଅବସ୍ଥା ଦୂରେଇ ଦେବି
ଟେବୁଲ୍ ତଳେ ଲାଞ୍ଚ ନେବି
ଦେଇ ପରିବୃତ ଚାକିରୀ ଦେବି ।
ଧର୍ମ ଧର୍ମ ପ୍ରଚାର କରି
ଅନ୍ୟ ଧର୍ମକୁ ବିରୋଧ କରି
ଦଙ୍ଗା ନାମର ଆତଙ୍କ କରି
ଲୁଟି ଯାଉ ଆମେ ଭଦ୍ରଙ୍କ ପରି ।
ଗାନ୍ଧିବାଦକୁ ନେଇ ଆସିବି
କୁଟି ଖାଇ କାଟି ପିନ୍ଧିବି
ଭାରତ ମାତାର ଟେକ ରଖିବି
ଆଖିରେ ପୁଟୁଳି ବାନ୍ଧି
ଗାନ୍ଧାରୀ ସାଜିବି ।
ଛାଗ କିଲୋ ହଜାରେ ବିକିବି
ନର ମୁଣ୍ଡ ପାଞ୍ଚଶହରେ କିଣିବି
ପଦ ଥିବା ଯାଏ ଦେଶ ଲୁଟିବି
ପଦ ଚାଲି ଗଲେ ଭତ୍ତା ପାଇବି ।


+ ନାଉଗାଁ, ଜଗତସିଂହପୁର,
(ମୋ) ୭୮୪୬୮୬୯୫୪୬

## ଅଦୃଶ୍ୟ ପଦ୍ମବଣ

### ଶରତ କୁମାର ଦାସ



ପଦ୍ମବଣର ସୁରମ୍ୟ ସୌନ୍ଦର୍ଯ୍ୟରେ
ବିମୋହିତ ହୁଏ ମନ ଆଉ ପ୍ରାଣ
ବାଟବଣା ହୁଏ ପାହାଡି ଝରଣା
ଅନାବନା ସୁରେ ଗୀତ ଗାଇ ନାଚିଉଠନ୍ତି
ସକଳ ପଶୁପକ୍ଷୀ, କୀଟ, ତରୁଲତା ।

ଇଚ୍ଛାହୁଏ ତୋଳିବାକୁ ସବୁତକ ପଦ୍ମ
ଛିଡାହୋଇ ପଙ୍କର ପାତାଳୀ ଗର୍ଭରେ
ପୋତିହୋଇଯାଉ ପଛେ
ସର୍ବାଙ୍ଗ ଅବୟବ,
ଦଂଶନ କରୁପଛେ ବିଷାକ୍ତ ସର୍ପ
ଖେଳିଯାଉ ପଛେ ଉତ୍କଟ ଜହର
ତାଳୁଠୁ' ତଳିପା' ଯାଏ ।

ହେଲେ କିଛି ଯାଏଆସ ନାହିଁ
କାହିଁକି ନା,ପଦ୍ମ ତୋଳିବାର ମଶଗୁଲ
ନିଶାରେ ଶିହରିତ ହେଉଥାଏ
ଗୋଟେ ସରଳ ହୃଦୟର ଦେଶ ।

ହେଉ ପଛେ କିଛିକ୍ଷଣ
ସତେଜ ଲାଗେ ଝର୍କା ସେପଟର ପୃଥିବୀ
ଅନ୍ତରୀକ୍ଷରୁ ଧାଇଁଆସେ
ଭରସାର ନୀଳ ନିମନ୍ତ୍ରଣ
ଧସେଇ ପଶେ ଲୋମକୂପର ଏରୁଣ୍ଡି ଡେଇଁ
କବ୍ଜାକରେ ତମାମ ଶିରାପ୍ରଶିରାକୁ
ଖୁବ୍ ସନ୍ତର୍ପଣେ ।

ଇନ୍ଦ୍ରଧନୁଟିଏ ସ୍ୱତଃ ଆଙ୍କିହୋଇଯାଏ
ମନର ନୀଳ ପରଦାରେ
ପକ୍ଷୀମାନେ ଉଡନ୍ତି ଫଡଫଡ୍
ଡେଣାଝାଡି ଦୂର ଦିଗନ୍ତରେ ।

ଓହଳିପଡେ ନିଦ ଆଖି ହଳକରେ
ସ୍ୱପ୍ନମାନେ ପାଦ ଚାପିଚାପି ଓହ୍ଲାଇ ଆସନ୍ତି
ନିଶାର୍ଦ୍ଧରେ, ଭେଦ କରି ନୀଳ ଉପତ୍ୟକା
ବସନ୍ତର ଅଶ୍ୱାଟାପୁ ଶୁଭେ ନୀରବରେ
କୋଉ ଅଗନାଅଗନି ବନସ୍ତ
ଅବା ଗୋହିରୀ ପାଟରେ ।

ବୈଶାଖର ଅସରନ୍ତି ଦହନ ଲୁହଡାଳେ
ଏକା ଏକା ନିର୍ଜନ ଦ୍ୱୀପରେ
ବର୍ଷାର ପାଉଁଜି ଶୁଭେ ଲବଙ୍ଗଦ୍ୱୀପରେ ।

ତା'ପରେ କ'ଣହୁଏ କେଜାଣି ସତରେ
ସମୟ କଡଲେଉଟାଏ
ନିଆଁ ଝରେ ଅବିଶ୍ରାନ୍ତ ମରୁର ଛାତିରୁ
ପୋଡି ପାଉଁଶ ହୋଇଯାଏ
ଚକମକ କରୁଥିବା କମନୀୟ ରାଜସିଂହାସନ।

ଅସ୍ପଷ୍ଟ ଦିଶେ ଚନ୍ଦ୍ରପକ୍ଷ ରାତି
ଗୁରୁଣ୍ଡିଗୁରୁଣ୍ଡି ବାଟ ଚାଲିବାକୁ ପଡେ
ଲହୁ ଓ ଲୁହକୁ ପୋଷପୋଷ ପିଇ
ଅମଡା ବାଟରେ ।

ଚାହିଁଲେ ନା ଦୃଶ୍ୟ ହୁଏ ପଦ୍ମବଣ
ନା ଥାଏ ପଦ୍ମ ତୋଳିବାର ଖିଆଲି ନିଶା
ଘୁଂଚିଘୁଂଚି ଯାଉଥାଏ ପଦ୍ମ ହାତ ପାଆନ୍ତାରୁ
ମୁଣ୍ଡ ପିଟି କାନ୍ଦୁଥାଏ ବିଶ୍ୱାସର
ଶକ୍ତ ଶିଳାସ୍ତମ୍ଭ
ଅବିଶ୍ୱାସର ଉଚ୍ଚ ପାହାଡ ସଂଧିରେ ।

ବେଶ୍ ଅସହାୟ ଲାଗେ ତମାମ୍ ଆୟୁଷ
ଆଗକୁ ଚାହିଁଲେ
କଳା ମଚମଚ ଅନ୍ଧାରର ଛିଟା
ପଛକୁ ଚାହିଁଲେ
ସମୁଦ୍ରର ଘୋ'ଘୋ' ଗର୍ଜନ।

ଆଖିକୁ ଚିପୁଡିଦେଲେ ମୁଠା ମୁଠା ରକ୍ତ
ଟିକେ ରାହା ଖୋଜୁଥାଏ
ଚିମୁଟାଏ ରିକ୍ତ ନିଃଶ୍ୱାସ
ଖସୁଥାଏ ପାଦ ଯାହା ତଳକୁ ତଳକୁ ।


♥ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଧାନ ଗଉଣିଏ ଦେ'ରେ ମାଣିଆ

### କାଳିକିଙ୍କର



ଧାନ ଗଉଣିଏ ଦେ'ରେ ମାଣିଆ
ସେରଟିଏ ମୋତେ ଦେ'
ଯେଉଁ ନେତା ଆସି ଲାଞ୍ଚ ଯାଚୁଥିବ
ତାକୁ କହୁଣିଏ ଦେ' ।

ଧାନ ଗଉଣିଏ ପାଣିରେ ପକେଇ
ରାଢ଼ୀ ଘରକୁ ତୁ ନେ'
ଚୁଡା ସହ ଦହି ଯେ ନେତା ଯାଚୁଛି
ତାକୁ ତୁ ପରଖି ନେ' ।

ସେରଟିଏ ଦାନା ପୋଖରୀ ହୁଡାରେ
ମାଣିଆରେ ବୁଣି ଦେ'
ଯେଉଁ ରାଜନେତା କଥା ହୁଏ ବୃଥା
ଦାଣ୍ଡ ତୁ ଦେଖାଇ ଦେ' ।

ଗଉଣିଏ ଧାନ ଭିତରୁ ଚାଉଳ
ବାହାର କରି ତୁ ନେ'
ଯେଉଁ ନେତା ଲୁଟି ଖାଇ କହେ ଦାନୀ
ତା ହିସାବ ନେଇ ନେ' ।

ଧାନ ଗଉଣିଏ ଖୁଣ୍ଟି ଯେ ଖାଇଲା
ତାକୁ ତୁ ଆହୁରି ଦେ'
ସେର ସରିବନି ଶୋଷ ମେଣ୍ଟିବନି
କାନିରେ ଗଣ୍ଠି ତୁ ଦେ' ।

ଗଉଣି ଭରିଲା ଆରେରେ ମାଣିଆ
ସେର ତୁ ସାଇତି ନେ'
ସ୍ୱାର୍ଥହୀନ ସେବା ଯେ ନେତା କରୁଛି
ତାକୁ ତୁ କୋଳେଇ ନେ' ।


♥ସୌଭାଗିନୀ ନିବାସ, ରଟିଲୋ, ରେଞ୍ଜ,
ପୁରୀ-୭୫୨୧୧୪
ମୋ-୮୨୪୯୨୧୬୦୬୭


## ବୋଉ ଲୋ ମୁଁ ଦେବୀ ହେବାକୁ ଚାହେଁନା

### ଅନୀତା ଦାସ

ଚବିଶ ଘଣ୍ଟା ଡିଉଟି କରି କେବେ
ଥକୁନଥିବା ମଣିଷଟିର ନାଁ ବୋଧେ ବୋଉ,
ତମାମ ଜଞ୍ଜାଳକୁ କାନିରେ ଗଣ୍ଠି
ପକେଇ ସେ ହିସାବ କରେ କାହା
ଭାଗରୁ କେତେ ସରିଛି ଦୁଃଖର ଆୟୁ।

ବୋଉ ଲୁହରେ ପଖାଳେ ତା ଆଶୁ ଯନ୍ତ୍ରଣା
କୁଞ୍ଚରେ ସଜାଡେ ବାପାଙ୍କ ମେଡିସିନ
ଓ ମୋ ବାହାଘର ପାଇଁ ଗହଣା।

ବୋଉ ମାପେ ଜର ବିନା ଥର୍ମୋମିଟରରେ
ଆଉଁସେ ଦେହ ମୁଣ୍ଡ ରହି ଉଜାଗର
ଘଉଡାଏ ଅଧେ ରୋଗ ବିନା ମେଡିସିନରେ।

ସୂର୍ଯ୍ୟ ଉଇଁବାରୁ ନଇଁବା ଯାଏ

ଆଖି ଉଠିବାରୁ ଶୋଇବା ଯାଏ
ଶୁଭୁଥାଏ ବୋଉର ପାଉଁଜି ଶବ୍ଦ
ଘରର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ।
ବୋଉ ଶୁଣାଏ ରାଜକୁମାରୀ ଗପ

ତା ଗପରେ ଫି ଥର ତ୍ୟାଗର ମୂର୍ତ୍ତି
ହୁଏ ରାଜକୁମାରୀଟି ଠିକ୍ ତା ଭଳି,
ସେ କିନ୍ତୁ ଥାଏ ନିର୍ବିକାର, ପ୍ରଜ୍ୱଳିତ
କରୁଥାଏ ଘରଟାକୁ ସଳିତା ଭଳି ଜଳି ଜଳି।

ବୋଉ କୁହେ ବାପାଙ୍କ ଛାତିଟା
ଆକାଶଠୁ ବିଶାଳ,
କେବେ କୁହେନି ଆମ ପାଇଁ ହସି ହସି
ରୋଜ୍ କେତେ ପିଉଛି ସେ ଗରଳ।

ବୋଉ କୁହେ ଆମ ଘର ଏକ ମନ୍ଦିର
ବାପା ଚଳନ୍ତି ଠାକୁର,
ମୁଁ ଭାବେ ଦେବୀ ବିନା ମନ୍ଦିର
କି ଶୋଭା ପାଏ !!
ବୋଉ ବିନା ଘରଟା କି ଘର
ଭଳି ଲାଗିଥାଏ!!

ବୋଉ ଶିଖାଏ ସଂସ୍କାର ପରମ୍ପରା,
ଘରକୁ ମନ୍ଦିର କରିବାର କଳା
ସ୍ୱସୁଖକୁ ତ୍ୟାଗ କରି ଅନ୍ୟ
ହସରେ ହସିବାର କଳା।
ଶାଶୁଘରେ ମନ ଜିଣି
ହେବାକୁ ସହନଶୀଳା।

ମୋର ଏବେବି ମନେ ଅଛି ଖାଲି ପାଦରେ
ଭୋକ ଉପାସରେ ବୋଉ ମନ୍ଦିର ଦୌଡେ

ବାପାଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ
ମୋ ଚାକିରିହେବାର ଆଶା ନେଇ
କାଇଁ ମୁଁ ତ କେବେ ଦେଖିନି
କିଛି ମାଗିନେବାର ନିଜ ପାଇଁ।

ବୋଉର ଆଉ ମନେ ନାହିଁ
ଶେଷଥର କେବେ ପିନ୍ଧିଥିଲା
ତାପସନ୍ଦର ଖଣ୍ଡେ ଶାଢୀ
କେବେ ରଖିଥିଲା ନିଜ ପାଇଁ
ଖାଇବା ଟିକିଏ ବାଢ଼ି।

ବୋଉ ଲୋ ଜନ୍ମ ନେଇ ମାନବୀ ହେଇ
କେବେ ହେଇଗଲୁ ତୁ ଦେବୀଟିଏ ମୋ
ଆଖିରେ
ମୁଁ କିନ୍ତୁ ହେବାକୁ ଚାହେଁନି ତୋ ଭଳି
ମତେ ଶିଖେଇଦେ ନିଜ ପାଇଁ କହିବା
ଜୁଟେଇଦେ ସାହସ ମୋ ଭିତରେ
ଥରେ ଅଧେ ନିଜ ପାଇଁ ଲଢିବା
ବୋଉ ଲୋ ମୁଁ ତୋ ଭଳି ଦେବୀ ନୁହେଁ
ବଞ୍ଚିବାକୁ ଚାହେଁ ହେଇ ମାନବୀଟିଏ
ହେଇ ମାନବୀଟିଏ।


♥ଶିକ୍ଷୟିତ୍ରୀ,
ଭୋଟକା, ରସୁଲପୁର, ଯାଜପୁର
ପିନ୍୭୫୫୦୦୯
ମୋ: ୭୯୭୮୧୧୫୮୪୭


## ପୁଣି ହସିବ ଜୀବନ

### ଅନୁସୃଜନ: ଦିବାକର ନାୟକ

### ମୂଳ ହିନ୍ଦୀ: ଡକ୍ଟର ଗୀତାଞ୍ଜଳି ରେଣୁ ଦାଶ



ଯେଉଁ ଗଳିରେ ମିଥ୍ୟା ଦାବି ଓ ଶପଥର
ଝରକା ନଥିବ
ସେହି ଗଳିକୁ ପ୍ରୀତି ପୂର୍ଣ୍ଣ ଦୃଷ୍ଟିରେ ଦେଖି
ନିସଂକୋଚରେ ଆସିଯାଅ ପ୍ରିୟ
ନା ଅଭିଯୋଗ ରହିବ
ନା ଅସମ୍ମତିର ଅଶାନ୍ତି ଥିବ
ବାସ୍, ଏକ ଛୋଟିଆ ସଂସାରରେ ସୁଖ
ଶାନ୍ତିର ନିଶ୍ଚିତ ଠିକଣା ହିଁ ଲେଖା ହେବ
ଚନ୍ଦନ ଭଳି ମହମହ ବାସୁ ଥିବା ଅସରନ୍ତି
କଥୋପକଥନ ହିଁ ଚାଲିଥିବ
ମଳୟର ସୁଗନ୍ଧିରେ ପରିବେଶ କେବଳ
ଖୁସିର ଧ୍ୱନିରେ ଅନୁରଣିତ ହେଉଥିବ
ତୁମର ପ୍ରତ୍ୟେକ ନିଃଶ୍ୱାସରେ
ମୋର ହିଁ ନାମ ଉଚ୍ଚାରିତ ହେଉଥିବ

ତା ସହିତ ତୁମ ମଧୁର ସ୍ମୃତି
ମୋ ନୟନରେ
ବିଜୁଳି ଭଳି ଝଲସି ଉଠୁଥିବ
ତୁମେ ଯଦି ହୃଦୟ ପୋଥିର ସମସ୍ତ କାହାଣୀ
ନିଜ ବୁଝିଲା ପଣରେ ପଢ଼ି ବୁଝି ପାରିବ
ତେବେ ବିସ୍ମୃତ ସ୍ମୃତିଗୁଡିକ ପୁଣି
ପାଟଳା ଫୁଲ ଭଳି ଶୋଭା ପାଇବ
ଆଉ ଆମ ଦୁହିଁଙ୍କ ଜୀବନ ଉପବନରେ
ଚିର ବସନ୍ତ ରାଜୁତି କରିବ


♥ ପାଟପୁର, କନିସି, ଗଞ୍ଜାମ
ମୋ-୯୯୩୮୬୧୯୯୮୧


## ରୀତି

### ଗଜାନନ ମିଶ୍ର

ସାପ, ସିଂହ, ବାଘ, ବିଛା ସବୁଠି।
ଘାବରେଇବାର ନାଇଁ, ଯିବାର ଅଛି
ସବୁ ଡେଇଁ ଡେଇଁ ହେଲେ ହେଉ
ଯାହା ଯେମିତି।

ପାଣି ଭିତରେ, ମାଟି ଉପରେ
କି ଆକାଶରେ ନାଇଁ ଶାନ୍ତି, ସବୁଠି
ଭୟର ରାଜୁତି।

ଥୟ ଧରି ଥା'ରେ ମନ ନିଜଠି,
ହେବାର ନାଇଁ କାହିଁ କିଛି।
ବଂଚିବାକୁ ହେବ ଏମିତି
ଯୁଆଡେ ଗଲେ ବି।
ଇଏ ଇ ସଂସାର ରୀତି।


♥ତପୋବନ,
ଟିଟିଲାଗଡ - ୭୬୭୦୩୩




## ମାଆର ମମତା

### ଡକ୍ଟର ମନୋରଞ୍ଜନ ବିଷୋୟୀ



ମାଆ କ'ଣ ଆଉ
ଡାକୁନି ଜହ୍ନକୁ
ଓହ୍ଲାଇ ଆସିବାକୁ
ନିଜ ପୁଅ ହାତକୁ।
କାହିଁକି ବା ଆଉ
ମାଆ ଡାକିବ ଜହ୍ନକୁ
ଏବେ ତ ସମୟ
ବଦଳାଇ ଦେଇଛି
ସଂପର୍କର ଛବିକୁ।
ପୁଅ ବଡ଼ ହୋଇ
କହୁଛି ଏବେ
ଜହ୍ନକୁ ଟେକାମାରି
ଝଡ଼ାଇ ଆଣି ଦେବ
ନିଜ ପ୍ରିୟା ହାତକୁ।
ଏପରିକି ଜହ୍ନକୁ
ପୁନେଇଁ ରାଣ ଦେଇ
ଅଟକାଇ ପାରୁଛି
ପ୍ରିୟା ସହ ଗପିବାକୁ।
ଆଉ ଭିଟାମାଟି ଛାଡ଼ି
ମନ ବଳାଇଲାଣି
ଜହ୍ନ ରାଇଜରେ
ଘରଟିଏ ତୋଳି
ପ୍ରିୟା ସହ ରହିବାକୁ।
ତେଣୁ ତ ମାଆ ଆଉ
ଡାକୁନି ଜହ୍ନକୁ
ଓହ୍ଲାଇ ଆସିଲେ ଜହ୍ନ
କେମିତି ପୂରଣ କରିବ
ପୁଅ ନିଜ ସ୍ୱପ୍ନକୁ।


♥ଦାମୋଦରପୁର, ଗଂଜାମ
ମୋ: ୮୮୯୫୧୪୧୭୨୭


## ହୁଏତ

### ପ୍ରଦ୍ୟୁମ୍ନ ପଟ୍ଟନାୟକ



ଅହରହ ଚାଲୁଥିବା ପାଦ ଦୁଇଟି
ଦିନେ ସ୍ତିମିତ ହୋଇଯିବ
କେଉଁ ବାଲିବନ୍ତର ଭୁଷା ବାଲିରେ
ଏକ ସମ୍ମୋହିତ ଗୋଧୂଳି ଲଗ୍ନରେ ।

ଲିଭିଯିବ ଜୀବନ ପ୍ରଦୀପ
ଜଳି ଉଠିବ ଜୁଇ ଶ୍ମଶାନ ବକ୍ଷରେ
ସନ୍ଧ୍ୟା ଦୀପର ନିଷ୍ପ୍ରଭ ଆଲୋକରେ
ସମ୍ପର୍କର ଛାଇ ସବୁ
ଅପସରି ଯାଉଥିବେ
ଦେହରୁ ବିଦେହ ହୋଇ ।

ଲେଖା ସରିଥିବ ଭାଗ୍ୟ ଲିପି
ସମୟର କୁରୁମ ପିଠିରେ
କେଉଁ ଅଦୃଶ୍ୟ ଚିତ୍ରକରର
ରଙ୍ଗ ତୂଳୀରେ ଅଙ୍କା ହେଉଥିବ

ମୋ ତମାମ ଜୀବନର ମାନଚିତ୍ର
ବୋଲି ଦେଇ ମମତା ଅଳତା
ଅବା କଳଙ୍କର ସ୍ୟାହି ।

ହୁଏତ ସେହି ହେବ ମୋର
ଅବ୍ୟକ୍ତ ଅନ୍ତର୍ଭେଦି
ଅଲିଖିତ ଆତ୍ମନେପଦୀ ।


♥ ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର, ଭୁବନେଶ୍ୱର -
୭୫୧୦୦୬
ମୋ:୯୯୬୮୨୮୦୮୯୬


## ଗାଁ ମୋର ମାଆ ମୋର......

### ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି



ଝୁଣ୍ଟି ପଡୁଥିଲି ସେଦିନ ପାଖରେ ଅଟକୁଥିଲା ଏ ମନ
ଜଞ୍ଜାଳ ଭିତରୁ ଉଣ୍ଡାଳି କିଛି ବି ଟାଣୁଥିଲା ପ୍ରତିକ୍ଷଣ
ମନ ଖୋଜୁଥିଲା ସେ ଅମୃତ ଲଗ୍ନ ପାଶୋର ହେବାର ଦିନ
ମ୍ଳାନ ବୟସର ଅୟନରେ ସେତ ସଜ କୁସୁମର ବନ ।

ଏଇ ଦାଣ୍ଡଧୂଳି ଦେଇଥିଲା ଦିନେ ସପନର ଚିହ୍ନା ହସ
ଏ ମାଟି, ପବନ ଆଙ୍କି ଦେଇଥିଲା ଜୀବନ ର ମଧୁମାସ
ସନ୍ଧ୍ୟା ଲଗନ ଶୁଭାଶିଷ ଢ଼ାଳି ହରିଛି ଜୀବନୁଁ ତ୍ରାସ
ସଜାଡ଼ି ଦେଇଛି ଅଲୋଡ଼ା ଏ ପ୍ରାଣ ଓଠେ ଭରି ମଧୁଭାଷ ।

ଭାବମୟ ତାର ଭାଗବତ ଟୁଙ୍ଗୀ ଶାଶ୍ୱତ ସତ୍ତାର ଧାର
ବିଭୂ ପ୍ରେମେ ଦିନେ ଧନ୍ୟ କରିଥିଲା ଅସାର ଜୀବନ ମୋର
ବାଟବଣା ହୋଇ ଜଳିଛି ଯେବେ ସଂସାର ଜଞ୍ଜାଳ ଝାସେ
ଦେଇଛି ଅଜାଡ଼ି ପ୍ରେମର ପୀୟୂଷ ତା ପ୍ରକୃତି ଚିର ଲାସ୍ୟେ ।

ଭଗ୍ନମନର ଅୟୁତ ସ୍ୱପ୍ନ ସେ ଭରସାର ଜହ୍ନ ରାତି
ଭାବନାରେ ମୋର ସଦା ସଜଳ ତା ପାଦେ କୋଟି ପ୍ରଣତି ।


♥ ଦଶରଥପୁର, ଯାଜପୁର,୭୫୫୦୦୬
(ମୋ) ୭୩୭୭୩୧୮୭୮୯


## କ୍ଷତ

### ଡ. ଦୀପକ କୁମାର ମିଶ୍ର



କଟାକ୍ଷଭରା
ଆଖିର ଚାହାଁଣିରେ ବି
କ୍ଷତଟିଏ ହୁଏ,
ଅବଶ୍ୟ ତମ ଛୁରି ପରି ଶବ୍ଦର ଧାରରେ
ଯେବେ କ୍ଷତାକ୍ତ ହୁଏ ହୃଦୟ
ଆଉ ଭରଣ ହୁଏନି କେବେ ।

କ୍ଷମତାର ଦାଢ଼ରେ ଯେଉଁ କ୍ଷତ ହୁଏ
ତାହା ମଦମତ୍ତ, ଉଦ୍ଧତ
ଧୀରେ ଧୀରେ ଚରିଯାଏ ବିଷ ପରି
ମଣିଷରୁ ସମାଜ ।

କବିଲୋକ କ୍ଷତ କରି ପାରେନା
ଏହା ସତ,
କିନ୍ତୁ ଶବ୍ଦର ମଲମରେ

ଅତୀତର କିଛି କ୍ଷତ
କେବେ ଭରିଯାଏ
ପୁଣି କେବେ ହୁଏ ଉଜ୍ଜୀବିତ ।

ଲୁହରେ ଯେଉଁ କ୍ଷତଗୁଡିକୁ
ଧୋଉଚି ଆଜୀବନ
ସେଗୁଡ଼ିକ ଶୁଖିଗଲା ପରି ଲାଗନ୍ତି
କିନ୍ତୁ ସମସ୍ତଙ୍କ ଅଲକ୍ଷ୍ୟରେ
ଟପ୍ ଟପ୍ ଝରୁଥାଏ ରକ୍ତ ।
ଞ୍ଜଞ୍ଜଞ୍ଜ


♥ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


## ଯାଯାବର

### ରୋହିତ ସେଠୀ



ନିର୍ଦ୍ଦିଷ୍ଟ ଠିକଣା ନାହିଁ ଯେ ମୋହର
ମୁହିଁ ଏକ ଯାଯାବର
ଦୁନିଆ ଭିତରେ କେହି ବି ନାହାଁନ୍ତି
ମୋର କିଏ ଆପଣାର ।

ଜୀବନ ବାଟରେ ଭେଟିଛି ଅନେକ
ପାନ୍ଥଶାଳା କେତେ କେତେ
କିଛି ଦିନର ମୁଁ ଅତିଥି ସାଜିକି
ବିଦାୟ ନେଇଛି ସତେ ।

ସଂପର୍କ ସଉଧ ମୋ ପାଇଁ ସପନ
ଅବା ମରୁ ମରୀଚିକା
ଜୀବନ ହାଟରେ ସଉଦା କରି ମୁଁ
ପାଇଛି ଅନେକ ଧୋକା ।

ତୃଷ୍ଣାର ଯନ୍ତ୍ରଣା ପେଟର କଷଣ
ସହିବାଟା ବୋଧେ ସାର
କାରଣଟା, ଏହି ଦୁନିଆ ଆଖିରେ
ମୁହିଁ ଏକ ଯାଯାବର ।


♥ଖଜୁରୀପଡ଼ା, କନ୍ଧମାଳ
ମୋ: ୭୭୩୫୨୧୪୩୭୯


## ଭାବନା

### ସତ୍ୟନରାୟଣ ପ୍ରଧାନ



ଦରିଆ କୂଳରେ ବସିବା ଭୂଲିନି
ଖୋଜୁଛି ହଜିଲା ଦିନ
ପ୍ରଥମ ପ୍ରେମର ସାଇତା ସନ୍ତକ
କରେ ଯାହା ହିନିମାନ ।

ଭଲ ପାଇବାଟା ଶିଖାଇଛ ବୋଲି
ନିତି କରେ ତାକୁ ପୂଜା
ଦୁନିଆଟା କହେ ବିରହ ପ୍ରେମିକ
ପୁରସ୍କାର ଥଟ୍ଟା ମଜା ।

ତୁମେ ଥାଅ ପଛେ ମୋର ବହୁ ଦୂରେ
କରୁଥିବି ଶୁଭ କାମନା
ବିଶ୍ୱାସ ଜଳିଛି ସ୍ୱାର୍ଥର ନିଆଁରେ
ହସେ ଦେଖି କାଚ ଆଇନା ।

ଅଛି ସାକ୍ଷୀ ସେଇ ବୁଢ଼ା ବରଗଛ
ମନେ ଆଙ୍କୁଥିଲା ମୂର୍ଚ୍ଛନା
ସ୍ନେହ ପ୍ରେମ ଟିକେ ପାଇବା ପାଇଁକି
କେତେ କରୁଥିଲ ବାହାନା ।

ଏମିତି ସହଜେ ଭୁଲିଯିବ ବୋଲି
ନ ଥିଲା ମନରେ ଭାବନା
ମୋ ମଲା ଖବର କେବେ ଗଲେ ପାଇ
ଚିରିଦେବ ଚିଠି ପୁରୁଣା ।


♥ସା / ପୋ -ଅଣ୍ଟିଆ, ଭାୟା/ଥାନା -
ଜେନାପୁର, ଜିଲ୍ଲା - ଯାଜପୁର
ପିନ୍ -୭୫୫୦୨୩
ମୋ -୯୧୭୮୩୧୩୬୪୪


## ଜହ୍ନ ଓ କଇଁ

### ସୁରାତ୍ରୀ ପ୍ରଧାନ



ଆକାଶ ଛାତିରେ ନୀଳ ଜହ୍ନ ତୁମେ
ମୁଁ ତୁମର ନୀଳ କଇଁ
ଯୋଜନ ଯୋଜନ ଦୂରରେ ଥିଲେ ବି
ତୁମ ବାଟ ଥାଏ ଚାହିଁ,

ଲକ୍ଷ ତାରା ଫୁଲ ମଝିରେ ହସୁଛ
ଆକାଶର ସେଜ ପରେ
ପଲକ ପଡେନି ଆଖିରେ ମୋଅର
ନିତି ନିତି ଝୁରି ମରେ,

କିରଣ ରେଣୁର ଛିଟା ପରଶରେ
ପାଖୁଡା ମୋ ଖୋଲି ଯାଏ

ବିନିଦ୍ର ରଜନୀ କଟେ ଚାହିଁ ଚାହିଁ
ଲୁହରେ ମୁଁ ଭିଜୁଥାଏ,

କେତେ ଦୁରେ ତୁମେ କେତେ ଦୁରେ ମୁଁ
ଦୁହେଁ ତ ଦୁହିଁଙ୍କ ପାଇଁ
କେବେ କାହିଁ ଆମ ମିଳନ ହୁଏନି
ବହୁ ଦୁରେ ଅଛୁ ରହି,


♥କୁସୁପୁର, ଗୋପ,ପୁରୀ-୭୫୨୧୧୦
ମୋ: ୭୦୦୮୨୬୦୫୧୬

# ଏଣିକି ସାଇବର୍ ଥାନାର ମୁଖିଆ ଡିଏସ୍‌ପି: ୧୫ ସାଇବର୍ ଥାନାର ନବକଳେବର



କଟକ, ୧୩/୫ (ନି.ପ୍ର): ଏଣିକି ରାଜ୍ୟରେ ୧୫ଟି ସାଇବର୍ ଥାନା ଦାୟିତ୍ୱରେ ରହିବେ ଡିଏସ୍‌ପି ପାହ୍ୟାର ଅଧିକାରୀ। ପୂର୍ବରୁ ଯେଉଁ ଇନସ୍ପେକ୍ଟର ପାହ୍ୟାର ଅଧିକାରୀଙ୍କୁ ଏହି ଥାନାର ଦାୟିତ୍ୱରେ ରଖାଯାଇଥିଲା, ଏହା ବଦଳରେ ଡିଏସ୍‌ପି ପାହ୍ୟାର ଅଧିକାରୀ ଥାନାର ମୁଖିଆ ହେବେ। ସାଇବର୍ ମାମଲା କେବଳ ଇନସ୍ପେକ୍ଟର ପାହ୍ୟାରୁ ଉର୍ଦ୍ଧ୍ୱ ତଦନ୍ତ କରିବାର ନିୟମ ରହିଛି। ଏବେ ଥାନାରେ ଥିବା ଜଣେ ଲେଖାଏ ଇନସ୍ପେକ୍ଟର ଥାନା ଦାୟିତ୍ୱ ସମ୍ଭାଳିବା ସହିତ ମାମଲାର ତଦନ୍ତ କରୁଥିବାରୁ ଚାପଗ୍ରସ୍ତ ହେଉଛନ୍ତି। ଏଥିପାଇଁ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇ ତଦନ୍ତ ପ୍ରକ୍ରିୟାକୁ ଅଧିକ ଗୁଣାତ୍ମକ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସୂଚନା ଅନୁଯାୟୀ, ଓଡ଼ିଶା ପୁଲିସରେ ଡିଏସ୍‌ପିରୁ ବରିଷ୍ଠ ଏସ୍‌ପି ପାହ୍ୟା ଯାଏ ଥିବା ୭୯୮ ପଦବିକୁ ପୁନର୍ଗଠନ କରାଯାଇ ୮୭୩ କରାଯାଇଛି। ଏହି ପୁନର୍ଗଠନ ପ୍ରକ୍ରିୟାରେ ୧୨୬ଟି ନୂଆ ପଦବି ସୃଷ୍ଟି କରାଯାଇଥିବା ବେଳେ ୫୧ଟି ପଦବି ଉଚ୍ଛେଦ କରାଯାଇଛି। ଡିଏସ୍‌ପି ପାହ୍ୟାରେ ଥିବା ୬୧୧ ପଦବିକୁ ପୁନର୍ଗଠନ କରି ୬୧୩ କରାଯାଇଛି। ଏଥିରେ ନୂଆ ପଦବି ୩୯ଟି ସୃଷ୍ଟି ହୋଇଥିବା ବେଳେ ୩୭ଟି ଉଚ୍ଛେଦ କରାଯାଇଛି। ଅତିରିକ୍ତ ଏସ୍‌ପି ପାହ୍ୟାରେ ୧୫୫ରୁ ୨୦୦ ପଦବି ପୁନର୍ଗଠନ କରାଯାଇଛି। ଏଥିରେ ନୂଆ ପଦବି ୪୯ଟି ସୃଷ୍ଟି ହୋଇଥିବା ବେଳେ ୪ଟି ପଦବି ଉଚ୍ଛେଦ କରାଯାଇଛି। ଏସ୍‌ପି ପାହ୍ୟାରେ ୨୫ଟି ପଦବିରୁ ପୁନର୍ଗଠନ କରି ୪୩ କରାଯାଇଛି। ଏଥିରେ ନୂଆ ପଦବି ୨୮ଟି ସୃଷ୍ଟି ହୋଇଥିବା ବେଳେ ୧୦ଟି ଉଚ୍ଛେଦ କରାଯାଇଛି। ବରିଷ୍ଠ ଏସ୍‌ପି ପଦବି ୭ଟିରୁ ପୁନର୍ଗଠନ କରି ୧୭ଟି କରାଯାଇଛି। ନୂଆ ପଦବି ୧୦ଟି ସୃଷ୍ଟି କରାଯାଇଛି। ଡିଏସ୍‌ପି ପାହ୍ୟାରେ ଯେଉଁ ୩୯ଟି ନୂଆ ପଦବି ସୃଷ୍ଟି କରାଯାଇଛି, ଏଥିରେ ରାଜ୍ୟରେ ଥିବା ୧୫ଟି ସାଇବର୍ ଥାନା(କ୍ରାଇମବ୍ରାଞ୍ଚ ସାଇବର୍ ଥାନା, କଟକ କମିସନରେଟ୍ ପୁଲିସ, ଭୁବନେଶ୍ୱର କମିସନରେଟ୍ ପୁଲିସ, କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ଅନୁଗୁଳ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ)ରେ ୧୫ଟି ଡିଏସ୍‌ପି ପଦବି ସୃଷ୍ଟି କରାଯାଇଛି। ଏହାବାଦ୍ ଯେଉଁ ୨୮ଟି ନୂଆ ଏସ୍‌ପି ପଦବି ସୃଷ୍ଟି ହୋଇଛି, ସେଥିରେ କ୍ରାଇମବ୍ରାଞ୍ଚ ସାଇବର୍ ସେଲ୍-୧ ପାଇଁ ଗୋଟିଏ ଏସ୍‌ପି ପଦବି ସୃଷ୍ଟି ହୋଇଛି। ୨୦୨୧ ଡିସେମ୍ବର ୧୫ରେ ଗୃହ ବିଭାଗ ପକ୍ଷରୁ ସାଇବର୍ ଥାନାରେ ପଦବି ନିଯୁକ୍ତି ସଂକ୍ରାନ୍ତ ଏକ ନିର୍ଦ୍ଦେଶନାମା ଆଧାରରେ ସାଇବର୍ ଥାନା ଦାୟିତ୍ୱରେ ଇନସ୍ପେକ୍ଟର ପାହ୍ୟାର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ମୋଟ ୧୫ ଥାନା ପାଇଁ ୧୫ ଇନସ୍ପେକ୍ଟରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଏହାବାଦ୍ ଏସ୍‌ଆଇ, ଏଏସ୍‌ଆଇ, କନଷ୍ଟେବଳ, ସିପାହୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ସାଧାରଣ ଥାନାଗୁଡ଼ିକରେ ପ୍ରତି ମାସରେ ଜଣେ ତଦନ୍ତକାରୀ ଅଧିକାରୀ ହାରାହାରି ତିନୋଟି ମାମଲାର ତଦନ୍ତ ଦାୟିତ୍ୱ ନେଇଥାନ୍ତି। କିନ୍ତୁ ସାଇବର୍ ଥାନା କଥା ଯଦି ଦେଖାଯାଏ, ଭୁବନେଶ୍ୱରେ କମିସନରେଟ୍ ପୁଲିସରେ ପ୍ରତି ମାସରେ ୨୫ରୁ ୩୦ ସାଇବର୍ ମାମଲା ରୁଜୁ ହେଉଛି। କଟକରେ ମାସକରେ ୬ରୁ ୧୦ଟି ମାମଲା ରୁଜୁ ହେଉଛି। କ୍ରାଇମବ୍ରାଞ୍ଚ ସାଇବର୍ ଥାନାରେ ବି ସମାନ ସ୍ଥିତି। ରାଜ୍ୟର ଅନ୍ୟ ୧୨ ସାଇବର୍ ଥାନାଗୁଡ଼ିକରେ ହାରାହାରି ୫ ମାମଲା ରୁଜୁ ହେଉଛି। ଯେହେତୁ ନିୟମ ଅନୁଯାୟୀ ଇନସ୍ପେକ୍ଟର କିମ୍ବା ଉପର ପାହ୍ୟାର ଅଧିକାରୀ ଏହି ମାମଲାର ତଦନ୍ତ କରିପାରିବେ ତେଣୁ ଥାନାରେ ଥିବା ଜଣିଏ ମାତ୍ର ଇନସ୍ପେକ୍ଟରଙ୍କ ପାଇଁ ସାଇବର୍ ମାମଲାର ତଦନ୍ତ କରିବା ବଡ଼ ଆହ୍ୱାନ ସୃଷ୍ଟି ହୋଇଛି। ୨୦୨୨ ବର୍ଷରେ ଓଡ଼ିଶାରେ ମୋଟ ୧୯୮୩ଟି ସାଇବର୍ ଅପରାଧଜନିତ ମାମଲା ପଞ୍ଜୀକରଣ ହୋଇଛି। ଅର୍ଥାତ ମାସିକ ହାରାହାରି ଜଣେ ଇନସ୍ପେକ୍ଟର ୧୧ ମାମଲାର ତଦନ୍ତ ଦାୟିତ୍ୱ ନେଉଛନ୍ତି। ଯାହାଫଳରେ ଏହା ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରୁଛି। ଚାର୍ଜସିଟ୍ ମାତ୍ର ୧୧.୪ ପ୍ରତିଶତ ମାମଲାରେ ହୋଇଛି। ପୂର୍ବ ବର୍ଷର ମାମଲାକୁ ମିଶାଇଲେ ୨୦୨୨ରେ ୩ ହଜାର ୭୦୫ ମାମଲା ତଦନ୍ତ ପାଇଁ ପଡ଼ିରହିଥିଲା। ଏଭଳି ପରିସ୍ଥିତିରେ ଅଧିକ ତଦନ୍ତକାରୀ ଅଧିକାରୀଙ୍କ ଆବଶ୍ୟକତା ଥିବା ନେଇ ବିଭିନ୍ନ ସମୟରେ ଦାବି ଉଠି ଆସୁଥିଲା। ଏହି ଆଧାରରେ ରାଜ୍ୟ ସରକାର ପଦବି ପୁନର୍ଗଠନ ସମୟରେ ସାଇବର୍ ଥାନା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ସାଇବର୍ ଥାନାରେ ଡିଏସ୍‌ପି ବାଦ୍ ଆହୁରି ୩ରୁ ୪ ଜଣ ଲେଖାଏ ଅତିରିକ୍ତ ଇନସ୍ପେକ୍ଟର ପଦବି ନିର୍ବାଚନ ପରେ ସୃଷ୍ଟି ହେବାକୁ ଯାଉଛି। ଯାହା ଫଳରେ ତଦନ୍ତକାରୀ ଅଧିକାରୀଙ୍କ ସଂଖ୍ୟା ସାଇବର୍ ଥାନାରେ ବୃଦ୍ଧି କରି ତଦନ୍ତ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯାଇପାରିବ ବୋଲି କୁହାଯାଉଛି।

## ଦେଶି ମଦ ଚାଲାଣ ବେଳେ ଚଢ଼ଉ: ଜଣେ ଗିରଫ

ଜୟପୁର, ୧୩/୫ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ନିରିକ୍ଷକ କାଯ୍ୟାଳୟ ତରଫରୁ ଆଜି ଚଢ଼ଉ କରାଯାଇଛି । ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲା ନିଳାଗୁଡାର ଘାସି ଦୁଆରୁ (୪୮) । ଅବକାରି ବିଭାଗ ସୂଚନା ଅନୁଯାୟୀ, ଏକ ବାଇକରେ ନାଲୁଗୁଡାରୁ ଜୟପୁର ସହରକୁ ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇଥିଲା ଅବକାରି ବିଭାଗ । ଏନେଇ ନିଳାଗୁଡା ଛକରେ ଅବକାରି ବିଭାଗ ପକ୍ଷରୁ ଚଢଉ କରାଯାଇ ବାଇକ ସହ ୩୦ ଲିଟର ଦେଶି ମଦ ଜବତ ହୋଇଛି । ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶିକାନ୍ତ ଦତ ସୂଚନା ଦେଇଛନ୍ତି ।

## ଫୁଲବାଣୀରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କନ୍ଧମାଳ, ୧୩/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଏବଂ ଦୋରା ଜଜଙ୍କ ଅଦାଲତରେ ଶନିବାର ଦିନ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାକ୍ ମକଦ୍ଦମା ମାମଲାଗୁଡ଼ିକ ମଧ୍ୟରୁ ୮୬ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ୨୪ ଲକ୍ଷ ୯୬ ହଜାର ୫୬୦ ଟଙ୍କା ଆଦାୟ କରାଯାଇଥିବାବେଳେ,୩୧ଟି ଅନ୍ୟାନ୍ୟ (ବି.ଏସ୍.ଏନ୍.ଏଲ୍.) ମାମଲା ବିଚାର କରାଯାଇ ୧ଲକ୍ଷ ୨୬ ହଜାର୫୬୯ ଟଙ୍କା ଆଦାୟ କରାଯାଇଛି । ସେହିପରି, ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ଧାରା ୧୩୮ ଅଧିନରେ ୫ଟି ଏନ୍.ଆଇ. ଆକ୍ଟ ମାମଲାର ବିଚାର କରାଯାଇ ୮ଲକ୍ଷ ୨୭ହଜାର ୭୫୨ଟଙ୍କା ଆଦାୟ କରାଯାଇଥିବାବେଳେ, ୧ଟି ଅର୍ଥ ଅସୁଲି ମାମଲାର ବିଚାର କରାଯାଇ୧ ଲକ୍ଷ ୪୧ ହଜାର ୩୫୬ ଟଙ୍କା ଆଦାୟ କରାଯାଇଛି । ୧ଟି ମୋଟର ଯାନ ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାରେ ୨୦ ଲକ୍ଷ ଟଙ୍କା ଆଦାୟ କରାଯାଇଥିବାବେଳେ, ୧୨ଗୋଟି ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତିତ)/ପାରିବାରିକ କଳହ ଫଇସଲା କରାଯାଇ ୩ ଲକ୍ଷ ୩୨ ହଜାର ଟଙ୍କା ଏବଂ ୧୫୦ଟି ଅନ୍ୟାନ୍ୟ ଅପରାଧିକ ମାମଲାର ବିଚାର କରାଯାଇ ୧ହଜାର ଟଙ୍କା ଆଦାୟ କରାଯାଇଛି । ତେବେ, ପ୍ରାକ୍ ମକଦ୍ଦମା ମାମଲାଗୁଡ଼ିକ ମଧ୍ୟରୁ ୧୯ଗୋଟି ଜନ ଉପଯୋଗୀ ସେବା, ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ୪ଟି ଅପରାଧିକ କମ୍ପାଉଣ୍ଡେବଲ୍ ମାମଲା, ୨୦ ଗୋଟି ହାଇକୋର୍ଟ ଓ ଜିଲ୍ଲା ଅଦାଲତରେ ବିଚାରାଧୀନ ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା ଏବଂ ୫ଟି ଅନ୍ୟାନ୍ୟ ସିଭିଲ୍ ମାମଲାର ବିଚାର କରାଯାଇଛି । ଶନିବାର ଅନୁଷ୍ଠିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ମାମଲାଗୁଡ଼ିକ ମଧ୍ୟରୁ୧୩୬ଟି ଓ ଅଦାଲତରେ ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରୁ ୧୯୮ଟି ମାମଲାର ଫଇସଲା କରାଯାଇଥିବା ବୋଲି ଜଣାପଡ଼ିଛି । ଜିଲ୍ଲା ଜଜ୍-ତଥା-ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ସତ୍ୟପିର ମିଶ୍ର, ଅତିରିକ୍ତ ଜିଲ୍ଲା ଏବଂ ଦୋରା ଜଜ୍, ଫୁଲବାଣୀ ସୈକତ ପାତ୍ର, ପାରିବାରିକ ଅଦାଲତ ବିଚାରପତି ଦେବଦୁ ଦାସ ମହାପାତ୍ର, ରେଜିଷ୍ଟ୍ରାର, ସିଭିଲ୍ କୋର୍ଟ ଶ୍ରୀମତୀ ନିତିଶା ଚନ୍ଦକ୍, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ଶ୍ରୀମତୀ ଅନୁଶୀଲା ରୟ, ଏସ୍.ଡି.ଜେ.ଏମ୍, ଫୁଲବାଣୀ ଅରିଜିତ୍ ଦାସ, ଏବଂ ଜେ.ଏମ୍.ଏଫ୍.ସି., ଫୁଲବାଣୀ ସୁଶ୍ରୀ ସ୍ୱାଗତିକା ସ୍ୱାଇଁଙ୍କ ଇଜ୍ଲାସରେ ମାମଲା ଗୁଡ଼ିକର ବିଚାର କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀର ସମସ୍ତ କର୍ମଚାରୀଙ୍କ ସହାୟତାରେ ଏହି ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୪କୁ ସାଫଲ୍ୟ ମଣ୍ଡିତ କରାଯାଇଥିଲା ।

## ଦିବ୍ୟ ଜୀବନ ସଂଘ ପକ୍ଷରୁ ନୂତନ ବସ ଟର୍ମିନାଲ ଆରଟିଓ ଅଫିସ ପର୍ଶୁରାମ ଛକରେ ଦହି ପାଣି ବଂଟନ

ବଲାଙ୍ଗିର, ୧୩/୫ (ନି.ପ୍ର): ବଲାଙ୍ଗିର ଦିବ୍ୟଜିବନ୍ ସଙ୍ଘ ତରଫରୁ ଆଜି ଚତୁର୍ଥ ଥର ପାଇଁ ରବିବାର ବଜାର ଦିନ ସକାଳ ୯ ଘଂଟାରୁ ଦିନ ୧୨ ପର୍ଯ୍ୟନ୍ତ ପଥଚାରି ଓ ଅଂଚଳର ତୃଷାର୍ତ ମାନଂକ ପାଇଁ ଶିବାନନ୍ଦ ଆଶ୍ରମ ର ଭକ୍ତ ମାନଂକ ଦ୍ୱାରା ମାଗଣା ଦହି ପାଣି ବଂଟନ କରାଯାଇଥିଲା। ସଂଘର ସଭାପତି ଶିବାନନ୍ଦ ଦାସ, ସମ୍ପାଦକ ରଘୁନାଥ ବାବୁ ପୂର୍ବତନ ସଭାପତି ରବି ଚନ୍ଦ୍ର ଉଦଗାତାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ସଭ୍ୟ ଓ ସଭ୍ୟା ମାନଙ୍କ ସକ୍ରିୟ ସହଯୋଗରେ ଏହି ପାଣି ବଂଟନ କାର୍ଯ୍ୟ ପ୍ରତ୍ୟେକ ରବିବାର ଦିନ ଗ୍ରୀଷ୍ମ ଋତୁ ରେ କରା ଯାଉଛି । ପ୍ରତ୍ୟେକ ବର୍ଷ ସଂଘ ସଭ୍ୟ ସଭ୍ୟା ମନେ ପଥଚାରୀ ମାନଂକ ପାଇଁ ଏହି ସେବା ପ୍ରଦାନ କରିଥାନ୍ତି ବ୍ୟକ୍ତିଗତ ସେବା ସହିତ ଆର୍ଥିକ ସହଯୋଗ ଦେଇ ପ୍ରଚଣ୍ଡ ଉତାପରୁ ଲାଘବ କରିବା ଓ ପଥଚାରୀଙ୍କ ତୃଷା ନିବାରଣ ପାଇଁ ଦହି ପାଣି ଯୋଗାଇ ଦିଆ ଯାଇଥାଏ। ଏହି କାର୍ଯ୍ୟକ୍ରମ ବର୍ଷା ହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଅନ୍ୟତମ ଆୟୋଜକ ଡାକ୍ତର ନିତ୍ୟାନନ୍ଦ ଦାଶ ଠାକୁର ପ୍ରକାଶ କରିଛନ୍ତି।

## ଲୋକନାଥ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ

ଭୁବନେଶ୍ୱର, ୧୩/୫ (ନି.ପ୍ର): ଶତ ସଂଗ୍ରାମର ଜନନାୟକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରାକ୍ତନ ସମ୍ପାଦକ, ପ୍ରାକ୍ତନ ସାଂସଦ ତଥା ବିଧାୟକ କମ୍ରେଡ ଲୋକନାଥ ଚୌଧୁରୀଙ୍କ ୨୧ତମ ସ୍ମୃତି ଦିବସ ଭୁବନେଶ୍ୱରସ୍ଥିତ ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ପାଳିତ ହୋଇଯାଇଛି। ପାର୍ଟିର ଜାତୀୟ ପରିଷଦ ସଦସ୍ୟ ସାଥୀ ଆଶିଷ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ସମ୍ପାଦକ ଅଭୟ ସାହୁ ବାମପନ୍ଥୀ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ଶକ୍ତି ଏକତ୍ରିତ ହୋଇ ସାମ୍ପ୍ରତିକ ନିର୍ବାଚନରେ ଭାରତୀୟ ଜନତା ଦଳର ସାମ୍ପ୍ରଦାୟିକତାବାଦୀ କର୍ପୋରେଟ୍ ମୁଖାକୁ ଉନ୍ମୋଚନ କରି ସେମାନଙ୍କ ପ୍ରାର୍ଥୀମାନଙ୍କୁ ପରାସ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ କ୍ଷୀରୋଦ ସିଂହଦେଓ ଏବଂ ବିଶ୍ୱ ଶିକ୍ଷକ ସଂଘର ସଭାପତି ଅମିୟ କୁମାର ମହାନ୍ତି ଲୋକନାଥ ଚୌଧୁରୀଙ୍କ ଆଦର୍ଶ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। କମ୍ରେଡ ଚୌଧୁରୀଙ୍କ ବହୁମୁଖୀ ପ୍ରତିଭା ଏବଂ ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ତାଙ୍କର ସଂଗ୍ରାମୀ ଆଦର୍ଶ ଓ ଚେତନାର ପ୍ରସାରର ଆବଶ୍ୟକତା ରହିଛି ବୋଲି ସ୍ମୃତିସଭାରେ ମତ ପ୍ରକାଶ ପାଇବା ସହିତ ସାମ୍ପ୍ରଦାୟିକତାବାଦୀ ବିଜେପିକୁ ନିର୍ବାଚନରେ ପରାଜିତ କରିବା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ ।

## ଚିଲିକା କୂଳରୁ ମୃତ ଡଲଫିନ ଉଦ୍ଧାର

ଖୋର୍ଦ୍ଧା, ୧୩/୫ (ନି.ପ୍ର): ବାଲୁଗାଁ ଚିଲିକା କୂଳ ଗୋପବନ୍ଧୁ ନଗରରୁ ବନ୍ୟପ୍ରାଣୀ ବିଭାଗ ଏକ ମୃତ ଡ଼ଲଫିନ ଉଦ୍ଧାର କରିଛି। ସୂଚନା ମୁତାବକ ରବିବାର ଏକ ମୃତ ଡ଼ଲଫିନ ପଡିଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ବାଲୁଗାଁ ବନ୍ୟପ୍ରାଣୀ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ୍ୟପ୍ରାଣୀ ବିଭାଗ ଘଟଣାସ୍ଥଳରେ ପହଂଚି ମୃତ ଡ଼ଲଫିନକୁ ଜବତ କରିଛନ୍ତି। ତେବେ ମୃତ ଡ଼ଲଫିନଟି ଇରାଓ୍ୱାଡି ପ୍ରଜାତିର ବୋଲି ଜଣାପଡିଛି। ତେବେ ମୃତ ଡ଼ଲଫିନର ବୟସ ଆନୁମାନିକ ଦୁଇ ବର୍ଷ ହେବ। ଏହାର ମୃତ୍ୟୁ କିପରି ହେଲା ତାହା ଅସ୍ପଷ୍ଟ ରହିଛି। ବର୍ତମାନ ମୃତ ଡ଼ଲଫିନର ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଚିଲିକା ବନ୍ୟପ୍ରାଣୀ ଡ଼ିଏଫଓ ସୂଚନା ଦେଇଛନ୍ତି।

## ଶୁଖିଲା ମହାନଦୀରେ ପାଣି ଖୋଜା: ଭଞ୍ଜନଗର ଡିଭିଜନ୍‌ର ୧୧ଟି ବ୍ଲକ୍‌କୁ ମହାନଦୀରୁ ଯିବ ପାଣି



ଦଶପଲ୍ଲା, ୧୩/୫ (ନି.ପ୍ର): ନାଁ ହେଉଛି ମହାନଦୀ, ହେଲେ ଏହା ବର୍ଷର ୮ ମାସରୁ ଉର୍ଦ୍ଧ୍ୱ ଶୁଖିଲା ପଡୁଛି। ମହାନଦୀରେ ଘାସ ଉଠିବା ସହ ଗାଈଗୋରୁଙ୍କ ପାଇଁ ଏହା ଚରାଭୂଇଁ ପାଲଟୁଛି। ନଦୀକୂଳିଆ ଗାଁକୁ ପାଣି ଯୋଗାଇବାକୁ ଅସମର୍ଥ ହେଉଥିବା ବେଳେ ଶହେ କିମି ଅତିକ୍ରମ କରି ହଜାର ହଜାର ଲୋକଙ୍କୁ ପାଣି ଯୋଗାଇବାକୁ ଉଦ୍ୟମ ହୋଇଛି। ଏଥିପାଇଁ ଚାଲିଛି ଜୋରଦାର୍ ପ୍ରସ୍ତୁତି। ଦଶପଲ୍ଲା-ଭଞ୍ଜନଗର ରାସ୍ତାର ପଙ୍କୁଆଠାରେ ଚାଲିଛି ପାଇପ୍ ନିର୍ମାଣ କାର୍ଯ୍ୟ। ଯାହାର ଗୋଲେଇ ପ୍ରାୟ ୧ ମିଟର ବା ୪ ଫୁଟରୁ ଅଧିକ ହେବ। ଗଣିଆସ୍ଥିତ ମହାନଦୀରୁ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଡିଭିଜନର ପ୍ରାୟ ୧୧ଟି ବ୍ଲକ୍‌କୁ ପାଣି ଯୋଗାଇବା ପାଇଁ ଏଭଳି ଯୋଜନା ଆରମ୍ଭ ହୋଇଛି। ଖାଲି ସେତିକି ନୁହେଁ, ଦଶପଲ୍ଲା ବ୍ଲକ୍ ସମେତ ନୟାଗଡ଼ ଜିଲ୍ଲାର ଗଣିଆ, ନୂଆଗାଁ, ଖଣ୍ଡପଡ଼ା, ଭାପୁର ଆଦି ବ୍ଲକ୍‌କୁ ଏହି ନଦୀରୁ ବଣପାହାଡ଼ ଅତିକ୍ରମ କରି ପାଣି ଯୋଗାଣ ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା। ଏଥିପାଇଁ କୋଟିକୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଏହି ଯୋଜନା ବାସ୍ତବ ରୂପ ନେବ ନାଁ ଏହା ସ୍ୱପ୍ନ ହୋଇ ରହିବ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷକରି ଦେଖିବାକୁ ଗଲେ ଗ୍ରୀଷ୍ମଦିନେ ଆସିଲେ ସହର ବଜାରଠାରୁ ଗାଁ ଗହଳି ସବୁଠି ପାନୀୟଜଳ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହେଉଛି। ଏପଟେ ମହାନଦୀ ଶୁଖିଲା ପଡୁଥିବା ହେତୁ ଛତିଶଗଡ଼ ସରକାର ବ୍ୟାରେଜ ନିର୍ମାଣ କରିଥିବା ନେଇ ଦୋଷଢାଳି ରାଜ୍ୟ ସରକାର ତୁମ୍ବିତୋଫାନ କରୁଛନ୍ତି। ଅନ୍ୟପାର୍ଶ୍ୱରେ ମହାନଦୀର ଜଳସ୍ତର ମଧ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ୨୦୨୪ ସୁଦ୍ଧା ପ୍ରତି ଘରକୁ ଜଳଯୋଗାଣ ପାଇଁ ସରକାର ଘୋଷଣା କରିଛନ୍ତି। ମାତ୍ର ଜଳ ମହଜୁଦ୍ କରିବା ବା ମହାନଦୀରେ ବ୍ୟାରେଜ ନିର୍ମାଣ କରିବା ପରିବର୍ତ୍ତେ ମହାନଦୀରୁ ବିଭିନ୍ନ ସ୍ଥାନକୁ ଜଳ ଯୋଗାଣ ପାଇଁ ଯେଉଁ ଲମ୍ବା ଖସଡ଼ା ପ୍ରସ୍ତୁତ ଚାଲିଛି। ଏହା ବାସ୍ତବରେ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଏସବୁ ମଧ୍ୟରେ ମହାନଦୀରୁ ଗଞ୍ଜାମ ଜିଲ୍ଲାର ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଅଧୀନସ୍ଥ ଭଞ୍ଜନଗର ଡିଭିଜନର ୧୧ଟି ବ୍ଲକ୍‌କୁ ପାଣି ଯୋଗାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, ସୋରଡ଼ା, ଆସିକା, ପୋଲସରା, ବେଗୁନିଆପଡ଼ା, କବିସୂର୍ଯ୍ୟନଗର, ବୁଗୁଡ଼ା ଏବଂ ପୁରୁଷୋତ୍ତମପୁର ବ୍ଲକ୍‌କୁ ଏହି ପାଣି ଯୋଗାଣ କରାଯିବ। ଏଥିପାଇଁ ପ୍ରାୟ ୧୬ ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏବେ ଦଶପଲ୍ଲାରେ କାର୍ଯ୍ୟ ଆରମ୍ଭ ହୋଇଛି। ମହାନଦୀରୁ ପାଣି ଆସିବା ପରେ ଦଶପଲ୍ଲାଠାରେ ଏକ ପମ୍ପିଂସେଟ୍ ନିର୍ମାଣ ହେବ। ଏହା ପରେ ଗାୟାଗଣ୍ଡାଠାରେ ଜଳ ବିଶୋଧନାଗାର ବା ୱାଟର୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ହେବାପାଇଁ ଯୋଜନା ରହିଥିବା ବିଭାଗୀୟ କର୍ତ୍ତୃପକ୍ଷ କହିଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ମହାନଦୀର ବାସ୍ତବ ରୂପ ଉପରେ ନଜର ପକାଇଲେ ସରକାରଙ୍କ ପକ୍ଷରୁ ପାନୀୟଜଳ ଯୋଗାଣ ନେଇ ଯେଉଁଭଳି ଲମ୍ବା ଖସଡ଼ା ପ୍ରସ୍ତୁତ ହୋଇଛି ଏହା ବାସ୍ତବରେ ସଫଳ ହେବ ନା ଲୋକଙ୍କ ପାଇଁ ଏହା ନିର୍ବାଚନୀ ପ୍ରସଙ୍ଗ ହେବ ତାହା ଏବେ ଚର୍ଚ୍ଚା ହେଉଛି।

## କେନ୍ଦ୍ର ସରକାର ନେଉଛନ୍ତି ବହୁ ରାଜସ୍ୱ: ହେଲେ ସୁଧୁରୁନି ସମସ୍ୟା

ସମ୍ବଲପୁର, ୧୩/୫ (ନି.ପ୍ର): ରବିବାର ସନ୍ଧ୍ୟାରେ ହୀରାକୁଦ ଠାରେ ଏକ ବିରାଟ ଜନସଭାର ଆୟୋଜନ କରାଯାଇଥିଲା । ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ଦଳ ତରଫରୁ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା । ବିଜେପି ଓ କଂଗ୍ରେସ ଦଳ ଛାଡି ଶହଶହ ସଂଖ୍ୟାରେ କର୍ମୀମାନେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ପ୍ରଣବ ପ୍ରକାଶ ଦାସ ଦଳରେ ମିଶିଥିବା ସମସ୍ତ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ସେ କହିଥିଲେ । ମା ସମଲେଶ୍ୱରୀଙ୍କ ଡାକରାରେ ଏଠାକାର ଲୋକଙ୍କ ସେବା କରିବାକୁ ମୁଖ୍ୟମନ୍ତ୍ରୀ ମତେ ପଠାଇଛନ୍ତି । ଏଠାକାର ଭାଇଭଉଣୀ ଙ୍କ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଖି ମୁଁ ଭାବବିହ୍ୱଳ । ସମ୍ବଲପୁର ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିରାଟ ଚିନ୍ତାଧାରା ରହିଛି । ସମ୍ବଲପୁର, ବୁର୍ଲା, ହୀରାକୁଦ, ରେଙ୍ଗାଲିକୁ ମିଶାଇ ଏକ ବୃହତ ସହର କରିବାକୁ ଯୋଜନା ରହିଛି । ମୁଁ ଆପଣଙ୍କୁ ଦୃଢ ନିଶ୍ଚିତ କରୁଛି ଏଠାକାର ବିକାଶ କରିବା ଦାୟିତ୍ୱ ମୋର ବୋଲି କହିଥିଲେ । ହୀରାକୁଦ ଅଞ୍ଚଳରେ ଲାଗି ରହିଥିବା ଜଳସମସ୍ୟାର ସମାଧାନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି । ଆପଣମାନେ ମନେରଖିବା ଦରକାର କିଏ କାମ କରୁଛନ୍ତି ଓ କିଏ ପ୍ରଚାର କରନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରୋହିତ ପୂଜାରୀ ଓ ପ୍ରଣବ ପ୍ରକାଶ ଦାସ ଆପଣମାନଙ୍କର ସମସ୍ୟାର ସମାଧାନ କରିବାକୁ ଏଠାକୁ ଆସିଛନ୍ତି । ଯେତେବେଳେ କାର୍ତ୍ତିକ ପାଣ୍ଡିଆନ ଏଠାକୁ ଆସିଥିଲେ ଆପଣମାନେ ତାଙ୍କୁ ବିଜୁଳୀ ସମସ୍ୟା ସମ୍ପର୍କରେ ଜଣାଇଥିଲେ । ଆସନ୍ତା ଜୁଲାଇ ମାସରୁ ଆପଣଙ୍କ ବିଜୁଳୀ ଫ୍ରି ହେବାକୁ ଯାଉଛି ବୋଲି ପ୍ରଣବ ପ୍ରକାଶ କହିଥିଲେ । ମୁଖ୍ୟମନ୍ତ୍ରୀ ଯାହା କହନ୍ତି, ତାହା କରନ୍ତି । ଏଥର ସମ୍ବଲପୁରର ପ୍ରତିନଧିତ୍ୱ ବଦଳାଇବାକୁ ଆପଣମାନଙ୍କୁ ନିଷ୍ପତ୍ତି ନେବାକୁ ପଡିବ । ଯେଉଁ ୫ ବର୍ଷ ପ୍ରତାରଣାରେ କଟିଛି ତାର ଜବାବ ଦେବାକୁ ପଡିବ । ରାଜ୍ୟ ସରକାର ତ ଆପଣଙ୍କ ସାଥୀରେ ଅଛନ୍ତି । କିନ୍ତୁ କେନ୍ଦ୍ରରୁ ଆପଣଙ୍କ ହକ ଆଣିବାକୁ ଲଢେଇ କରିବାକୁ ପଡିବ ବୋଲି କହିଥିଲେ ପ୍ରଣବ ପ୍ରକାଶ । ସମ୍ବଲପୁର, ଅନୁଗଳ, ଢେଙ୍କାନାଳ ଅଞ୍ଚଳରୁ କେନ୍ଦ୍ରସରକାର ୫୦ ହଜାର କୋଟି ଟଙ୍କା ବର୍ଷକୁ ନେଉଛନ୍ତି । ପ୍ରତିବଦଳରେ କିଛି ଦେଉନାହାନ୍ତି । ଏହାର ଜବାବ ମାଗିବାକୁ କେହିନାହାନ୍ତି । ଆପଣମାନେ ଯାହାକୁ ବାଛି କେନ୍ଦ୍ରକୁ ପଠେଇଥିଲେ ସେମାନେ ଚୁପ ବସିଛନ୍ତି । ତେଣୁକରି ଏ ନିଷ୍ପତ୍ତି ଆପଣଙ୍କର ବୋଲି ଆହ୍ୱାନ କରିଥିଲେ ପ୍ରଣବ ପ୍ରକାଶ । ବିକାଶ ବିରୋଧୀଙ୍କୁ ଉଚିତ ଜବାବ ଦେବା ସହିତ ଦୁଇଥର ଶଙ୍ଖଚିହ୍ନରେ ଭୋଟ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଣବ ପ୍ରକାଶଙ୍କ ସହିତ ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ଉପସ୍ଥିତ ଥିଲେ ।

## ଚମ୍ପୁଆ ନିର୍ବାଚନ ମଣ୍ଡଳୀ : ପୁରା ଦମ୍‌ରେ କଂଗ୍ରେସ

ଚମ୍ପୁଆ, ୧୩/୫ (ନି.ପ୍ର): ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ବିଜୟ ଲକ୍ଷ ରଖି ପୁରା ଦମରେ ଅଂଟା ଭିଡିଛି କଂଗ୍ରେସ। ବିଜେଡି ଓ ବିଜେପି କୁ କଡା ଟକ୍କର ଦେବା ପାଇଁ ଲଗାତାର ପ୍ରତିଦିନ ବିଭିନ୍ନ ପଂଚାୟତର ପ୍ରତି ଗ୍ରାମରେ ଲୋକଙ୍କ ଆସ୍ଥାଭାଜନ ହେବା ପାଇଁ ପ୍ରଚେଷ୍ଟା ଜାରି ରଖି ଥିବାବେଳେ ଆଜି ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ଗ୍ରାମପଂଚାୟତ ନିଶାଗଡ଼ିଆ ଗ୍ରାମ ଠାରେ ଏକ ବିଶାଳ କଂଗ୍ରେସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଚନ୍ଦ୍ରଶେଖରପୁର ପଂଚାୟତ ଅନ୍ତର୍ଗତ ସିଲିପୁଞ୍ଜି ଛକ ଠାରେ ପୂର୍ବତନ ସାଂସଦ ତଥା ଚମ୍ପୁଆ ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଯଶୋବନ୍ତ ସିଂ ଲାଗୁରୀ ଏବଂ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ ପହଂଚିବା ପରେ ପାରମ୍ପରିକ ଆଦିବାସୀ ନୃତ୍ୟ, ଗୀତ ସହିତ ସ୍ୱାଗତ କରିଥିଲେ ସ୍ଥାନୀୟ ଲୋକେ। ସେଠାରେ ଭଗବାନ ବିର୍ସାମୁଣ୍ଡାଙ୍କୁ ଉଭୟ ନେତା ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପରେ ଭଣ୍ଡା, ବାସୁଦେବପୁର, ପଡୁଆ, ନିଶାଗଡ଼ିଆ, କାମୁଣ୍ଡିଆ, ବାଲିପଶି ଆଦି ଗ୍ରାମ ଠାରେ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା। ନିଶାଗଡ଼ିଆ ଗ୍ରାମର ହାଟ ପଡିଆ ନିକଟ ପଡିଆ ଠାରେ ଏକ ବିଶାଳ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଚମ୍ପୁଆ ବ୍ଲକ କଂଗ୍ରେସ ସଭାପତି ରଞ୍ଜିତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ କଂଗ୍ରେସ ସମ୍ପାଦକ ସଂଗ୍ରାମ ଦାସ ଯୋଗ ଦେଇ ଅଘୋଷିତ ବିଜେପି ଓ ବିଜେଡି ମେଣ୍ଟରେ ଇଡି ଓ ସିବିଆଇ ଭୟ ଦେଖାଇ କରୁଥିବା ହୀନ ରାଜନୀତି ଉପରେ ବର୍ଷି ଥିଲେ। ଏଥର କଂଗ୍ରେସ ହିଁ ସରକାର ପରିବର୍ତନ କରିପାରିବ। ତେଣୁ କଂଗ୍ରେସ ଗ୍ୟାରେଣ୍ଟି କାର୍ଡ କିପରି ଲୋକଙ୍କ ପାଖରେ ପହଂଚି ପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ପୂର୍ବତନ ସାଂସଦ ତଥା ଚମ୍ପୁଆ ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ଯଶୋବନ୍ତ ସିଂ ଲାଗୁରୀ ଯୋଗଦେଇ ବିଜେଡି ଓ ବିଜେପି ଉଭୟ ମିଳିତ ଭାବେ ବିକାଶ ନାମରେ କିପରି ବିନାଶ କରି ଚାଲିଛନ୍ତି ସେ ଉପରେ ଆଲୋକପାତ କରିବା ସହିତ ଆମ୍ଭେମାନେ ଚାହିଁଲେ ପରିବର୍ତନ ହୋଇପାରିବ ଓ କଂଗ୍ରେସ ଦଳ ଏକ ସ୍ଥିର, ଦୁର୍ନୀତି ମୁକ୍ତ ସରକାର ଗଠନ କରିପାରିବ ବୋଲି କହିଥିଲେ।

## ବଲାଣି ଖଣିରେ ଶ୍ରମିକ ମେଳି: ବାୟୋମେଟ୍ରିକ ଉପସ୍ଥାନକୁ ବିରୋଧ

ବଲାଣି, ୧୩/୫ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଓଡିଶା ଖଣି ସମୂହର ବଲାଣି ଲୌହ ଖଣିରେ ଶ୍ରମିକ ଅଶାନ୍ତି ଜାରି ରହିଛି। ଖଣିରେ ବାୟୋମେଟ୍ରିକ ଉପସ୍ଥାନ କୁ ସମସ୍ତ ଶ୍ରମିକ ସଂଗଠନ ଘୋର ବିରୋଧ କରିଆସୁଥିବା ବେଳେ ବଲାଣି ଖଣି କର୍ତ୍ତୃପକ୍ଷ ଜୋର ଜବରଦସ୍ତ ଏହାକୁ ଲାଗୁ କରିବାକୁ ବିଜ୍ଞପ୍ତି ପ୍ରକାଶ କଲା ପରେ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ବଲାଣି ଖଣିରେ କାର୍ଯ୍ୟରତ ସମସ୍ତ ୭ ଟି ଶ୍ରମିକ ସଂଗଠନ ଏକତ୍ରିତ ହୋଇ ବଲାଣି ଖଣିର ଏତାଦୃଶ ପଦକ୍ଷେପକୁ ଦୃଢ଼ ବିରୋଧ କରିଛନ୍ତି । ସୂଚନା ଅନୁଯାୟୀ ବଲାଣି ଖଣି ର କାର୍ମିକ ବିଭାଗ ପକ୍ଷରୁ ଚିଠି ସଂଖ୍ୟା ବି-୩୨୯ ତା ୧୧/୦୫/୨୦୨୪ ମାଧ୍ୟମ ରେ ବାୟୋମେଟ୍ରିକ ଉପସ୍ଥାନକୁ ଆସନ୍ତା ମାସ ପହିଲା ତାରିଖରୁ ସମସ୍ତ ଖଣି କର୍ମଚାରୀଙ୍କ ନିମନ୍ତେ ବାଧ୍ୟତାମୂଳକ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ପ୍ରକାଶ ପରେ ଖଣି କର୍ତ୍ତୃପକ୍ଷଙ୍କ ଏପରି ଜୋର ଜବରଦସ୍ତ ନିଷ୍ପତିକୁ ବିରୋଧ କରି ମେଳି ଆରମ୍ଭ କରିଛନ୍ତି । ଆଜି ଏ ନେଇ ସ୍ଥାନୀୟ ଜେଏନଆରସି ଠାରେ ଶତାଧିକ ଖଣି କର୍ମଚାରୀ ଏକତ୍ରିତ ହୋଇ ଖଣି କର୍ତ୍ତୃପକ୍ଷଙ୍କ ଏପରି ନିଷ୍ପତିକୁ ଘୋର ବିରୋଧ କରିଥିଲେ । ସମସ୍ତ ଶ୍ରମିକ ସଂଗଠନର ପ୍ରତିନିଧି ଓ କର୍ମଚାରୀ ଆଗାମୀ କାର୍ଯ୍ୟପନ୍ଥା ନିମନ୍ତେ ଆଲୋଚନା କରିଥିଲେ । ସମସ୍ତ କର୍ମଚାରୀ ଏହାକୁ ବିରୋଧ କରି ଆଗାମୀ ୧ ତାରିଖ ବାୟୋମେଟ୍ରିକ କୁ ବିରୋଧ କରିବାକୁ ନିଷ୍ପତି ନେଇଥିଲେ। ଏହି ବୈଠକରେ ବଲାଣି ଖଣିରେ କାର୍ଯ୍ୟରତ ଶ୍ରମିକ ସଂଗଠନ ଏଆଇଟିୟୁସି, ବିଏମ ଏସ୍, ସିଆଇଟିୟୁ, ରିକ୍ସ,ଏଚ ଏମ୍ ଏସ୍, ଆଇ ଏନ ଟି ୟୁ ସି, ଜି ଏମ୍ ଏମ୍ ପ୍ରମୁଖ ଶ୍ରମିକ ସଙ୍ଗଠନ ଏକତ୍ରିତ ହୋଇଛନ୍ତି । ବଲାଣି ଖଣି କର୍ତ୍ତୃପକ୍ଷ ଖଣିର ଶ୍ରମିକ ସଙ୍ଗଠନ ମାନଙ୍କୁ ଅବହେଳା ଓ ଅସମ୍ମାନ କରି ଶ୍ରମିକଙ୍କ ଉପରେ ମନମାନି କରି ଶ୍ରମିକ ବିରୋଧୀ ବ୍ୟବସ୍ଥା ଲାଗୁ କରିବାକୁ ପଦକ୍ଷେପ ଗ୍ରହଣ କରୁଛି ବୋଲି ଅଭିଯୋଗ କରିଛନ୍ତି । ତେବେ ଶ୍ରମିକ ବିରୋଧୀ କୌଣସି ବ୍ୟବସ୍ଥା କୁ ଲାଗୁ କରାନଯିବାକୁ ରଣ ହୁଙ୍କାର ଦେଇଛନ୍ତି ସଂଯୁକ୍ତ ଶ୍ରମିକ ସଙ୍ଗଠନ । ସମସ୍ତ ଶ୍ରମିକ ସଙ୍ଗଠନ ର ଶୀର୍ଷ ନେତୃବୃନ୍ଦଙ୍କ ହସ୍ତାକ୍ଷର ସମ୍ବଳିତ ଏକ ପତ୍ର ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକଙ୍କୁ ଦିଆଯିବା ସହିତ ଜାତୀୟ ଇସ୍ପାତ ସଂଯୁକ୍ତ କମିଟି(ଏନ ଜେ ସି ଏସ୍) ରେ ଲମ୍ବିତ ପଡିଥିବା ସେଲ୍ କର୍ମଚାରୀଙ୍କ ବିଭିନ୍ନ ଦାବି ସହିତ ସ୍ଥାନୀୟ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ସେଲ୍ କର୍ତ୍ତୃପକ୍ଷଙ୍କ କୌଣସି ନୀତିଗତ ପଦକ୍ଷେପ କୁ ଗ୍ରହଣ କରାଯିବନି ବୋଲି କଡା ଚେତାବନୀ ଦିଆଯାଇଛି ।

# ନୋସି ଉତ୍କଳାରେ ଶାସ୍ତ୍ରୀୟ ବାଦ୍ୟର ଆସର ସହ ସମ୍ବର୍ଦ୍ଧନା ପର୍ବ




ବାଲେଶ୍ୱର, ୧୩/୫ (ନି.ପ୍ର): ନୋସି ଉତ୍କଳା ରେ ସପ୍ତାହନ୍ତ ସାଂସ୍କୃତିକ ସନ୍ଧ୍ୟାକୁ ପୁନଃ ପ୍ରଚଳନ ଅାଭିମୁଖ୍ୟ ରଖି ନୋସି କଲଚ୍ୟୁରାଲ ଏକାଡେମି ତରଫରୁ ଷଷ୍ଠ ଅର୍ଘରେ ଶାସ୍ତ୍ରୀୟ ବାଦ୍ୟର ବାଦନ ସହ କଳାକାର ମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଛି । ଉକ୍ତ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ କଲିକତା ଏଲଏନଟି ର ରିଜିଓନାଲ ମ୍ୟାନେଜର ଅନିରୁଦ୍ଧ ବ୍ରହ୍ମଚାରୀ ଯୋଗ ଦେଇ ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମ କୁ ଉଦଘାଟନ କରିବା ସହ କଳାକାର ମାନଙ୍କୁ ସମ୍ବର୍ଦ୍ଧନା କରି ନୋସିର ଅଭିନବ ଓ ପ୍ରେରଣାଦାୟୀ କାର୍ଯ୍ୟକ୍ରମ କୁ ଭୂୟସୀ ପ୍ରଶଂସା କରିଥିଲେ। ଶିଳ୍ପୀ କେଶୁଦାସ ସମ୍ବର୍ଦ୍ଧନା ପର୍ବକୁ ପରିଚାଳନା କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ନୋସି ର ଉପସଭାପତି ସୁବ୍ରତ ନାୟକ ଯୋଗ ଦେଇଥିଲେ । ସନ୍ତୁର ବାଦକ ତପନ କୁମାର ବିଦ, ବେହେଲା ବାଦକ ବରଦାକାନ୍ତ ବାରିକ, ବଂଶୀ ବାଦକ ସଂଗ୍ରାମ ଗିରି ଓ ଓମ୍ ପ୍ରକାଶ ଗିରି, ତବଲା ବାଦକ ନନ୍ଦ କିଶୋର ଦାସ, ଅଜିତାନନ୍ଦ ଦେବ ଗୋସ୍ୱାମୀ, ଅଜୟ କୁମାର ବାରିକ , ମାଉଥ ଅର୍ଗାନ ବାଦକ ଡ଼ ରଜନୀକାନ୍ତ ନାୟକ ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧନା କରାଯାଇ ବେଳେ ସେମାନେ ଶାସ୍ତ୍ରୀୟ ବାଦ୍ୟର ମୂର୍ଚ୍ଛନାରେ ଦର୍ଶକଙ୍କ ମନମୋହି ଥିଲେ । ଏଥିସହ ସ୍ଥାନୀୟ ଶିଶୁ କଳାକାର ଦୂର୍ଗେଶ୍ୱରୀ ସିଂ, ଅନୁରାଧା ଦତ୍ତ ପ୍ରମୁଖ ନୃତ୍ୟ ପରିବେଷଣ କରି ଦର୍ଶକ ଙ୍କୁ ଆକର୍ଷିତ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଏମସି ସତ୍ୟମ୍ ଓ ରୁଦ୍ର ପ୍ରସାଦ ବଳ ସହ ନୋସି ର କର୍ମକର୍ତ୍ତା ପ୍ରଶାନ୍ତ ବେହେରା, ସୁନାରାମ ସିଂ, ରାଘବ ବିଶ୍ୱାଳ, ଶଶାଙ୍କ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନିର୍ବାଚନୀ ପ୍ରଚାରକୁ ଜୋରଦାର୍ କଲା କଂଗ୍ରେସ

ସମ୍ବଲପୁର, ୧୩/୫ (ନି.ପ୍ର): ସୋମବାର ପ୍ରତ୍ୟୁଷରୁ ସମ୍ବଲପୁର ସଦର ଅଂଚଳରେ କଂଗ୍ରେସ ସାଂସଦ ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନ ଏବଂ ସମ୍ବଲପୁର ସଦର ବିଧାୟକ ପ୍ରାର୍ଥୀ ଦୁର୍ଗା ପାଢ଼ୀ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି । ସଦର ଅଂଚଳର ସୋନାପାଲି ଓ ମୋତିଝିରା ଅଂଚଳରେ ଶହ ଶହ ସଂଖ୍ୟାରେ କଂଗ୍ରେସ କର୍ମୀ ଓ ସମର୍ଥକମାନେ ପ୍ରତ୍ୟେକ ମତଦାତାଙ୍କ ଘରକୁ ଘର ବୁଲି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ଓ ଅର୍ଥ ହଡପ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରହସନାତ୍ମକ ଯୋଜନା କରି ଚଳାଇଥିବା ଶୋଷଣରାଜ୍ ସମ୍ପର୍କରେ ମତଦାତା ମାନଙ୍କୁ ସଚେତନ କରାଇଥିଲେ । ଦୀର୍ଘ ବର୍ଷ ଧରି କେନ୍ଦ୍ର ଓ ରାଜ୍ୟ ଶାସନ କଳରୁ ଦୂରରେ ରହି ଆସିଥିବା କଂଗ୍ରେସର ଏଭଳି ମାରାଥନ୍ ପ୍ରଚାରରେ ସ୍ୱତଃ ପ୍ରବୃତ ଭାବେ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ସହ ସମର୍ଥକଙ୍କ ଭିଡ଼ ବେଶ୍ ପ୍ରଭାବ ପକାଇଥିବା ଦେଖାଯାଇଛି । ଏହି ଅବସରରେ କର୍ମୀ ଓ ସମର୍ଥକମାନଙ୍କୁ ନେଇ ଆୟୋଜିତ ସଂକଳ୍ପ ସଭାରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା ।
ସେହିପରି ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାମ୍ପରକେଲା ପଂଚାୟତର ବିଭିନ୍ନ ଗ୍ରାମ ଗୁଡିକରେ କଂଗ୍ରେସ ସାଂସଦ ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନ ଏବଂ ରେଙ୍ଗାଲି ବିଧାୟକ ପ୍ରାର୍ଥୀ ଇଂ. ଦିଲୀପ କୁମାର ଦୁରିଆଙ୍କ ସହ ମାରାଥନ୍ ପ୍ରଚାର କରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରୀବଙ୍କ ପାଇଁ କାନ୍ଦୁଥିବା କୁମ୍ଭୀର କାନ୍ଦଣାର ଅସଲ ଚରିତ୍ର ଉଭୟ କଂଗ୍ରେସ ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀ ଅବତାରଣା କରିଥିଲେ । ପରେ ପରେ ସମାଜରେ ନିଶ୍ଚିତ ପରିବର୍ତ୍ତନର ଆବଶ୍ୟକତାକୁ ପ୍ରତ୍ୟେକ ମତଦାତା ହୃଦୟଙ୍ଗମ କରି ରାଜ୍ୟ ଓ କେନ୍ଦ୍ରରେ ସ୍ଥିର ସରକାର ପାଇଁ ହାତ ଚିହ୍ନରେ ଭୋଟ ଦେଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରାଇବା ପାଇଁ ଆହ୍ୱାନ ଦେଇଥିଲେ ।

# ବିଜେପିର ବିଶାଳ ଜନସଭା



ଖୋର୍ଦ୍ଧା, ୧୩/୫ (ନି.ପ୍ର): ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ଠାରେ ଜନସମ୍ପର୍କ କରି ସମସ୍ତଙ୍କର ସ୍ନେହ ଶ୍ରଦ୍ଧା ଏବଂ ଆଶୀର୍ବାଦ କାମନା କଲେ ଭୁବନେଶ୍ୱର ବି .ଜେ. ପି. ସାଂସଦ ପ୍ରାର୍ଥୀ, ଅପରାଜିତା ଷଡ଼ଙ୍ଗୀ, ପ୍ରଶାନ୍ତ ଜଗଦେବ, ବିଧାୟକ ପ୍ରାର୍ଥୀ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ,ଓ ବାସନ୍ତି ମହାପାତ୍ର, ନଗତ ବିଜେଡ଼ି ଛାଡ଼ି ବିଜେପି ମିଶିଛନ୍ତି ଓ ତାଙ୍କର ସମସ୍ତ ସମର୍ଥକ । ଟାଙ୍ଗୀ ବ୍ଲକ ର ବିଜେଡ଼ିର ଶତାଧିକ ବରିଷ୍ଠ ଓ ଛାମୁଆ କର୍ମୀ ବିକଶିତ ଖୋରଧା ଗଠନ କରିବା ପାଇଁ ଆଜି ବିଧିବଧ ଭାବରେ ଭାରତୀୟ ଜନତା ପାର୍ଟିରେ ଯୋଗଦେଲେ। ଏହି ଅବସରରେ ବହୁ ସଂଖ୍ୟାରେ ଯୁବ, ଛାତ୍ର, ମହିଳା ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସମସ୍ତ ଟାଙ୍ଗି ବ୍ଲକ ଜନସାଧାରଣ ସରକାର ପରିବର୍ତ୍ତନ ପାଇଁ ଚାହାଁନ୍ତି। କାରଣ ବହୁ ଦିନ ଗୋଟିଏ ସରକାର ରହିଲେ ମନଇଛା ଶାସନ ଚାଲୁଛି। ବାହାର ରାଜ୍ୟରୁ ଚାକିରି ପାଇଁ ଆସି ଓଡ଼ିଶା ଶାସନ କରିବା, ଓଡିଆଙ୍କୁ ଲଜ୍ଜିତ ଓ ଅପମାନ ଲାଗୁଛି ବୋଲି ଉପସ୍ଥିତ ସଚେତନ ନାଗରିକ ଓ ବିଜେପି ତୁଙ୍ଗ ନେତା ତାଙ୍କ ବକ୍ତବ୍ୟ ରଖିଥିଲେ। ଆମ ଦେଶ ପ୍ରଧାନ ମନ୍ତ୍ରୀ ମାନ୍ୟବର ମୋଦୀ ଓଡ଼ିଶା ବିକଶିତ କରିବାକୁ ଓଡ଼ିଶାକୁ ବାରମ୍ବାର ଆସି ସଚେତନା ଦେଉଛନ୍ତି ବୋଲି ଅପରାଜିତା ଷଡ଼ଙ୍ଗୀ ଉପସ୍ଥିତ ଜନତାଙ୍କୁ ଶୁଣାଇ ଥିଲେ। ବିଜେପି ଶାସନକୁ ଆସିଲେ ସବୁ ବର୍ଗର ଲୋକମାନେ ସୁବିଧା ପାଇବେ। ବିଜେପିକୁ ଭୋଟ ଦେଇ ଦେଶ ଓ ଓଡ଼ିଶା ବଞ୍ଚାନ୍ତୁ ବୋଲି ଆହ୍ୱାନ ଦେଇ ଥିଲେ। ଓଡ଼ିଶାରେ ବିଜେବି ସରକାରକୁ ୨୦୨୪ ନିର୍ବାଚନରେ ଆସିବ ବୋଲି ଘୋଷଣା କରିଥିଲେ। ଟାଙ୍ଗୀ ବ୍ଲକର ସଚେତନ ନାଗରିକ ଓ ତୁଙ୍ଗ ନେତା ନେତ୍ରୀ ପ୍ରଶାନ୍ତ ଜଗଦେବ ଓ ବାସନ୍ତି ମହାପାତ୍ର ଆଦି ବୁଦ୍ଧି ଯିବି ବହୁ ସଂଖ୍ୟାରେ ଜୋଗ ଦେଇ ଥିଲେ ବୋଲି ଶୁଣଯାଏ।

# ପୁରୀରେ ତ୍ରିକୋଣୀୟ ଲଢେଇ: ଭାଷଣବାଜି ଓ ପ୍ରକୃତ କାମକୁ ପରଖୁଛନ୍ତି ଭୋଟର

ପୁରୀ, ୧୩/୫ (ନି.ପ୍ର): ମଇ ୨୫ରେ ପୁରୀ ସଦର ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ ଗ୍ରହଣ କରାଯିବ । ବିଶ୍ୱ ଐତିହ୍ୟ ସହର ପୁରୀ ନିର୍ବାଚନ ସମୟରେ ବେଶ୍ ଚର୍ଚ୍ଚାରେ ରହିଛି । ଦୀର୍ଘ ୪୦ ବର୍ଷ ଧରି ପୁରୀ ସଦର ଆସନକୁ କବଜାରେ ରଖିଥିବା ହେଭି ୱେଟ ନେତା ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପରେ ତାଙ୍କ ପୁଅ ସୁନିଲ ମହାନ୍ତି ସେହି ଧାରାକୁ ବଜାୟ ରଖିବା ପାଇଁ ପ୍ରାର୍ଥୀ ହୋଇଛନ୍ତି । ଉଚ୍ଚ ଶିକ୍ଷିତ ଓ ନମ୍ର ପ୍ରକୃତି ଯୋଗୁଁ ଅନେକ ଗ୍ରାମରେ ଭୋଟର ତାଙ୍କୁ ପସନ୍ଦ କରୁଥିବା କହିଛନ୍ତି । ପିଲାଟି ଦିନରୁ ତାଙ୍କ ଘରେ ରାଜନୈତିକ ଗୋଟି ଚାଳନା ଶୁଣି ଶୁଣି ଓ ଦେଖି ଦେଖି ସେ ବେଶ୍ ପାରଙ୍ଗମ ହୋଇଛନ୍ତି । ଗତ ନିର୍ବାଚନରେ ମହେଶ୍ୱରଙ୍କ ପାଖ ଲୋକ ତାଙ୍କୁ ଛଳନା କରି ହରାଇଥିବା ବେଳେ ଏବେ କିଛି ଅସନ୍ତୁଷ୍ଟ ନେତା ମିଛି ମିଛିକା ଫଟୋ ଉଠାଇ ସମ୍ମିଳନୀ କରି ବାହାରକୁ ଦେଖାଇ ହେଉଥିଲେ ମଧ ତାଙ୍କ ସମର୍ଥକଙ୍କୁ ପ୍ରଭାବିତ କରିବା ପାଇଁ କୌଣସି ଲକ୍ଷଣ ଦେଖାଉ ନଥିବା ଆଲୋଚନା ହେଉଛି । ଅନ୍ୟପକ୍ଷରେ ଦୀର୍ଘ ବର୍ଷ ଧରି ରାଜନୈତିକ ଭୋଟ ଲଢେଇରେ ଅଭିଜ୍ଞ ନେତା ଉମାବଲ୍ଲବ ରଥ ଏବେ ଭିନ୍ନ ରୂପରେ ମଇଦାନରେ ଅବତୀର୍ଣ୍ଣ ହୋଇ ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି । ତାଙ୍କର କିଛି ଭୋଟ ଫିକ୍ସ ଥିବାରୁ ସେଥିପ୍ରତି ଲକ୍ଷ୍ୟ ରଖି କେତେକ କୁଚକ୍ରୀ ଗୋଷ୍ଠୀ ତାଙ୍କୁ ଆକ୍ରମଣ କରିଥିବା କୁହାଯାଇଛି । ଲଢୁଆ ନେତା ଭାବେ କାହାକୁ ଖାତିର ନକରି ଆକ୍ରମଣର ପରଦିନ ଶଗଡ଼ ବଳଦ ଶୋଭାଯାତ୍ରା କରି ସେ ବେଶ୍ ଦମ୍ ଦେଖାଇଛନ୍ତି । ଯଦି ନିଲୁ ଓ ସୁନିଲଙ୍କ ମଧ୍ୟରେ ଶେଷ ପର୍ଯ୍ୟାୟରେ ଲଢେଇ ଯୋରଦାର ହୁଏ ତେବେ ଶ୍ରୀରଥ ନିର୍ଣ୍ଣୟକ ଭୂମିକାରେ ରହିବେ ବୋଲି ରାଜନୈତିକ ସମୀକ୍ଷକ ମାନେ ସହରରେ ଆଲୋଚନା କରୁଛନ୍ତି । ଅନ୍ୟପକ୍ଷରେ ହେଭି ୱେଟ ନେତା ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କୁ ଗତ ନିର୍ବାଚନରେ ପରାସ୍ତ କରି ଜୟନ୍ତ ଷଡ଼ଙ୍ଗୀ ରାଜ୍ୟରେ ନାଁ କରିଥିଲେ । ଯେଉଁ ଆଶା ଭରସା ନେଇ ଭୋଟର ତାଙ୍କୁ ବାଛିଥିଲେ । ସେହି ଆଶା ପୂରଣ ହୋଇପାରିନାହିଁ ବୋଲି ଏବେ ଭୋଟର କହୁଛନ୍ତି । ସବୁ ଦେବି ସବୁ କରିବି ସବୁ ଆଶା ପୂରଣ ହେବ ବୋଲି ଏବେ ପ୍ରଚାର କରୁଥିବା ବେଳେ ଭୋଟର ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଲା ପରି ପରଖି ସାରିଲେଣି ବୋଲି ଚନ୍ଦନ ଚକଡ଼ାରେ ଚର୍ଚ୍ଚା କରୁଛନ୍ତି । ଗତ ନିର୍ବାଚନରେ ଉମା ରଥ ପ୍ରାର୍ଥୀ ହୋଇନଥିବା ଓ କଂଗ୍ରେସ ପ୍ରାର୍ଥୀ ଅଜଣା ଭାବେ ଉଭା ହୋଇ ସେତେ ଭୋଟ ଭିଡ଼ି ପାରିନଥିବାରୁ ସମସ୍ତ ବିରୋଧି ଭୋଟ ନିଲୁଙ୍କ ସପକ୍ଷରେ ଯାଇଥିଲା । ଏଥର ପରିସ୍ଥିତି ଅଲଗା ରହିଛି । ରାଜନୈତିକ ମଂଚରେ ଦୁଇ ପୁରୁଣା ପ୍ରାର୍ଥୀ ଥିବାବେଳେ ଜଣେ ନୂଆ ପ୍ରାର୍ଥୀ ରହିଛନ୍ତି । ବିଗତ ଦିନରେ ଜଣେ ପ୍ରାର୍ଥୀ ଭୋଟରଙ୍କୁ ଦେଖା ହୋଇନପାରି ଶୋଇପଡୁଥିବା ଅଭିଯୋଗ ହେବାରୁ ସେ ଆଉ ୫ ଥର ପର୍ଯ୍ୟନ୍ତ ଭୋଟରଙ୍କ ପ୍ରିୟ ପାତ୍ର ହୋଇପାରି ନଥିଲେ । ଏବେ ସେହି ଅବସ୍ଥା ଜଣକର ହେବ ବୋଲି ବଡ଼ଦାଣ୍ଡରେ ଆଲୋଚନା ହେଉଛି । ଲୋକଙ୍କ ସୁଖ ଦୁଃଖରେ ଗାଁ ଉନ୍ନତିରେ ଗାଁର ସମସ୍ୟା ସମାଧାନ କରିବାରେ ସହଭାଗିତା ନଥିବାରୁ ସଦର ଅଂଚଳରେ ଏହାର ପ୍ରତିକ୍ରିୟା ଦେଖିବାକୁ ମିଳିଛି । ମହେଶ୍ୱରଙ୍କ କାର୍ଯ୍ୟକଳାପ ଓ ଭୋଟରଙ୍କୁ ବାନ୍ଧି ରଖିବାର କଳା ଯୋଗୁଁ ଏବେ ଗାଁ ଗାଁରେ ଲୋକେ ତାଙ୍କୁ ଝୁରୁଛନ୍ତି । ଚଳିତ ଥର ତ୍ରିମୁଖୀ ଲଢେଇରେ କିଏ ଆଗରେ ରହିବ ତାକୁ ନେଇ ବିଭିନ୍ନ ଛକରେ ଚର୍ଚ୍ଚା ଚାଲିଛି । ତେବେ ଆଗାମୀ ଦିନରେ ଭୋଟର କାହା ମଥାରେ ବିଜୟ ତିଳକ ଲଗାଇବେ ତାହା ସମୟ କହିବ ।

# ନାମାଙ୍କନ ଦାଖଲ କଲେ ବିଭିନ୍ନ ଦଳର ହେଭିୱେଟ୍

କେନ୍ଦ୍ରାପଡ଼ା, ୧୩/୫ (ନି.ପ୍ର): ସାଧାରଣ ନିର୍ବାଚନ ୨୦୨୪ ପାଇଁ ନାମାଙ୍କନ ପତ୍ର ଦାଖଲର ଆଜି ସପ୍ତମ ଦିନରେ ବିଜେଡି, ବିଜେପି, କଂଗ୍ରେସ ଦଳର ପ୍ରମୁଖ ପ୍ରାର୍ଥୀ ମାନେ ନାମାଙ୍କନ ପତ୍ର ଦାକଲ କରିଛନ୍ତି । ଆସନ୍ତାକାଲି ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଥିବାବେଳେ ଆଜି ସପ୍ତମ ଦିନରେ ସହର ସାରା ଦଳୀୟ ପ୍ରାର୍ଥୀଙ୍କ ସମର୍ଥକ, କର୍ମୀମାନଙ୍କ ଗହଳି ସହରକୁ ଅଚଳ କରି ଦେଇଥିଲା । ଆଜି ଗୋଟିଏ ଦିନରେ ଆଳି, କେନ୍ଦ୍ରାପଡା, ରାଜନଗର ଓ ପାଟକୁରା ନିର୍ବାଚନ ମଣ୍ଡଳୀର ପ୍ରମୁଖ ପ୍ରାର୍ଥୀଙ୍କ ସମେତ ୧୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଲୋକସଭା କ୍ଷେତ୍ରପାଇଁ ୩ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି । ପ୍ରମୁଖ ପ୍ରାର୍ଥୀ ଭାବେ କଂଗ୍ରେସର ଲୋକସଭା ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କରି ଏକ ବିରାଟ ପଟୁଆରରେ ତିନିମୁହାଣୀ ଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । କର୍ମୀ ମାନଙ୍କ ଜିନ୍ଦାବାଦ ନାରା ଓ ଜୟ ଜୟକାର ଧ୍ୱନୀ ଗହଣରେ ଶ୍ରୀ ଦାସ ନିଜର ପ୍ରସ୍ତାବକ ଓ ସମର୍ଥକଙ୍କ ସହ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାକରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିକଟରେ ୪ ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି । ସେହିଭଳି ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ତଥା ଆଳି କ୍ଷେତ୍ରର ପ୍ରାର୍ଥୀ ପ୍ରତାପ କେଶରୀ ଦେବ ନିଜର ସମର୍ଥକ ମାନଙ୍କ ସହ ଗରାପୁର ଠାରୁ ଏକ ଶୋଭାଯାତ୍ରା ରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସେହିଭଳି କଂଗ୍ରେସ ଡ଼ା ଦେବସ୍ମିତା ଶର୍ମା ଓ ବିଜେପିର କୃଷ୍ଣଚନ୍ଦ୍ର ପଣ୍ଡା ମଧ୍ୟ ଆଳି କ୍ଷେତ୍ର ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି । ସେହିଭଳି ପାଟକୁରା ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ତେଜେଶ୍ୱର ପରିଡା, କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀ, କଂଗ୍ରେସର ସିପ୍ରା ମଲିକ ଓ ବିଏସପି ର ରଞ୍ଜନ କୁମାର ମଲିକ ନାମାଙ୍କନ ଦାଖଲ କରିଛନ୍ତି । ରାଜନଗର ନିର୍ବାଚନ ମଣ୍ଡଳୀ ପାଇଁ ବିଜେପିର ଲଳିତ କୁମାର ବେହେରା, କଂଗ୍ରେସ ଅଶୋକ କୁମାର ପଡିହାରୀ, ସ୍ୱାଧିନ ପ୍ରାର୍ଥୀ ଭାବେ ଜୀବନକୃଷ୍ଣ ରାଉୟ ଓ ମହେନ୍ଦ୍ର ବାଇ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ମହାକାଳପଡା ନିର୍ବାଚନ ମଣ୍ଡଳୀରୁ ଆପ ପ୍ରାର୍ଥୀ ଭାବେ ଦେବାଶିଷ ଦାସ ଓ ମଜଦୁର ବିକାଶ ଦଳର ପ୍ରସନ୍ନ ରାଉତ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ କେନ୍ଦ୍ରାପଡା ଲୋକସବା କ୍ଷେତ୍ର ପାଇଁ ବହୁଜନ ସମାଜ ପାର୍ଟିର ସେକ ସାଦିକ ହୁସେନ ଓ ସ୍ୱାଧିନ ପ୍ରାର୍ଥୀ ଭାବେ ସୁପ୍ରଭା ଦାସ ମନୋନୟନ ପତ୍ର ଦାଖଲ କରିଥିବା ଜଣାପଡିଛି ।

# ଧାଡିରେ ଛିଡା ହୋଇ ସାଧାରଣ ଭୋଟରଙ୍କ ପରି ମତଦାନ କଲେ ଜିଲ୍ଲାପାଳ

ମାଲକାନଗିରି, ୧୩/୫ (ନି.ପ୍ର): ଆଜି ମାଲକାନଗିରି ଜିଲ୍ଲାରେ ଭୋଟ ଗ୍ରହଣ କରାଯାଉଛି । ମାଲକାନଗିରି ଜିଲ୍ଲାରେ ମୋଟ ୪ ଲକ୍ଷ ୫୨ ହଜାର ୫୪୪ ଭୋଟର ରହିଛନ୍ତି । ମତଦାନ ଲାଗି ଜିଲ୍ଲାରେ ମୋଟ ୫୪୭ଟି ପୋଲିଙ୍ଗ ବୁଥ୍ କରାଯାଇଛି ଯାହା ମଧ୍ୟରେ ୧୧୪ଟି ମାଓ ପ୍ରବଣ ଅଂଚଳର ଅତି ସମ୍ବେଦନଶୀଳ ବୁଥ୍ ରହିଛି । ୩୦ଟି ସଖୀ ବୁଥ୍ ରହିଛି ଯାହା ସଂପୂର୍ଣ୍ଣ ଭାବେ ମହିଳା ମାନଙ୍କ ଦ୍ୱାରା ପରିଚାଳିତ ହେବ । ଭିନ୍ନକ୍ଷମଙ୍କ ଲାଗି ୨ଟି ବୁଥ୍ ରହିଥିବା ବେଳେ ୧୦ଟି ଯୁବ ବୁଥ୍ ରହିଛି । ମାଲକାନଗିରି ଜିଲ୍ଲାରେ ଭିଷଣ ଖରା ହେଉଥିବା ଯୋଗୁଁ ଭୋଟର ମାନଙ୍କୁ ଯଥା ସମ୍ଭବ ପୂର୍ବାହ୍ନ ସମୟରେ ମତଦାନ କେନ୍ଦ୍ରକୁ ଆସିବା ଲାଗି ଜିଲ୍ଲା ପ୍ରଶାସନ ଅନୁରୋଧ କରିଛି । ମାଲକାନଗିରି ଜିଲ୍ଲାରେ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ । ଆଜି ମାଲକାନଗିରି ଜିଲ୍ଲାପାଳ ସଚିନ ପାୱାର ନିଜ ମତ ସାବ୍ୟସ୍ତ କରିବାକୁ କୁମୁଟିଗୁଡା ସ୍କୁଲରେ ନିର୍ମିତ ହୋଇଥିବା ୬୬ ନମ୍ବର ବୁଥରେ ଲାଇନରେ ଛିଡାହୋଇ ମତଦାନ କରିଥିବା ଦେଖିବାକୁ ମିଳିଛି । କାଲିମେଳା ବ୍ଲକ କଲୋନୀ ସ୍କୁଲରେ ମାଲକାନଗିରି ବିଧାନସଭା କଂଗ୍ରେସ ବିଧାୟକ ପ୍ରାର୍ଥୀ ମାଲା ମାଢି ଧାଡିରେ ଛିଡା ହୋଇ ଭୋଟ ଦେଇଥିଲେ । ଭୋଟ ଦେବା ପାଇଁ ସକାଳ ୬ଟାରୁ କାଲିମେଳାର କିଛି ମତଦାନ କେନ୍ଦ୍ର ରେ ଭୋଟରଙ୍କ ଭିଡ଼ ଲାଗିଥିଲା । ସକାଳୁ ଜିଲ୍ଲାର କିଛି ସ୍ଥାନରେ ଇଭିମ ତ୍ରୁଟି ଯୋଗୁଁ ବିଳମ୍ବରେ ଭୋଟ ଗ୍ରହଣ ହୋଇଥିବା ଜଣାପଡିଛି । ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚିତ୍ରକୋଣ୍ଡା ଓ ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ୪୦ ପ୍ରତିଶତ ମତଦାନ ହୋଇଛି । ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ସହକାରେ ମତଦାନ ଚାଲିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଚତୁର୍ଥ ପର୍ଯ୍ୟାୟରେ ୯୬ ଲୋକସଭା...

ମାଣ୍ଡିଆ ଜାଉର ବ୍ୟବସ୍ଥା । ଗ୍ରୀଷ୍ମ ପ୍ରବାହକୁ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀଙ୍କ ପକ୍ଷରୁ ଫାଷ୍ଟ ଏଡ୍ ସୁବିଧା ସହ ମାଣ୍ଡିଆ ଜାଉ ବଣ୍ଟନ କରୁଥିଲେ । ତେଣେ ଭୋଟରଙ୍କୁ ଆକର୍ଷିତ କରିବାକୁ ଗଞ୍ଜାମ ଦିଗପହଣ୍ଡିରେ ହୋଇଥିଲା ପରିବେଶ ଉପଯୋଗୀ ସାମିଆନାର ବ୍ୟବସ୍ଥା । ସେହିଭଳି ନବରଙ୍ଗପୁର ଚନ୍ଦାହାଣ୍ଡିର ଇକୋ ଫ୍ରେଣ୍ଡଲି ବୁଥର ଦୃଶ୍ୟ ଥିଲା ଦେଖିବା ଭଳି । ସବୁଜ ତାଳପତ୍ରରେ ସଜ୍ଜିତ ବୁଥ୍ ଭୋଟରଙ୍କୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେଉଥିଲା । ସେପଟେ ଭବାନୀପଟଣାରେ ମହିଳାଙ୍କ ଲାଗି ସଖୀ ମତଦାନ କେନ୍ଦ୍ର ସାଙ୍ଗକୁ ସ୍ଥାନୀୟ ଇରିଗେସନ୍ କଲୋନୀରେ ହୋଇଥିବା ସେଲଫି ପଏଣ୍ଟ ବି ଭୋଟରଙ୍କ ପାଇଁ ଆକର୍ଷଣ ସାଜୁଥିଲା । ମାଓ ସୁରକ୍ଷା ଦୃଷ୍ଟିରୁ ଗତକାଲି ନୂଆପଡ଼ା ସୁନାବେଡ଼ାକୁ ବାୟୁସେନା ହେଲିକପଟରରେ ଯାଇଥିଲେ ପୋଲିଂ ପାର୍ଟି । ଆଜି ମତଦାନ ପ୍ରକ୍ରିୟା ସାରିବା ପରେ ପୋଲିଂ ପାର୍ଟି, ପୁଣି ହେଲିକପଟର ଯୋଗେ ଫେରିଥିଲେ । ୧୦ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଲୋକସଭା ଆସନରେ ଚାଲିଛି ଭୋଟ୍ ଗ୍ରହଣ । ମୈଦାନରେ ଅଛନ୍ତି ୧୭୧୭ ଜଣ ସାଂସଦ ପ୍ରାର୍ଥୀ । ସମସ୍ତଙ୍କର ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି ୧୭ କୋଟି ୭୦ ଲକ୍ଷ ଭୋଟର । ଏଥିପାଇଁ ୧ ଲକ୍ଷ ୯୨ ହଜାର ମତଦାନ କେନ୍ଦ୍ରର ବ୍ୟବସ୍ଥା ହୋଇଛି । ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୮.୯୭ କୋଟି ପୁରୁଷ ଏବଂ ୮.୭୩ କୋଟି ମହିଳା ରହିଛନ୍ତି । ସେହିପରି ନିର୍ବାଚନରେ ନିୟୋଜିତ ରହିଛନ୍ତି ୧୯ଲକ୍ଷ ପୋଲିଂ ଅଧିକାରୀ । ଆନ୍ଧ୍ରପ୍ରଦେଶର ୨୫ଟି ଆସନ, ତେଲେଙ୍ଗାନାର ୧୭, ଉତ୍ତରପ୍ରଦେଶର ୧୩, ମହାରାଷ୍ଟ୍ରର ୧୧ ଏବଂ ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶର ୮ଟି ଲେଖାଏଁ ସଂସଦୀୟ କ୍ଷେତ୍ରରେ ହେଉଛି ଭୋଟ ଗ୍ରହଣ । ଏଥିସହ ବିହାରର ୫, ଝାଡ଼ଖଣ୍ଡର ୪, ଓଡ଼ିଶାର ୪ ଏବଂ ଜାମ୍ମୁ କାଶ୍ମୀରର ଗୋଟିଏ ଆସନରେ ମତଦାନ କରୁଛନ୍ତି ଜନତା ।

### କ୍ୟାମେରାରେ ଧରାପଡ଼ିଲେ....

ଦିଆଯାଇଥିବା ସେ କହିଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ବିଶେଷ କିଛି କହି ନଥିଲେ ମଧ ସୂଚନା ଅନୁଯାୟୀ ଛତ୍ରପୁରର ୨୭ ଓ ୧୬୩ ନମ୍ବର ବୁଥ୍‌ର ପ୍ରିଜାଇଡିଂ ଅଫିସରମାନେ ମତଦାତାଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରାଯାଇଥିଲା । କୌଣସି ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟ୍ ଦେବାକୁ ସେମାନେ ଭୋଟରଙ୍କୁ କହୁଥିବା ୱେବ୍ କାଷ୍ଟିଂ ଜରିଆରେ ଦେଖିବାକୁ ମିଳିଥିବା କୁହାଯାଉଛି । ଏହା ପୂର୍ବରୁ ଗଞ୍ଜାମର ଚିକିଟିର ୭୪ ନମ୍ବର ବୁଥ୍‌ର ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ । ତା'ସହିତ କଳାହାଣ୍ଡି ଜିଲ୍ଲା ନର୍ଲାର ଏକ ବୁଥରେ ନିୟୋଜିତ ଜଣେ ପୋଲିଂ ଅଧିକାରୀଙ୍କୁ ମଧ ସସପେଣ୍ଡ୍ କରିବାକୁ ଦିଆଯାଇଥିଲା ନିର୍ଦ୍ଦେଶ । ଅନ୍ୟପକ୍ଷରେ ଆଜି ଦିନ ୩ଟା ସୁଦ୍ଧା ୫୨.୯୧% ମତଦାନ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଫିସ ସୂତ୍ରରୁ ସୂଚନା ମିଳିଛି । ଆଜି ବ୍ରହ୍ମପୁର, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ଲୋକସଭା ଆସନ ଏବଂ ଏହି ଲୋକସଭା ଆସନ ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଉଛି ।

### ବର୍ଜନ କଲେ: ପଡ଼ିଲାନି ....

ନଦୀ ଉପରେ ପୋଲ ତିଆରି ହେଉନଥିବାରୁ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଦେବଷଣ୍ଢଗୁଡ଼ା ଗାଁ ଲୋକେ ବି ଭୋଟ ବର୍ଜନ କରିଛନ୍ତି ।... ସେହିପରି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସିର୍ଲିଗୁଡ଼ାରେ ବୁଥ୍ ନକରି ୩ କିଲୋମିଟର ଦୂରରେ କରିବାରୁ, ଭୋଟ୍ ଦେବାକୁ ଯାଇନାହାନ୍ତି ୩ ଶହରୁ ଅଧିକ ଭୋଟର । ସୂଚନାଯୋଗ୍ୟ, ରାଜ୍ୟରେ ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବ୍ରହ୍ମପୁର, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ଲୋକସଭା ଆସନ ଏବଂ ଏହିସବୁ ଆସନ ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଇଛି ।

### ଭୋଟ୍ ଲଢ଼େଇ ...

କିଛି ସ୍ଥାନରେ ହିଂସାକାଣ୍ଡ ଦେଖିବାକୁ ମିଳିଛି । ଗଞ୍ଜାମର ଚିକିଟି, ବ୍ରହ୍ମପୁର ଓ ଗୋପାଳପୁର ଏବଂ ନବରଙ୍ଗପୁରର ଝରିଗାଁର ବିଭିନ୍ନ ବୁଥରେ ମୁହାଁମୁହିଁ ହୋଇ ଏବଂ ହାତାହାତି ହୋଇଛନ୍ତି ବିଜେଡି ଓ ବିଜେପି କର୍ମୀ । ଏଥିରେ କିଛି ଜଣ ଆହତ ହୋଇଥିବା ବେଳେ, ସ୍ଥିତି ନିୟନ୍ତ୍ରଣ ପାଇଁ କିଛି ସ୍ଥାନରେ ପୁଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡ଼ିଛି । ଗଞ୍ଜାମ ଜିଲ୍ଲାର ଚିକିଟି କଳାବାଡ଼ ପଞ୍ଚାୟତର ୧୪୬ ନମ୍ବର ବୁଥରେ ସକାଳୁ ସକାଳୁ ଉତ୍ତେଜନା ଦେଖା ଦେଇଥିଲା । ବିଜେପି ଏଜେଣ୍ଟଙ୍କୁ ବୁଥ୍ ?ରେ ପୂରାଇ ନଦେବା ଅଭିଯୋଗରେ ଉପୁଜିଥିଲା ଗଣ୍ଡଗୋଳ । ପରେ ତଦନ୍ତ ପାଇଁ ସେଠାରେ ପହଞ୍ଚିଥିଲେ ନିର୍ବାଚନ ଅଧିକାରୀଙ୍କ ସ୍ୱତନ୍ତ୍ର ଟିମ୍ । ପାତ୍ରପୁର ବ୍ଲକ ପଦାଦିଗି ଓ କନିରିଡ଼ାରେ ବିଜେପି ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଥିଲେ । କେ.ନୂଆଗାଁର ୫୪ ନମ୍ବର ବୁଥରେ ନିର୍ଦ୍ଦିଷ୍ଟ ଦଳ ପାଇଁ ଭୋଟରଙ୍କୁ ପ୍ରଭାବିତ କରିବା ଅଭିଯୋଗରେ ପୁଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ବିଜେଡିର ୨ କର୍ମୀଙ୍କ ଉପରେ ଆକ୍ରମଣ ହୋଇଥିବା ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ କରିଛି ଦଳ । ବିଜେପିର ଚିକିଟି ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟ ଏହି ହିଂସାକାଣ୍ଡ ଘଟାଇଥିବା ବିଜେଡି ଅଭିଯୋଗ କରିଥିବା ବେଳେ ଏହାକୁ ମିଛ ବୋଲି କହିଛନ୍ତି ମନୋରଞ୍ଜନ । ଏଥିସହ ୧୩ରୁ ୧୪ଟି ବୁଥରେ ବିଜେପି ଏଜେଣ୍ଟଙ୍କୁ ବିଜେଡି କର୍ମୀ ପିଟିଥିଲେ ବି ସେମାନଙ୍କ ବିରୋଧରେ କୌଣସି ଆକ୍ସନ ହେଉନି ବୋଲି ସେ ଅଭିଯୋଗ କରିଛନ୍ତି । ବ୍ରହ୍ମପୁରର ବିଜୁ ପଟ୍ଟନାୟକ ପାର୍କ ସମ୍ମୁଖ ୮୦ ନମ୍ବର ବୁଥରେ ବିଜେପି ଏଜେଣ୍ଟଙ୍କୁ ଆକ୍ରମଣ ପରେ ମୁହାଁମୁହିଁ ହୋଇଥିଲେ ବିଜେଡି ଓ ବିଜେପି କର୍ମୀ ।

### ବିଜେଡିର ଟଙ୍କା ବାଂଟିବା...

ଭୋଟ୍ କରାଇବା ନିମନ୍ତେ ବିଜେଡି ନେତ୍ରୀ ଅପୂର୍ବାଙ୍କୁ ଦାୟିତ୍ୱ ମିଳିଛି । ଗତକାଲି କଂଟାମାଳ ନିର୍ବାଚନମଣ୍ଡଳୀରେ ହୋଇଥିବା ଯୁବ-ଛାତ୍ର ସମାବେଶରେ ଯୋଗ ଦେଇ ଅପୂର୍ବା ଆଜି ଭୁବନେଶ୍ୱର ଫେରୁଥିବାବେଳେ ପୁରୁଣାକଟକ ଥାନା ଅନ୍ତର୍ଗତ କରଡ଼ାକୋଠାଠାରେ ଚାଲିଥିବା ଚେକିଂରେ ତାଙ୍କ ଗାଡ଼ି ଫସିଯାଇଥିଲା । ଅପୂର୍ବାଙ୍କ ଯେଉଁ ଗାଡ଼ିରୁ ଟଙ୍କା ଜବତ ହୋଇଛି ସେହି ଗାଡ଼ିର ନମ୍ବର 'ଓଡି୦୨ବିଏମ୧୫୧୭' ଓ ଏହି ଗାଡ଼ିଟି ଅରୂପ ଦାଶଙ୍କ ନାଁରେ ରେକର୍ଡଭୁକ୍ତ ହୋଇଛି । ଫ୍ଲାଇଂ ସ୍କ୍ୱାର୍ଡ ଟିମ୍ ପକ୍ଷରୁ ତାଙ୍କ ଗାଡ଼ିକୁ ଯାଂଚ କରି ପ୍ରାୟ ୧୦ରୁ ୧୩ଲକ୍ଷ ଟଙ୍କା ଜବତ କରିଛନ୍ତି । ଏତେ ଟଙ୍କା କେଉଁଠୁ ଆସିଲା ତା'ର ହିସାବ ଓ ସନ୍ତୋଷଜନକ ଉତ୍ତର ଅପୂର୍ବା ଦେବାରେ ସକ୍ଷମ ନହେବାରୁ ତାଙ୍କୁ ଅଟକ ରଖାଯାଇଥିବା କୁହାଯାଉଛି । ତେବେ ଅପୂର୍ବାଙ୍କୁ ଖସାଇବା ପାଇଁ ବିଜେଡିର ଏକ ପ୍ରଭାବଶାଳୀ ଗୋଷ୍ଠୀ ଉଦ୍ୟମ ଆରମ୍ଭ କରିବା ସହ ଥାନାକୁ ଯାଇ କଥାବର୍ତ୍ତା କରୁଥିବା ସୂଚନା ମିଳିଛି । ଅବଶ୍ୟ ଏହି ଟଙ୍କା ଜବତ ନେଇ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇନାହିଁ ।

### ଅନୁଭବ ମହାନ୍ତିଙ୍କ ନାଁରେ....

ସେଥିପାଇଁ ଘଇଡ ଜାରି କରିଛନ୍ତି କୋର୍ଟ । ବର୍ଷା ପ୍ରିୟଦର୍ଶିନୀଙ୍କ ଦ୍ୱାରା ପୁରୀଘାଟ ଥାନାରେ ରୁଜୁ ଏକ ମାମଲାରେ ଅନୁଭବଙ୍କ ନାଁରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଛି । ୨୦୨୦ ମସିହାରେ ଡିସେମ୍ବର ୧୯ ତାରିଖରେ ବର୍ଷା ପ୍ରିୟଦର୍ଶିନୀଙ୍କ ପକ୍ଷରୁ ପୁରୀ ଘାଟ ଥାନାରେ ଏକ ଏତଲା ଦିଆଯାଇଥିଲା । ବର୍ଷା ଏତଲାରେ ଉଲ୍ଲେଖ କରିଥିଲେ ଯେ ଅନୁଭବ ଓ ତାଙ୍କ ଘରେ ରହୁଥିବା ୨ କର୍ମଚାରୀ ଖଗେନ୍ଦ୍ର ଓ ଅଜିତ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଛନ୍ତି । ବିନା ଅନୁମତିରେ ଦୁଇ କର୍ମଚାରୀ ତାଙ୍କ ରୁମ୍ ଭିତରକୁ ପଶି ଆସୁଛନ୍ତି । ରୁମ୍‌ରେ ପଶି ଭିଡିଓ କରୁଛନ୍ତି । ଅନୁଭବଙ୍କ ନିର୍ଦ୍ଦେଶରେ ତାଙ୍କର ଦୁଇ କର୍ମଚାରୀ ଏପରି କରୁଥିଲେ ବୋଲି ସେ ଅଭିଯୋଗ କରିଥିଲେ । ବର୍ଷାଙ୍କ ଏହି ଅଭିଯୋଗ ଆଧାରରେ ପୁରୀ ଘାଟ ଥାନା ପକ୍ଷରୁ ଅନୁଭବଙ୍କ ନାଁରେ ମାମଲା ରୁଜୁ କରାଯାଇଥିଲା । ଏଥିରେ ଅନୁଭବଙ୍କ ନାଁରେ ବିଭିନ୍ନ ସଙ୍ଗୀନ ଦଫା ଲାଗିଥିଲା । କଟକ ଜେଏମଏଫସି (ଗଚ, ଗଖଇ) କୋର୍ଟରେ ଏହି ମାମଲାଟି ବିଚାରଧୀନ ଥିଲା ।

### ବାରାଣସୀରେ ମୋଦି ...

ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା । କିଛି କାର୍ଯ୍ୟକର୍ତ୍ତା ରୋଡ ଶୋ' ବେଳେ ବୈଦିକ ମନ୍ତ୍ର ପାଠ ମଧ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ରୋଡ ଶୋ' ବେଳେ ତାଙ୍କ ସହ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ ରହିଥିଲେ । ଏହି ରୋଡ ଶୋ'ରେ ହଜାର ହଜାର କର୍ମକର୍ତ୍ତା ସାମିଲ ହୋଇ ବିଜେପିର ଶକ୍ତି ପ୍ରଦର୍ଶନ କରିଥିଲେ । ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ମଧ କଡ଼ାକଡ଼ି କରାଯାଇଥିଲା । ରୋଡ ଶୋ' ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଗେଟ ପାଖରୁ ଆରମ୍ଭ ହୋଇ କାଶୀ ବିଶ୍ୱନାଇ ଧାମର ୪ନଂ ଗେଟ ଅର୍ଥାତ ୬ କିମି ଧରି ମୋଦି ରୋଡ ଶୋ' କରିଥିଲେ ।

### ସୋରେନ୍ କହିଲେ- କେଜ୍ରିୱାଲଙ୍କ...

ଉଦାହରଣ ଦେଇଥିଲେ । ହେମନ୍ତ ସୋରେନ୍‌ଙ୍କୁ ମଧ କେଜ୍ରିୱାଲଙ୍କ ଭଳି ଅନ୍ତରୀଣ ଜାମିନ ଦିଆଯାଉ ବୋଲି ଦାବି କରିଥିଲେ । ତେବେ କୋର୍ଟ ଏହାକୁ ପ୍ରତ୍ୟାଖାନ କରିଦେଇଛନ୍ତି । ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତଙ୍କ ବେଞ୍ଚ ଏହି ମାମଲାର ଶୁଣାଣି କରି ନିର୍ବାଚନ ପାଇଁ ହେମନ୍ତ ସୋରେନଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ ଦେବାକୁ ବର୍ତ୍ତମାନ ମନା କରି ଦେଇଛନ୍ତି । ଟଙ୍କା ହେରଫେର ମାମଲାରେ ଗିରଫଦାରୀକୁ ବିରୋଧ କରି ସୋରେନଙ୍କ ତରଫରୁ କରାଯାଇଥିବା ଆବେଦନ ଉପରେ କୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ନୋଟିସ ଜାରି କରିଛନ୍ତି । ମେ' ୧୭ ଭିତରେ ଇଡିକୁ ଏହାର ଜବାବ ଦେବାକୁ କହିଛନ୍ତି । ଆସନ୍ତା ୧୭ରେ ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ମାମଲାର ଶୁଣାଣି କରିବେ ।

### ଗାଁ ଦାଣ୍ଡରେ ଗୋଡ଼ାଇ...

ପରେ ଚୋଟ ମାରିଚାଲିଥିଲେ । ଆଉ କିଛି ସମୟ ମଧ୍ୟରେ ଗଞ୍ଜୁଡ଼ିହି ଗାଁ ଦାଣ୍ଡରେ ଟଳି ପଡ଼ିଥିଲେ ରାଜୁ । ଘଟଣା ସ୍ଥଳରରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଏନେଇ ଖବର ପାଇଁ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଯବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛି । ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ହୋଇଥିବା ପୁଲିସ ଅନୁମାନ କରୁଛି । ତେବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି ।

ମଙ୍ଗଳବାର, ମଇ ୧୪, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ନିଶା ମାଫିଆଙ୍କୁ କଠୋର ଶାସ୍ତି ଓ ଧରପଗଡ଼ ଜୋରଦାର ପାଇଁ 'ମନା'ର ଦାବି




ବାଲେଶ୍ୱର, ୧୩/୫ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର'ର ବୈଠକ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । 'ମନା' ସର୍ବଦା ନିଶା ମାଫିଆଙ୍କ ବିରୋଧରେ ଦୃଢ଼ଦଣ୍ଡାଦେଶ ପାଇଁ ଦାବି କରି ଆସୁଥିଲା । ସଂପ୍ରତି ସମ୍ବାଦପତ୍ରରେ ପ୍ରକାଶିତ ୭ କୋଟିରୁ ଅଧିକ ଟଙ୍କାର ବ୍ରାଉନ ସୁଗାର କାରବାରରେ ଲିପ୍ତ ବାଲେଶ୍ୱରର ନିଶା ମାଫିଆଙ୍କୁ ପ୍ରଥମ କରି ୨୦ବର୍ଷ କାରାଦଣ୍ଡାଦେଶ ଖବରକୁ ବୈଠକରେ ସର୍ବସମ୍ମତ କ୍ରମେ ସ୍ୱାଗତ କରାଯାଇଥିଲା ଏବଂ ଭବିଷ୍ୟତରେ ନିଶା ମାଫିଆଙ୍କ ବିରୋଧରେ ଏହିପରି କଠୋର ଦଣ୍ଡ ଓ ଜୋରଦାର ଧରପଗଡ଼ ପାଇଁ ବୈଠକରେ ଦାବି କରାଯାଇଥିଲା । ବୈଠକ ଆରମ୍ଭରେ ସାଧାରଣ ସଂପାଦିକା ମମତା ମହାପାତ୍ର ଗତ ବୈଠକର ବିବରଣୀ ପାଠ କରିବା ସହ ବାର୍ଷିକ ସମ୍ମିଳନୀର ସଫଳତା ପାଇଁ ନିଆଯାଉଥିବା ପଦକ୍ଷେପମାନ ସୂଚନା ଦେଇଥିଲେ । ସଭାପତି ପ୍ରଭାକର ସାହୁ(ଖ), ଉପସଭାପତି ଯୋଗେଶଚନ୍ଦ୍ର ବେହେରା ଓ ସଂପାଦିକା ସୁନାମଣି ଜେନାଙ୍କୁ ନେଇ ରେମୁଣାରେ ଆଂଚଳିକ ନିଶା ବିରୋଧି କମିଟି ବୈଠକରେ ଗୃହିତ ହୋଇଥିଲା । ବୈଠକରେ ସର୍ବଶ୍ରୀ ଉପଦେଷ୍ଟା ସୁବ୍ରତ କୁମାର କର, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦାସ, ଭାରତୀ ପଣ୍ଡା, ସନାତନ ଦାସ, ଗଙ୍ଗାଧର ପୃଷ୍ଟି, ପ୍ରସନ୍ନ ପାଢ଼ୀ, ରବିନାରାୟଣ ଭୋଳ, ପ୍ରଭାକର ସାହୁ(ଖ), ଯୋଗେଶ ଚନ୍ଦ୍ର ପ୍ରଧାନ ଓ ବସନ୍ତ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସମୀକ୍ଷକ ଅକ୍ଷୟ କୁମାର ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିର୍ବାଚନ ପାଇଁ ଯାନବାହାନ ଯାଞ୍ଚ ବେଳେ ୨ ଲକ୍ଷ ୬୪ ହଜାର ଜବଦ




ବାରିପଦା, ୧୩/୫ (ନି.ପ୍ର): ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ରେ ବେଆଇନ ଟଙ୍କା କାରବାର କୁ ରୋକିବା ପାଇଁ ଜିଲ୍ଲକ୍ଷରେ ସନ୍ଦେହ ଜନକ ଭାବେ ଚଳ ପ୍ରଚଳ କରୁଥିବା ଯାନବାହାନ ଗୁଡିକୁ ଫ୍ଲାଇଙ୍ଗ ସ୍କ୍ୱାଡ଼ ଟିମ ଦ୍ୱାରା କଡାକଡ଼ି ଯାଞ୍ଚ କରାଯାଉଛି । ଏହି ପରିପ୍ରେକ୍ଷୀରେ ଆଜି ଫ୍ଲାଇଙ୍ଗ ସ୍କ୍ୱାଡ଼ ଟିମ -୪ ଦ୍ୱାରା ସକାଳ ଘ ୮-୩୦ ମିନିଟ ସମୟରେ ଶ୍ୟାମାଖୁଣ୍ଟା ବ୍ଲକ ଅଧିନସ୍ଥ ରଙ୍ଗାମାଟିଆ ଛକ ଠାରେ ଓଡ-୧୧-ଝ-୯୫୬୫ ନମ୍ବର ଯୁକ୍ତ ଧଳା ବୋଲେରୋ ଗାଡି ର ଯାତାୟାତ ସମୟରେ ଏହାର ଗତିବିଧି ଉପରେ ଲକ୍ଷଚସଭଶ ସ୍କ୍ୱାଡ଼ ଟିମ ର ସନ୍ଦେହ ହେବାରୁ ଗାଡିକୁ ତାଲାସି କରାଯିବା ପରେ ଗାଡ଼ିରୁ ବାରିପଦା ସଦର ଥାନା ଅନ୍ତର୍ଗତ ସିନ୍ଦୁରଗୌରା ଗ୍ରାମ ର ରଜନୀ କାନ୍ତ ମହାନ୍ତ ଙ୍କ ସହିତ ୨,୬୪,୦୦୦/ଟଙ୍କା । ଧରାଯାଇଥିଲା ଏବଂ ଉକ୍ତ ଟଙ୍କା ବାବଦ ରେ ଶ୍ରୀ ମହାନ୍ତ ଙ୍କୁ ଆବଶ୍ୟକୀୟ କାଗଜ ପତ୍ର ମାଗିବାରୁ ସେ ବ୍ୟକ୍ତି ଜଣକ କାଗଜ ପତ୍ର ଦେଖାଇବା ପାଇଁ ସକ୍ଷମ ହୋଇନଥିଲେ । ଫଳରେ ଉକ୍ତ ଟଙ୍କା କୁ ରଙ୍ଘରମଙ୍କଙ୍ଖସଙ୍ଗର ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତି ରେ ଉପଯୁକ୍ତ ସାକ୍ଷୀ ପ୍ରମାଣ ସହିତ ଜବଦ କରାଯାଇଥିଲା ଏବଂ ଜବଦ ଟଙ୍କାକୁ ଆଇନ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ବାରିପଦା ଜିଲ୍ଲା କୋଷାଗାରରେ ଜମା କରାଯାଇ ବାରିପଦା ସଦର ଥାନା ଆଇ ଆଇ ସି ଙ୍କୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇ ଦିଆଯାଇଛି ।

# ସମୃଦ୍ଧ ଓଡିଶା ଅରୁଣ କୁମାର ବାରିକ୍‌ଙ୍କ ନାମାଙ୍କନ ପତ୍ର ଦାଖଲ

ନୀଳଗିରି, ୧୩/୫ (ନି.ପ୍ର): ସମୃଦ୍ଧ ଓଡିଶା ପାର୍ଟି ନୀଳଗିରି ବିଧାନସଭା କ୍ଷେତ୍ରରୁ ଅରୁଣ କୁମାର ବାରିକ୍ ଆଜି ତାଙ୍କର ସୀମିତ ସମର୍ଥକଙ୍କ ସହିତ ଆସି ନୀଳଗିରି ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଶ୍ରୀଯୁକ୍ତ ମନ୍ଦରଧର ମହାଳିକଙ୍କ ଠାରେ ଏକ ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ପୂର୍ବରୁ ସେ ଜୀବନବୀମା ର ସଦସ୍ୟ ରୂପେ କାର୍ଯ୍ୟ ତୁଲାଉଥିଲେ । ବର୍ତ୍ତମାନର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ପାଇଁ ଲୋକଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଛି । ଦେଶରେ ହୁ ହୁ ହୋଇ ଦରଦାମ ବୃଦ୍ଧି ପାଇଛି । ନୀଳଗିରି ଏକ ପାହାଡିଆ ଅଞ୍ଚଳ ହୋଇଥିବାରୁ ଏଠାରେ ଜଳସେଚନର ସୁବିଧା ନାହିଁ । ବେକାରୀ ସମସ୍ୟା ବୃଦ୍ଧି ପାଇବା ଫଳରେ ଯୁବସମାଜ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି । ନୀଳଗିରିରେ ବିଭିନ୍ନ ସମସ୍ୟା ଥିବାବେଳେ ଅନ୍ୟ ଦଳର ନେତାମାନେ ଜନସାଧାରଣଙ୍କୁ ବିଭିନ୍ନ ପ୍ରଲୋଭନ ଓ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାତେଇଛନ୍ତି । ତେଣୁ ସେମାନଙ୍କର ମିଥ୍ୟା ପ୍ରଲୋଭନରେ ବଶବର୍ତ୍ତୀ ନହୋଇ ଚାଷୀ, ଯୁବକ, ଖଟିଖିଆ ମାନଙ୍କୁ ସେମାନଙ୍କର ହକ ପାଇଁ ଟର୍ଚ୍ଚ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେବାପାଇଁ ସମୃଦ୍ଧ ଓଡିଶା ପ୍ରାର୍ଥୀ ଅରୁଣ କୁମାର ବାରିକ୍ ନାମାଙ୍କନ ପରେ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

# ଖପରାପଦା ମଣ୍ଡଳରେ ବିଜେପିର କର୍ମୀ ବୈଠକ



ଲଙ୍ଗଳେଶ୍ୱର , ୧୩/୫ (ନି.ପ୍ର): ଏବେ ଗାଁଠୁ ସହର ନିର୍ବାଚନ ପାଇଁ ଚଳ ଚଞ୍ଚଳ ହେଉଥିବା ବେଳେ ରବିବାର ଭାରତୀୟ ଜନତା ପାର୍ଟି ତରଫରୁ ଦେଭୋଗ ପଞ୍ଚାୟତ ପ୍ରମୁଖ ଲମ୍ବୁଦର ଗିରିଙ୍କ ବାସଭବନରେ ଭାରତୀୟ ଜନତା ପାର୍ଟି ର ନିର୍ବାଚନ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ଙ୍କ ଓଡିଶା ଗସ୍ତରେ ଆସି ନିଜର କାର୍ଯ୍ୟକର୍ତା ଙ୍କୁ ଜୁନ ୧୦ ତାରିଖ ରେ ବିଜେପି ର ମୁଖ୍ୟମନ୍ତ୍ରୀ ଶପଥ ନେବାର ଦୋହ୍ଲକ୍ତି ହେଇଥିବାରୁ ଓଡିଶା ବିଜେପି ଜୋରଦାର ପ୍ରୟାସ ଚଳାଇଛି । ଖପରାପଦା ମଣ୍ଡଳ ସଭାପତି ଲକ୍ଷ୍ମୀଧର ପ୍ରଧାନ ଙ୍କ ସଭାପତିତ୍ୱ ରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ତଥା ବସ୍ତା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପର୍ଶୁରାମ ପରିଡା, ବସ୍ତା ନିର୍ବାଚନ ମଣ୍ଡଳୀ ସଂଯୋଜକ ତଥା ସାଂସଦ ଙ୍କ ପ୍ରତିନିଧି ପ୍ରଦୀପ ପଣ୍ଡା, ବସ୍ତା ବିଧାୟକ ପ୍ରାଥୀ ରବୀନ୍ଦ୍ର ନାଥ ଅଣ୍ଡିଆ, ପୂର୍ବତନ ବିଧାୟକ ପ୍ରାଥୀ ଶ୍ୟାମପ୍ରସାଦ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ତଥା ପୂର୍ବତନ ସରପଞ୍ଚ ହରଗୋପାଳ ସିଂ, ପୂର୍ବତନ ଜିଲ୍ଲା ପରିଷଦ ପ୍ରାଥୀ ଅଜୟ ସାହୁ, ପୂର୍ବତନ ବିଧାୟକ ପ୍ରାଥୀ ମାନସ ଦାସ, ଜିଲ୍ଲା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଗୌରବ ଅଣ୍ଡିଆ ଙ୍କ ଉପସ୍ଥିତି ରେ ବୋଥ ସଭାପତି, ଶକ୍ତିକେନ୍ଦ୍ର ତ୍ରିଦେବଙ୍କୁ ଆଗାମୀ ସାଧାରଣ ନିର୍ବାଚନ ପାରି ହେବାର କୌଶଳ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସାଧାରଣ ସମ୍ପାଦକ ଅଜୟ ଜେନା, ବାଲିକୁଟି ଶକ୍ତିକେନ୍ଦ୍ର ପ୍ରମୁଖ ପ୍ରଭୁରାମ ରାଉତ, ବଳରାମପୁର ଶକ୍ତିକେନ୍ଦ୍ର ପ୍ରମୁଖ ନିମାଇଁ ଚରଣ ଦାସ, ଶ୍ରୀରାମପୁର ଶକ୍ତିକେନ୍ଦ୍ର ପ୍ରମୁଖ ମୃତ୍ୟଞ୍ଜୟ ସାହୁ,ଘଣ୍ଟୁଆ ଶକ୍ତିକେନ୍ଦ୍ର ପ୍ରମୁଖ ଦିଲ୍ଲୀପ ପାତ୍ର, କୁମ୍ଭାରୀ ଶକ୍ତିକେନ୍ଦ୍ର ପ୍ରମୁଖ ଅଞ୍ଜନ ଗିରି, ନିଖିରା ପ୍ରମୁଖ ଜଗନ୍ନାଥ ଗିରି, ଅସ୍ତି ପ୍ରମୁଖ ରବୀନ୍ଦ୍ର ନାଥ ଦାସ ଙ୍କ ସହିତ ୪୪ ବୋଥ ସଭାପତି ଓ ମଣ୍ଡଳ କାର୍ଯ୍ୟକର୍ତା ଉପସ୍ଥିତ ରହିଥିଲେ । ବୈଠକ ଶେଷରେ ଅଜୟ ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇ ବୈଠକ କୁ ସାଙ୍ଗ କରିଥିଲେ ।

## ବନବିଭାଗ ପକ୍ଷରୁ ୨୫୩ କଇଁଛ ଶାବକକୁ ସମୁଦ୍ରରେ ଛଡ଼ାଗଲା

ଲଙ୍ଗଳେଶ୍ୱର , ୧୩/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଲଙ୍ଗଳେଶ୍ୱର ବନ ବିଭାଗ ଅଧିନସ୍ତ ଚୌମୁଖ,ଡଗରା ସମୁଦ୍ର ବେଳାଭୂମି ଏବେ ଅଲିଭ ରିଡଲେ କଇଁଛଙ୍କ ଅଣ୍ଡା ଦାନ ସ୍ଥଳୀ ପାଲଟିଛି । ବର୍ଷକୁ ଶହ ଶହ ଅଲିଭ ରିଡ଼ଲେ କଇଁଛ ପର୍ଯ୍ୟାୟ କ୍ରମେ ଏଠାକୁ ଆସି ଅଣ୍ଡା ଦେଇ ପୁଣି ସମୁଦ୍ରକୁ ଫେରି ଯାଆନ୍ତି । ଅଣ୍ଡା ଦାନର ପାଖପାଖି ଦୁଇମାସ ମଧ୍ୟରେ ଅଣ୍ଡାରୁ ଶାବକ ଜନ୍ମ ନେଇ ସମୁଦ୍ରକୁ ଚାଲିଯାଆନ୍ତି । ଚୌମୁଖ ସମୁଦ୍ର ବେଳାଭୂମି ଅଲିଭ ରିଡଲେ କଇଁଛର ଅଣ୍ଡା ଦାନର ଉପଯୁକ୍ତ ସ୍ଥାନ ହୋଇଥିଲେ ମଧ୍ୟ ଚଳିତ ବର୍ଷ ବହୁ କମ ସଂଖ୍ୟକ ରିଡଲେ କଇଁଛ ଅଣ୍ଡା ଦେବାକୁ ଆସିଥିଲେ । ସମୁଦାୟ ୧୨ ଟି ପର୍ଯ୍ୟାୟରେ ଶତାଧିକ ଅଣ୍ଡା ବନବିଭାଗ ସଂଗ୍ରହ କରିଥିବା କଥା ଫରେଷ୍ଟ ଗାର୍ଡ ହୃଷିକେଶ ପ୍ରଧାନ ପ୍ରକାଶ କରିଛନ୍ତି । ପ୍ରଥମେ ଅଣ୍ଡା ଗୁଡିକୁ ସଂଗ୍ରହ କରାଯାଇ ଅସ୍ଥାୟୀ ହେଚେରୀରେ ୫୨ଦିନ ରଖାଯିବା ପରେ ସେଥିରୁ ଛୁଆ ବାହାରେ । ପରେ ଛୁଆ ଗୁଡ଼ିକୁ ସମୁଦ୍ରରେ ଛଡାଯାଇଥାଏ । ତେବେ ଆଜି ସକାଳ ସମୟରେ ୨୫୩ ଟି ଶାବକକୁ ଡଗରା ବନବିଭାଗର ଦାୟିତ୍ୱରେ ଫରେଷ୍ଟର ହୃଷିକେଶ ପ୍ରଧାନ, ଦୁର୍ଜ୍ଜୟ କରଣ,ମନ୍ମଥ ଦଲେଇ, ଅମୂଲ୍ୟ ଜେନା ପ୍ରମୁଖ ଅଲିଭ ରିଡ଼ଲେ କଇଁଛ ଶାବକମନଙ୍କୁ ସମୁଦ୍ରରେ ଛାଡିଥିଲେ ।ଅଲିଭ ରିଡ଼ଲେ କଇଁଛ ଶାବକ ଗୁଡିକ ସମୁଦ୍ରକୁ ଯାଉଥିବା ସମୟରେ ଖୁବ ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଥିଲା ।

# ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ମାତୃତ୍ୱ ଦିବସ ପାଳିତ




ବେତନଟୀ , ୧୩/୫ (ନି.ପ୍ର): ବେତନଟୀ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ମହିଳା ଦିବସ ସଦଭାବନା ଭବନ ଠାରେ ପ୍ରଜା ପିତାବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ମୟୁରଭଞ୍ଜ ଜିଲ୍ଲାର ମୁଖ୍ୟ ସଂଚାଳିକା ବରିଷ୍ଠ ରାଜଯୋଗିନୀ ବି କେ ସାବିତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଶ୍ରୀମତୀ ସଂଯୁକ୍ତା ଜୀ, ସମ୍ମାନିତ ଅତିଥି ଭାବରେ କୃଷ୍ଣଚନ୍ଦ୍ର ପୁର କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼କ୍ଟର ମନ୍ଦାକିନୀ ବେହେରା, ପ୍ରାକ୍ତନ ସି ଆର ସି ସି ସବିତା ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୟୁରଭଞ୍ଜ ଜିଲ୍ଲାର ଇକୋ କ୍ଲବ ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ 'ଶାସ୍ତ୍ରୀ' କଇଁ ଫୁଲ ପତ୍ରିକାର ସମ୍ପାଦକ ପର୍ଶୁରାମ ସାହୁ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷା ଜୟ ଶ୍ରୀ ଉପାଧ୍ୟାୟ, ଗାୟତ୍ରୀ ମିଶ୍ର ପ୍ରମୁଖ ମାତୃ ଦିବସ ପାଳନ ର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ସଂଯୁକ୍ତାଜୀଙ୍କୁ ଶ୍ରେଷ୍ଠ ମାତା ଭାବରେ ଅନୁଷ୍ଠାନ ତରଫରୁ ପୁଷ୍ପ ଗୁଚ୍ଛ, ସ୍ମୃତି ଫଳକ ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରା ଯାଇଥିଲା । ସଭା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଜିଲ୍ଲାର ସହ ସଂଚାଳିକା ବିକେ ବନିତା ଭଉଣୀ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ପଦ୍ମମାଳୀ ମହିଳା ସଂଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି । ଏଥିରେ ପଦ୍ମମାଳୀ ସଂଗଠନର ସମସ୍ତ ମହିଳା ମାନେ ସକ୍ରୀୟ ସହଯୋଗ କରିଥିଲେ ।

# ନାମାଙ୍କନପତ୍ର ଦାଖଲ କଲେ ବିଧାନସଭା ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ



ବାସୁଦେବପୁର, ୧୩/୫ (ନି.ପ୍ର): ଭଦ୍ରକ ଜିଲ୍ଲା ର ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ବିଧାନ ସଭା ପାଇଁ ବି ଜେ ଡ଼ି ର ବିଧାୟକ ପାର୍ଥି ବିଷ୍ଣୁବ୍ରତ ରାଉତରାୟ ଆଜି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ଅବସରରେ ବାସୁଦେବପୁର ରେ ଥିବା ବିଭିନ୍ନ ଦେବା ଦେବୀ ମନ୍ଦିର ରେ ପୂଜା ଅର୍ଚ୍ଚନା କରିବା ପରେ ଯାଦବ ପଡିଆ ଠାରୁ ଏକ ବିଶାଳ ଶୋଭାଯାତ୍ରା ରେ ଖୋଲା ଜିପ ରେ ସାଧାରଣ ଜନତା ଙ୍କୁ ଅଭିବାଦନ ଜଣାଇ ବାସୁଦେବପୁର ସହର ପରିକ୍ରମା କରିଥିଲେ । ବିଶାଳ ଜନ ସମୁଦ୍ର ମଧ୍ୟରେ ଦୀର୍ଘ ଦୁଇ ଘଣ୍ଟା ଧରି ସମ୍ପୂର୍ଣ ସହର ସବୁଜ ମୟ ହୋଇ ଯାଇଥିଲା । ନାମାଙ୍କନ ଶୋଭାଯାତ୍ରା ରେ ବିଧାୟକ ପାର୍ଥି ବିଷ୍ଣୁ ବ୍ରତ ଙ୍କ ସହ ପତ୍ନୀ ଋତୁପର୍ଣ୍ଣା ରାଉତ ରାୟ, ମୁନିସିପାଲିଟି ଅଦକ୍ଷା ନିବେଦିତା ବେହେରା, ବ୍ଲକ ଅଦକ୍ଷ ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ଙ୍କ ସହ ବିଭିନ୍ନ ଛାମୁଆ ସଂଗଠନ ର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ । ଆଜିର ଏହି ଲୋକାରଣ୍ୟ କୁ ନେଇ କର୍ମୀ ମାନେ ଉତ୍ସାହିତ ହେଇପଡ଼ିଛନ୍ତି ।

# ଉଦଳାରେ ଭାଜପାର ମିଶ୍ରଣ ପର୍ବ





ଉଦଳା , ୧୩/୫ (ନି.ପ୍ର): ଭାରତୀୟ ଜନତା ପାର୍ଟି ଉଦଳା ଶାଖା ତରଫରୁ ଚଳିତ ମେ ୧୨ ତାରିଖ ରବିବାର ଦିନ ସ୍ଥାନୀୟ ତୁଳସି କଲ୍ୟାଣ ମଣ୍ଡପ ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଅନ୍ୟ ରାଜନୈତିକ ଦଳ ମାନଙ୍କରେ କାର୍ଯ୍ୟରତ ଶତାଧିକ ଯୁବକ ଯୁବତୀ ନିଜ ଦଳ ଛାଡ଼ି ଭାରତୀୟଜନତା ପାର୍ଟିରେ ଯୋଗ ଦେଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଅଧ୍ୟକ୍ଷତା କରି ବିଗତ ୧୦ ବର୍ଷର ଶାସନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ, କର୍ତବ୍ୟ ପ୍ରତି ଅବିଚଳିତ ପ୍ରତିବଦ୍ଧତା ଦେଶର ବିକାଶକୁ ନୂଆ ପରିଭାଷା ଦେଇଛି ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଜଳଜୀବନ ମିଶନରେ ଓଡ଼ିଶାରେ ୫୩ ଲକ୍ଷ ପରିବାରଙ୍କ ପାଖରେ ଟ୍ୟାପ ଯୋଗେ ପିଇବା ପାଣି ପହଂଚାଇବା ପାଇଁ ୧୦ ହଜାର କୋଟି ଟଙ୍କାର ଅନୁଦାନ କେନ୍ଦ୍ରସରକାର ଦେଇଛନ୍ତି ବୋଲି ବ୍ୟକ୍ତ କରିଥିଲେ । ସେହିପରି କାଉନସିଲର ଶରତଚନ୍ଦ୍ର ଦାସ ଓଡ଼ିଶାର ବିକାଶ ପାଇଁ ମୋଦି ସରକାର ବିଜତ ୧୦ ବର୍ଷରେ ୧୮ ଲକ୍ଷ କୋଟି ଟଙ୍କାର ଅନୁଦାନ ଦେଇଛନ୍ତି ବୋଲି କହିଥିଲେ । ବରିଷ୍ଠ ନେତା ପ୍ରଭାତ ପରିଡ଼ା, କାଉନସିଲର ଧିରେନ୍ଦ୍ର ଖଣ୍ଡେଲୱାଲ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି ପ୍ରମୁଖ ଏହି ପର୍ବରେ ଯୋଗ ଦେଇ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅରାଜକତା ଚାଲିଛି, ସରକାରୀ ଚାକିରି ବିକ୍ରୀ ହେଉଛି, ଡ୍ରପଆଉଟ ହାରରେ ଓଡ଼ିଶା ୧ ନଂ ସ୍ଥାନରେ ଅଛି, ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ଯୋଜନାରେ କେବଳ ଘରୋଇ ଡ଼ାକ୍ତରଖାନା ମାନଙ୍କୁ ପୋଷା ଯାଉଛି ବୋଲି ଭାଷଣ ମାଧ୍ୟମରେ କହିଥିଲେ । ଏହାପରେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେବା ପାଇଁ ଆସିଥିବା ନବାଗତ ଯୁବକ ଯୁବତୀ ମାନଙ୍କୁ ଦଳ ତରଫରୁ ଉତରୀୟ ଓ ଟୋପି ପ୍ରଦାନ ପୂର୍ବକ ସ୍ୱାଗତ ଜଣାଯାଇଥିଲା । ପ୍ରାରମ୍ଭରେ ପ୍ରାଣକୃଷ୍ଣ ବେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ସେକ ଏହେସାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିରାଟ ପଟୁଆରରେ ଆସି ନାମାଙ୍କନ ଦାଖଲ କଲେ ବିଜେଡ଼ି ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ



ନୀଳଗିରି , ୧୩/୫ (ନି.ପ୍ର): ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ୪ଗୋଟି ଲୋକସଭା ଆସନ ଓ ୨୮ଗୋଟି ବିଧାନସଭା ପାଇଁ ଭୋଟ ଗ୍ରହଣ ଚାଲିଥିବା ବେଳେ ନୀଳଗିରି ବିଧାନସଭା ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବିଜେଡ଼ି ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ । ପୂର୍ବାହ୍ନ ପ୍ରାୟ ୮ଘଟିକା ଠାରୁ ଲୋକମାନଙ୍କର ସମାଗମ ଦେଖିବାକୁ ମିଳିଥିଲା । ଦିନ ପ୍ରାୟ ୧୧ଘଟିକା ବେଳକୁ ରଥଦାଣ୍ଡ ଲୋକାରଣ୍ୟ ହୋଇ ରଥଯାତ୍ରାର ଭ୍ରମ ସୃଷ୍ଟି ହୋଇଥିଲା । ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ ଏବଂ ବାଲେଶ୍ୱର ଲୋକସଭା ପ୍ରାର୍ଥୀନୀ ଡ଼ଃ ଲେଖାଶ୍ରୀ ସାମନ୍ତସିଂହାର ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଜଗନ୍ନାଥ, ମାତା ସୁଭଦ୍ରା, ପ୍ରଭୁ ବଳରାମଓ ମାତା ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବା ସହିତ ଆଶିଷ ଭିକ୍ଷା କରି ସୁସଜ୍ଜିତ ଗାଡ଼ିରେ ବସି ପ୍ରାୟ ୩୦ହଜାର ସମର୍ଥକଙ୍କ ସହିତ ନାମାଙ୍କନ ଦାଖଲ କରିବା ପାଇଁ ବାହାରିଥିଲେ । ଏହି ଶୋଭାଯାତ୍ରାରେ ଏତେ ସଂଖ୍ୟକ ଲୋକଙ୍କ ସମାଗମ ହୋଇଥିଲା ଯେ ପୁରା ବଡ଼ଦାଣ୍ଡ ଶଙ୍ଖମୟ ଦେଖାଯାଉଥିଲା । ଶଙ୍ଖ, ଧୁମସା, ମାଦଳ, ଡ୍ରମ ବାଜା,ବ୍ୟାଣ୍ଡପାର୍ଟିର ତାଳେ ତାଳେ ବୁଢ଼ା ଠାରୁ ବୁଢ଼ୀ, ଏପରିକି ଯୁବ ସମର୍ଥକ ନବୀନ ପଟ୍ଟନାୟକ, ସୁକାନ୍ତ ନାୟକ ଏବଂ ଲେଖାଶ୍ରୀ ଙ୍କ ଜୟଧ୍ୱନି ଦେଇ ଆଗାମୀ ନିର୍ବାଚନରେ ଜିତାଇ ଆଣିବାକୁ ନାରା ଦେଇ ନାଚିନାଚି ଯାଉଥିବା ଦେଖିବାକୁ ମିଳିଥିଲା । ଦୁଇ ତିନି ଘଣ୍ଟା ପାଇଁ ରଥଦାଣ୍ଡ ଜାମ ହୋଇ ପଡିଥିବା ବେଳେ ନୀଳଗିରିର ୪ପ୍ରବେଶ ପଥ ମଧ ଜାମ ହୋଇ ପଡିଥିଲା । ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା । ଶୋଭାଯାତ୍ରା ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ବିଧାୟକ ପ୍ରାର୍ଥୀ ସୁକାନ୍ତଙ୍କ ସହିତ ନୀଳଗିରି ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନଏସି ଅଧ୍ୟକ୍ଷା ଅମ୍ବିକା ଦାସ, ୧୧ନଂ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ବରିଷ୍ଠ ଆଇନଜୀବି ଅମରେନ୍ଦ୍ର ପଟ୍ଟନାୟକଙ୍କ ସହିତ ବିଜେଡ଼ି ଲୋକସଭା ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ଠାରେ ୨ସେଟ୍ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଆଜିର ଏହି ସମାବେଶ ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଏକ ବିରାଟ ବିଜୟ ସମ୍ଭାବନା ଆଡ଼କୁ ଆଗେଇ ନେଇଥିବା ସମର୍ଥକ କହିଛନ୍ତି । ଏହି ନାମାଙ୍କନ ଦାଖଲ ସମାବେଶରେ ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ଜିଲ୍ଲା ଯୁବବିଜେଡ଼ି ସଭାପତି ତାପସ ପରିଡା, ସିନେ ଅଭିନେତ୍ରୀ ଜିନା ସାମଲ, ବ୍ଲକ୍ ସଭାପତି ବିଜୟ ଲେଙ୍କା, ରାଜ୍ୟ ଯୁବ ସମ୍ପାଦକ ତାପସ ପାଣିଗ୍ରାହୀ, ୧୧ନଂ ଜିଲ୍ଲାପରିଷଦ ସଭ୍ୟା ସୁବର୍ଣ୍ଣମଞ୍ଜରୀ ସିଂ, ୧୮ନଂ ଜିଲ୍ଲାପରିଷଦ ସଭ୍ୟ ନୀଳାମ୍ବର ମହାଳିକ, ବାହାନଗା ବ୍ଲକର ପୂର୍ବତନ ଅଧକ୍ଷ ଶରତ ରାଜ, ବରିଷ୍ଠ ବିଜେଡି ନେତା ଗଙ୍ଗାଧର ମିଶ୍ର, ଏସସି ସେଲ୍ ଅଧକ୍ଷ ଶରତ ଦାସ,ନଗରସଭାପତି ରବୀନ୍ଦ୍ର ପରିଡା, ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, ସମିତିସଭ୍ୟ ରାଜୀବ ଦାସବାବୁ, ଆରବନ୍ଧ ସରପଞ୍ଚ କୁଳମଣୀ ନାୟକ, ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ, ବିନୋଦ ମହାନ୍ତି, ରାମକୃଷ୍ଣ ମହାପାତ୍ର, ଯୁବନେତା ଉପେନ୍ଦ୍ର ନାୟକ ପ୍ରମୁଖ ସାମିଲ ଥିଲେ ।

# ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୩ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୧୩/୫ : ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଣ୍ଟ ମୂଲ୍ୟ ବ୍ୟାରେଲ ପିଛା ୮୩ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୭୯ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୩.୯୪ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୦.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୪.୩୪ଟଙ୍କା ରହିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo